(ପୃଷ୍ଠା-୧୨+୮)

48

# ଧରିତ୍ରୀ
DHARITRI

୪୮

ଢେଙ୍କାନାଳ, ବୁଧବାର, ନଭେମ୍ବର ୨୪/୨୦୨୧ (୧୨+୮=୨୦ ପୃଷ୍ଠା) | Dhenkanal, Wednesday, November 24/2021 | ★★★★★

୧୭ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

DSPL-275

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ

୨୪ ନଭେମ୍ବର ୨୦୨୧ ବୁଧବାର | ସକାଳ ୯.୩୦ ରୁ ୧୧ ଘଟିକା

**ସ୍ଥାନ: ଉତ୍ତର-ପୂର୍ବ କୋଣ | ଶ୍ରୀମନ୍ଦିର | ପୁରୀ**



## ଶ୍ରୀମନ୍ଦିର ପରିକ୍ରମା ମୁଖ୍ୟାଂଶ

• ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା କରିଡର ସହ ସବୁଜ ବଳୟ ସୃଷ୍ଟି ଏବଂ ସୌନ୍ଦର୍ଯ୍ୟକରଣ • ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ପରିକ୍ରମା ନିମନ୍ତେ ଅନ୍ତଃ ଓ ବାହ୍ୟ ପ୍ରଦକ୍ଷିଣ ପଥ • ଚତୁଃପାର୍ଶ୍ୱରେ ଥିବା ମଠ ଏବଂ ମନ୍ଦିର ଗୁଡ଼ିକର ପୁନର୍ବିନ୍ୟାସ • ରଥଯାତ୍ରା ଏବଂ ଅନ୍ୟାନ୍ୟ ଯାନିଯାତ୍ରା ସମୟରେ ବ୍ୟବହାର ପାଇଁ ସ୍ୱତନ୍ତ୍ର ପ୍ରଦକ୍ଷିଣ ପଥ • ଭକ୍ତଙ୍କ ସାମଗ୍ରୀ ରଖିବା ନିମନ୍ତେ ଗୃହ • ସମସ୍ତ ଦ୍ୱାରରେ ସୂଚନା ଓ ଦାନ କେନ୍ଦ୍ର • ତୀର୍ଥଯାତ୍ରୀଙ୍କ ପାଇଁ ଆରକ୍ଷୀ ସେବା କେନ୍ଦ୍ର, ପାନୀୟଜଳ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଶୌଚାଳୟ ଏବଂ ଏ.ଟି.ଏମ୍ ସୁବିଧା • ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟର ପୁନର୍ବିନ୍ୟାସ • ୬୦୦୦ ଭକ୍ତଙ୍କ ସୁବିଧା ନିମନ୍ତେ ଅଭ୍ୟର୍ଥନା ପ୍ରକୋଷ୍ଠ • ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱରେ ଭକ୍ତଙ୍କ ପାଇଁ ଆଶ୍ରୟସ୍ଥଳୀ ।

ବିଭିନ୍ନ ଟିଭି ଚ୍ୟାନେଲରେ ଏହି **ଐତିହାସିକ ଶିଳାନ୍ୟାସର ସିଧା ପ୍ରସାରଣ** ଦେଖିବା ପାଇଁ ବହୁ ସଂଖ୍ୟାରେ ଯୋଡ଼ି ହୁଅନ୍ତୁ ।

ୱେବ ପ୍ରସାରଣ ଦେଖିବା ପାଇଁ ଅନୁସରଣ କରନ୍ତୁ:
ୱେବସାଇଟ୍: **https://www.shreejagannatha.in**
ଟ୍ୱିଟର: https: **//twitter.com/SJTA_Puri**

ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ

OIPR-34106/13/0025/2122




ଧରିତ୍ରୀର ୪୮ତମ ଜନ୍ମ ଦିବସ ଉପଲକ୍ଷେ ମଙ୍ଗଳବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହରେ ବାର୍ଷିକ ବିଶେଷାଙ୍କ 'ସୂତାଖିଅରେ ବିଶ୍ୱ'କୁ ଉନ୍ମୋଚନ କରୁଛନ୍ତି (ବାମରୁ) ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ, ଲାଲା ସୁନୀଲ କୁମାର ରଥ, ଜିତେନ୍ଦ୍ର କୁମାର ନାୟକ, ସାହିତ୍ୟାୟନ ସମ୍ପାଦନା ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ।



ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସମାରୋହରେ ଉପସ୍ଥିତ ଧରିତ୍ରୀ ପରିବାର।



ଉଦ୍‌ବୋଧନ ଦେଉଛନ୍ତି ହର୍ଷବର୍ଦ୍ଧନ ବେହେରା, ଯାଜପୁର ଜିଲା ପ୍ରତିନିଧି



ରଞ୍ଜିତ ରାଉତ
ରସୁଲପୁର ବ୍ଲକ ପ୍ରତିନିଧି



ଅନିଲ କୁମାର ଦାସ
ବରିଷ୍ଠ ଖବରଦାତା, ଭୁବନେଶ୍ୱର



ରବୀନ୍ଦ୍ର ମହାକୁଡ଼
ଜଟଣୀ ପ୍ରତିନିଧି



ପ୍ରଭାତ ମହାପାତ୍ର
ପିପିଲି ପ୍ରତିନିଧି



ସମର ବିଜୟ ଶରଣ
ଯାଜପୁର ସଦର ପ୍ରତିନିଧି



ଅସମାପିକା ସାହୁ
ଖବରଦାତା, ଭୁବନେଶ୍ୱର



ପ୍ରଭାତ ପାଣିଗ୍ରାହୀ
ଖୋର୍ଦ୍ଧା ଜିଲା ପ୍ରତିନିଧି



ରତନ ନାୟାର
ଢେଙ୍କାନାଳ ଜିଲା ପ୍ରତିନିଧି



ମାନସ ବିଶ୍ୱାଳ
ବାଲେଶ୍ୱର ଜିଲା ପ୍ରତିନିଧି



ଲୋକନାଥ ମିଶ୍ର
ନୟାଗଡ଼ ଜିଲା ପ୍ରତିନିଧି



ମାନସ ରଞ୍ଜନ ମହାନ୍ତି
ଯୋଡ଼ା ପ୍ରତିନିଧି



ବାବୁ ମହଲ ଟିମ୍‌ର ସଦସ୍ୟ



ଉତ୍କଳ ଗୌରବ ନନ୍ଦ
କାର୍ଟୁନିଷ୍ଟ



ପ୍ରତାପ କୁମାର ବେହେରା
ଆକାଉଣ୍ଟସ ବିଭାଗ




# ଶୀତ ପ୍ରବାହ ପାଇଁ ସତର୍କତା



DSPL266

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

OIPR-24007/13/0006/2122

@OSDMA.org
@osdmaodisha

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର



## ସାର୍ବଜନୀନ ହେଉ କୃଷି ଆଇନ ରିପୋର୍ଟ

୩ କୃଷି ଆଇନ ଉପରେ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ କମିଟିର ରିପୋର୍ଟକୁ ସାର୍ବଜନୀନ କରିବାକୁ କମିଟି ସଦସ୍ୟ ଅନିଲ ଘନୱତ୍ ସିଜେଆଇ ଏନ୍.ଭି. ରମନାଙ୍କୁ ପତ୍ର ଲେଖିଛନ୍ତି। ୦୮

୦୫

## ଜୁନିୟର ବିଶ୍ୱକପ ପ୍ରକୃତ ପ୍ଲାଟ୍‌ଫର୍ମ

ସିନିୟର ଦଳପାଇଁ ପ୍ରତିଭା ଚୟନ କରିବାକୁ ଜୁନିୟର ବିଶ୍ୱକପ ହିଁ ପ୍ରକୃତ ପ୍ଲାଟ୍‌ଫର୍ମ ବୋଲି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।



# ଘୁଞ୍ଚୁଛି ହିମାଳୟ ଗ୍ଲେସିୟର



**ନୂଆଦିଲ୍ଲୀ, ୨୩।୧୧**

ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ବିଶ୍ୱରେ ଗ୍ଲେସିୟର ବା ହିମବାହ ବ୍ୟାପକ ମାତ୍ରାରେ ତରଳିବାରେ ଲାଗିଛି। ଏଥିଯୋଗୁ ସମୁଦ୍ରପତ୍ତନ ବୃଦ୍ଧି ଭବିଷ୍ୟତରେ ବଡ଼ ବିପର୍ଯ୍ୟୟର ଆଶଙ୍କା ବଢ଼ାଇଛି। ଏବେ ବୈଜ୍ଞାନିକଙ୍କ ନଜରକୁ ଏପରି ଏକ ଅଦ୍ଭୁତ ଘଟଣା ଆସିଛି ଯାହା ବେଶ ଚିନ୍ତାଜନକ। ହିମାଳୟ ଗ୍ଲେସିୟର ଏହାର ମୁଖ୍ୟସ୍ଥାନରୁ ଘୁଞ୍ଚିବା ଗବେଷକଙ୍କ ଧ୍ୟାନ କେନ୍ଦ୍ରିଭୂତ କରିଛି। ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ଏବଂ ଟେକ୍ଟୋନିକ୍ ଗତିବିଧିକୁ ବୈଜ୍ଞାନିକମାନେ ଏଥିପାଇଁ ଦାୟୀ କରିଛନ୍ତି। ୱାଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହିମାଳୟନ ଜିଓଲୋଜି (ଡବ୍ଲ୍ୟୁଆଇଏଚ୍‌ଜି) ଡେରାଡୁନ୍‌ର ଏକ ବୈଜ୍ଞାନିକ ଟିମ୍ ଦ୍ୱାରା ହୋଇଥିବା ଏହି ଅଧ୍ୟୟନ ରିପୋର୍ଟ ଜିଓସାଇନ୍ସ ଜର୍ନାଲରେ ପ୍ରକାଶିତ ହୋଇଛି।

ଉତ୍ତରାଖଣ୍ଡର ପିଠୋରାଗଡ ଜିଲା କାଳୀ ଗଙ୍ଗା ଉପତ୍ୟକାରେ ଏକ ହିମବାହ ଉପରେ ଭାରତୀୟ ଗବେଷକ ଅଧ୍ୟୟନ କରୁଥିଲେ। ଉକ୍ତ ଗ୍ଲେସିୟର ଅସ୍ୱାଭାବିକ ଭାବେ ଏହାର ଗତିବିଧି ବଦଳାଇଥିବା ସେମାନଙ୍କ ନଜରକୁ ଆସିଛି। ଜଳବାୟୁ ପରିବର୍ତ୍ତନ ସମେତ ଟେକ୍ଟୋନିକ ଗତିବିଧି ମଧ୍ୟ ଗ୍ଲେସିୟର ସ୍ଥିତିକୁ ପ୍ରଭାବିତ କରୁଥିବା ସେମାନେ ଜାଣିବାକୁ ପାଇଛନ୍ତି। ଗ୍ଲେସିୟର ଗତିବିଧି ଗତ ଫେବୃୟାରୀ ୭ରେ ଚାମୋଲିରେ ହିମସ୍ଖଳନ ଓ ଭୂସ୍ଖଳନ ଜନିତ ବିପର୍ଯ୍ୟୟରେ ୨ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟଣା ପଛର କାରଣକୁ ମଧ୍ୟ ଅଧିକ ସ୍ପଷ୍ଟ କରିଛି। ୬ କିଲୋମିଟର ଉଚ୍ଚ ରୋଣ୍ଟି ଶିଖରରେ ଏକ ବିଶାଳକାୟ ବରଫ ଏବଂ ପଥର ଖଣ୍ଡ ସ୍ଲୋପ୍‌ରୁ ଅଲଗା ହୋଇଯିବା କାରଣରୁ ଖସି ପଡ଼ିଥିଲା। ଏଥିଯୋଗୁ ବଡ଼ ଧରଣର ଭୂସ୍ଖଳନ ହୋଇଥିଲା। ମାଟି, ପଥର ଓ ବରଫ ମିଶ୍ରିତ ଆବର୍ଜନାର ଶକ୍ତି ଦ୍ରୁତବେଗରେ ମାଡ଼ିଆସି ପ୍ରାୟ ୨୦ ହେକ୍ଟର ଜଙ୍ଗଲ ☞ପୃଷ୍ଠା-୨

# ଶିଳ୍ପ କଲେ ୨୫୦ କୋଟି ପର୍ଯ୍ୟନ୍ତ ସହାୟତା

## ଇଲେକ୍ଟ୍ରୋନିକ୍ସ ନୀତି-୨୦୨୧କୁ କ୍ୟାବିନେଟ ମୋହର

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

୨୦୨୬ ସୁଦ୍ଧା ଓଡ଼ିଶାକୁ ଇଲେକ୍ଟ୍ରୋନିକ୍ସ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯିବ। ଏଭଳି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଓଡ଼ିଶା ଇଲେକ୍ଟ୍ରୋନିକ୍ସ ନୀତି-୨୦୨୧ ପ୍ରସ୍ତୁତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ କ୍ୟାବିନେଟ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମାନୁଫାକ୍ଚରିଂ (ଇଏସ୍‌ଡିଏମ୍) ଶିଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ଏହା ସହାୟକ ହେବ। ରାଜ୍ୟରେ ଶିଳ୍ପ ଉପଯୋଗୀ ବାତାବରଣ ସୃଷ୍ଟି ସହ ଉତ୍ତମ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଏହି ନୀତି ଜରିଆରେ ସହାୟତା ପ୍ରଦାନ କରାଯିବ। ଇଏସ୍‌ଡିଏମ୍ ୟୁନିଟ୍‌ଗୁଡ଼ିକୁ ପୁଞ୍ଜିନିବେଶ ଆଧାରରେ ୧୦ କୋଟିରୁ ୨୫୦ କୋଟି ପର୍ଯ୍ୟନ୍ତ ସହାୟତା ପ୍ରଦାନ ଲାଗି ଏଥିରେ ବ୍ୟବସ୍ଥା କରାଯାଇଛି।

କ୍ୟାବିନେଟ ବୈଠକରେ ମୋଟ ୨୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଇଲେକ୍ଟ୍ରୋନିକ୍ସ ନୀତିରେ ଶିଳ୍ପ ଉଦ୍ୟୋଗୀମାନଙ୍କୁ ସହାୟତା ଦେବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ୧୦ଟି ନୂତନ ପୁଞ୍ଜିନିବେଶ ଏବଂ ସମ୍ପ୍ରସାରଣକୁ ଉତ୍ପାଦନଭିତ୍ତିକ ସହାୟତା ବାବଦରେ ବାର୍ଷିକ କାରବାରର ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପାଇଁ ୧ ପ୍ରତିଶତ ପ୍ରଡକ୍ସନ ଲିଙ୍କଡ୍ ଇନ୍‌ସେଣ୍ଟିଭ୍ (ପିଏଲ୍‌ଆଇ) ଯୋଗାଇ ଦିଆଯିବ। ଇଏସ୍‌ଡିଏମ୍ ୟୁନିଟ୍‌ଗୁଡ଼ିକୁ ସେମାନଙ୍କ ପୁଞ୍ଜିନିବେଶ ଆଧାରରେ ୧୦ କୋଟିରୁ ୨୫୦ କୋଟି ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ। ଉଦ୍ୟୋଗୀମାନଙ୍କୁ ବିଦ୍ୟୁତ୍ ଶୁଳ୍କ, ଇନ୍ସପେକ୍ସନ ଫି' ୫ ବର୍ଷ ପର୍ଯ୍ୟନ୍ତ ଛାଡ଼ କରାଯିବ। ଯୋଗ୍ୟ ଉଦ୍ୟୋଗୀମାନଙ୍କୁ ବିଦ୍ୟୁତ୍ ବିଲ୍ ଉପରେ ୩୦% ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ଜମି କ୍ରୟ ସମୟରେ ଶତ ପ୍ରତିଶତ ଷ୍ଟାମ୍ପଡ୍ୟୁଟି ଏବଂ ଦ୍ୱିତୀୟଥର ପାଇଁ ୫୦% ଛାଡ଼ କରାଯିବ। ଚାଷ ଜମିକୁ ଶିଳ୍ପ ଉପଯୋଗୀ ଜମିରେ ପରିବର୍ତ୍ତନ କରିବା ପାଇଁ ହେଉଥିବା ଖର୍ଚ୍ଚର ୧୦୦ ପ୍ରତିଶତ ଯୋଗାଇ ଦିଆଯିବ। ମହିଳା, ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମ ଉଦ୍ୟୋଗୀମାନଙ୍କୁ ୧୦ ପ୍ରତିଶତ ସର୍ବାଧିକ ୧ କୋଟି ପର୍ଯ୍ୟନ୍ତ ଅତିରିକ୍ତ ସହାୟତା ଯୋଗାଇ ☞ପୃଷ୍ଠା-୨

- **୫ ବର୍ଷ ଯାଏ ବିଦ୍ୟୁତ୍, ଇନ୍ସପେକ୍ସନ ଫି, ଷ୍ଟାମ୍ପ ଡ୍ୟୁଟି ଛାଡ଼**
- **ଠିକ୍ ସମୟରେ ଶୁଝିଲେ ଋଣ ସୁଧ ଉପରେ ୫% ରିହାତି**
- **ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଲେ ମିଳିବ ଅତିରିକ୍ତ ପ୍ରୋତ୍ସାହନ**
- **୨୪ ପ୍ରସ୍ତାବକୁ ଅନୁମୋଦନ**

# ଏମ୍‌କେୟୁୱାଇ ପାଇଁ ୫୦୦ କୋଟି ବ୍ୟୟବରାଦ

## ଓଡ଼ିଶା ଉଦ୍ୟାନ କୃଷି ସେବା (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୪, ଶିଳ୍ପ ନୀତି-୨୦୧୫ ସଂଶୋଧିତ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ରାଜ୍ୟର କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟବସାୟିକ ଉଦ୍ୟୋଗ ପ୍ରତିଷ୍ଠା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ୨୦୧୮ରୁ କାର୍ଯ୍ୟକାରୀ ହୋଇଛି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ)। ଆସନ୍ତା ୫ ବର୍ଷ ପାଇଁ ସରକାର ଏହି ଯୋଜନାରେ ୪୮୪.୧୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା କୃଷି ଉଦ୍ୟୋଗୀଙ୍କୁ ରିହାତି ପ୍ରଦାନ କରିବା ଦିଗରେ ସହାୟକ ହେବ। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ଉଦ୍ୟାନ କୃଷି ସେବା (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୪ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ପୂର୍ବରୁ ଥିବା ନିୟମ ପଦୋନ୍ନତି ଜରିଆରେ ପଦବୀ ପୂରଣରେ ସମସ୍ୟା ସୃଷ୍ଟି କରୁଥିଲା। ଓଡ଼ିଶା ଉଦ୍ୟାନ କୃଷି ସେବା (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ସଂଶୋଧନ ନିୟମାବଳୀ-୨୦୨୧ କାର୍ଯ୍ୟକାରୀ ହେବା ଫଳରେ ଖାଲିଥିବା ପଦବୀ ନିର୍ଦ୍ଧାରିତ ସମୟରେ ପଦୋନ୍ନତି ଜରିଆରେ ପୂରଣ କରାଯାଇପାରିବ। ଅନୁରୂପ ଭାବେ ରାଜ୍ୟ ସରକାର ଶିଳ୍ପ ନୀତି-୨୦୧୫କୁ ସଂଶୋଧନ କରିଛନ୍ତି। ☞ପୃଷ୍ଠା-୨

## ଶ୍ରଦ୍ଧାଞ୍ଜଳି



ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

## ବୁଲ୍‌ଗେରିଆରେ ବସ୍ ଜଳିଗଲା: ୧୨ ଶିଶୁଙ୍କ ସମେତ ୪୬ ଦଗ୍ଧ

ପୃ:୮

**ଆଜିର ସମ୍ପାଦକୀୟ**

ଦେଶରୁ ଊର୍ଦ୍ଧ୍ୱ









**ଆଜିର ମନ୍ତବ୍ୟ**

"ଜିଏସ୍‌ଟିରେ ୧୪୦ ପ୍ରତିଶତ ବୃଦ୍ଧି 'ଅଚ୍ଛେ ଦିନ୍' ନାରାର ପ୍ରକୃତ ଚେହେରା ଦେଖାଉଛି। ଦରଦାମ ବୃଦ୍ଧି ଭଳି ବାସ୍ତବ ସମସ୍ୟାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଭାଜପା ସରକାର ଜାତି ଓ ଧର୍ମ ଭଳି ପ୍ରସଙ୍ଗ ଉଠାଉଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଲିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ପଣରେ ତ ସରିଛି
ଠାକୁରଙ୍କ ଘରେ ନିତି ପାଣି ଢଳା
ହଳଦୀ ସିନ୍ଦୂର ଜରିଛି।**

ସାଧାରଣତଃ ମଠ, ମନ୍ଦିର ତଥା ଆଶ୍ରମରେ କେତେକ ଭଣ୍ଡ ସାଧୁ ଲୋକଙ୍କ ଧର୍ମୀୟ ଭାବନା ସହ ବିଶ୍ୱାସଘାତ କରୁଥିବାର ଦେଖିବାକୁ ମିଳିଥାଏ। ଉପରେ ଉପରେ ସାଧୁର ସମସ୍ତ ବେଶ ଏବଂ କର୍ମକୁ ଅନୁସରଣ କରି ଭିତରେ ଭିତରେ ଠକୁଥିବା ଭଣ୍ଡ ସାଧୁଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠକମ୍ ଠକା
କାମ କରୁଛି ବଙ୍କା ବଙ୍କା।**

ସାଧାରଣତଃ ଠକ ପ୍ରକୃତିର ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ କାମ ନ କରିବା ନେଇ ବିଭିନ୍ନ ପ୍ରକାର ବାହାନା ଦେଖାଇଥାନ୍ତି। ଏପରି ବ୍ୟକ୍ତିଙ୍କ ଦ୍ୱାରା କୌଣସି କାମ ଠିକ୍ ଢଙ୍ଗରେ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୪ବର୍ଷ ପରେ ଗୀତାଞ୍ଜଳି ହତ୍ୟା ମାମଲାର ରାୟ

## ସ୍ୱାମୀ, ଶ୍ୱଶୁରଙ୍କୁ ଆଜୀବନ ଜେଲ

ଢେଙ୍କାନାଳ ଅଫିସ, ୨୩।୧୧

ଢେଙ୍କାନାଳ ଜିଲା ରାସୋଳ ଥାନା କୁନ୍ଥୁଆ ଗ୍ରାମର ବହୁଚର୍ଚ୍ଚିତ ଗୀତାଞ୍ଜଳି ଖିଲାର ହତ୍ୟାକାଣ୍ଡ ମାମଲାର ରାୟ ୪ବର୍ଷ ପରେ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଅଜୟ ଖିଲାର ଓ ଶ୍ୱଶୁର ମୁରଲୀଧର ଖିଲାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କୁନ୍ଥୁଆ ଗ୍ରାମର ଅଜୟ ନବକିଶୋରପୁରର ଅଥାନି ବେହେରାଙ୍କ ଝିଅ ଗୀତାଞ୍ଜଳିଙ୍କୁ ୨୦୧୪ ମାର୍ଚ୍ଚ ୯ରେ କଦଳୀପାଳ ଶିବମନ୍ଦିରରେ ବିବାହ କରିଥିଲେ। ବିବାହ ସମୟରେ ଅଥାନି ସାମର୍ଥ୍ୟ ଅନୁଯାୟୀ ଯୌତୁକ ଦେଇଥିଲେ। ତେବେ ବିବାହର କିଛିଦିନ ପରେ ୩୦ହଜାର ଟଙ୍କା ଯୌତୁକ ଦାବି କରି ସ୍ୱାମୀ ଅଜୟ, ଶାଶୁ ଗୋଲାପ, ଶ୍ୱଶୁର ମୁରଲୀ, ଖୁଡ଼ୀ ଶାଶୁ ମିଟି ମିଶି ଗୀତାଞ୍ଜଳିଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। କଷ୍ଟ ଅସହ୍ୟ ହେବାରୁ ସେ ବାପଘରେ ଆସି ରହୁଥିଲେ। ଘଟଣାର ୫ଦିନ ପୂର୍ବରୁ ଶାଶୁଘର ଲୋକେ ଗୀତାଞ୍ଜଳିଙ୍କୁ ନେଇଆସିଥିଲେ। ତେବେ ୨୦୧୭ ଡିସେମ୍ବର ୧୨ ସନ୍ଧ୍ୟାରେ ଝିଅକୁ ତଣ୍ଟିଚିପି ହତ୍ୟା କରାଯାଇଥିବା ନେଇ ଖବର ମିଳିଥିଲା। ଏ ନେଇ ଅଥାନିଙ୍କ ଅଭିଯୋଗକ୍ରମେ ରାସୋଳ ଥାନାରେ ନଂ. ୧୧୩/୧୭, ଦଫା ୪୯୮(ଏ), ୩୦୪(ବି), ୩୦୨, ୩୪ ଓ ୪ ଡିପି ଆକ୍ଟରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀ ଏବଂ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୨୩/୨୦୧୮ ଅନୁଯାୟୀ ୨୦ ଜଣଙ୍କ ସାକ୍ଷ୍ୟପ୍ରମାଣ, ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ, ୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସେହିପରି ୩୦୪ (ବି) ଦଫାରେ ୭ବର୍ଷ ଜେଲଦଣ୍ଡ, ୪୯୮ (ଏ) ଦଫାରେ ବର୍ଷେ ଜେଲଦଣ୍ଡ, ୩ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ୬ମାସ କରାଦଣ୍ଡ, ୪ ଡିପି ଆକ୍ଟରେ ୬ମାସ କାରାଦଣ୍ଡ ଓ ୩ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଏସବୁ ଦଣ୍ଡ ସମାନ୍ତରାଳ ଭାବେ ଲାଗୁ ହେବ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିଲେ।

# ଓଡ଼ିଶା ଗସ୍ତରେ ଏଆଇସିସି ସଂଖ୍ୟାଲଘୁ ବିଭାଗ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଂଖ୍ୟାଲଘୁ ବିଭାଗକୁ ସୁଦୃଢ଼ କରାଯିବ। ଏଥିପାଇଁ ଅଖିଳ ଭାରତ କଂଗ୍ରେସ କମିଟି ସଂଖ୍ୟାଲଘୁ ବିଭାଗର ଓଡ଼ିଶା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଅବଦୁଲ ରହମନ ଖାନ ବୁଧବାର ଦିନିକିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ରହମନ ରାଜ୍ୟ ଏବଂ ସମସ୍ତ ଜିଲାର ସଂଖ୍ୟାଲଘୁ ନେତା ଓ କର୍ମୀମାନଙ୍କୁ ଭେଟିବେ। ଦଳକୁ ରାଜ୍ୟରେ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ରହମନ ସଂଖ୍ୟାଲଘୁ କର୍ମୀ ଓ ନେତୃବୃନ୍ଦଙ୍କୁ ଭେଟି ସୁଚିନ୍ତିତ ପରାମର୍ଶ ଦେବେ ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ଆଜି ମହିଳା କଂଗ୍ରେସର କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର ପୂର୍ବାହ୍ନରେ କଂଗ୍ରେସ ଭବନସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ପ୍ରଦେଶ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତା କରିବେ। ନବନିଯୁକ୍ତ ପ୍ରଦେଶ ମହିଳା କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରିଣୀ ସଭ୍ୟାଗଣ ଓ ଜିଲା ମହିଳା କଂଗ୍ରେସ କମିଟିର ସଭାନେତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ପ୍ରଥମ ପୃଷ୍ଠାରୁ...

### ଶିଳ୍ପ କଲେ ୨୫୦...

ଦେବାର ବ୍ୟବସ୍ଥା ରହିଛି। ଯେଉଁମାନେ ଲିଜ୍‌ରେ କରୁଥିବେ ସେମାନଙ୍କୁ ଅତିରିକ୍ତ ୨୫% ସର୍ବାଧିକ ୧୦ ଲକ୍ଷ ରିହାତି ୫ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ଏହି ନୀତିରେ ସ୍ଥାନୀୟ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ଅଗ୍ରାଧିକାର ଦେବାର ବ୍ୟବସ୍ଥା ରହିଛି। ଯେଉଁ ଉଦ୍ୟୋଗୀମାନେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ନିଯୁକ୍ତି ଯୋଗାଇ ଦେବେ ସେମାନଙ୍କୁ ଅତିରିକ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନିଯୁକ୍ତି ନିମନ୍ତେ ଓଡ଼ିଶାର ଲୋକମାନଙ୍କ ସକାଶେ ସର୍ବନିମ୍ନ ୮୦୦୦ ଟଙ୍କାରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ୩ ବର୍ଷ ପାଇଁ ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି। ମହିଳା, ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ୨୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯିବ। ଯେଉଁ ଇଲେକ୍ଟ୍ରୋନିକ୍ସ ଶିଳ୍ପୋଦ୍ୟୋଗୀମାନେ ଦୀର୍ଘମିଆଦୀ ସୂତ୍ରରେ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାରୁ ଋଣକରି ଠିକ୍ ସମୟରେ ପରିଶୋଧ କରୁଥିବେ, ସେମାନଙ୍କ ଋଣ ଉପରେ ବାର୍ଷିକ ୫ ପ୍ରତିଶତ ସୁଧ ରିହାତି ୬ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ସଫଳ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ବ୍ୟବସାୟିକ ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ଶତ ପ୍ରତିଶତ ଏସ୍‌ଜିଏସ୍‌ଟି ଛାଡ଼ କରାଯିବ।

ଶିଳ୍ପ ଅନଗ୍ରସର ଅଞ୍ଚଳରେ ସ୍ଥାପନ ହୋଇଥିବା ପ୍ରଥମ ୫ଟି କମ୍ପାନୀକୁ ପ୍ରଥମ ୩ ବର୍ଷପାଇଁ ୧୦୦% ମ୍ୟୁନିସିପାଲିଟି ଟ୍ୟାକ୍ସ ଛାଡ଼ କରାଯିବ। ଏହି ନୀତି ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ ହେବାକୁ ଥିବା ଏକ ଉଚ୍ଚସ୍ତରୀୟ କମିଟି ତଦାରଖ କରାଯିବ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତରଫରୁ ଓକାକ୍ ନୋଡାଲ ଏଜେନ୍ସି ଭାବେ ବିଭିନ୍ନ ପ୍ରକାର ଦୈନନ୍ଦିନ କାର୍ଯ୍ୟର ତଦାରଖ କରାଯିବ। ଏହି ନୂତନ ନୀତି ୨୦୨୬ ମାର୍ଚ୍ଚ ୩୧ ତାରିଖ କିମ୍ବା ସେହିଭଳି ଅନ୍ୟ ଯୋଜନା ଆସିବା ପର୍ଯ୍ୟନ୍ତ ବଳବତ୍ତର ରହିବ।

### ଏମ୍‌କେୟୁଓ୍ୱାଇ ପାଇଁ...

ପ୍ରସ୍ତାବିତ ସଂଶୋଧନଗୁଡ଼ିକରେ ରାଜ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଶିଳ୍ପ ବିଭାଗର ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ସେହିପରି ରାଜ୍ୟ ସରକାର ୨୦୨୧ ନଭେମ୍ବର ୬ରୁ ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ-୨୦୦୪ ଅଧୀନରେ ପେଟ୍ରୋଲ ଉପରେ ଲାଗୁ ହୋଇଥିବା ଟିକସକୁ ୩୨%ରୁ ୨୮%କୁ ଏବଂ ଡିଜେଲ ଉପରୁ ୨୮% ୨୪%କୁ ହ୍ରାସ କରିଛନ୍ତି। ଏହା ମଧ୍ୟ କ୍ୟାବିନେଟରେ ଅନୁମୋଦନ ଲାଭ କରିଛି।

### ଘୁଞ୍ଚୁଛି ହିମାଳୟ...

ନଷ୍ଟ କରିଦେଇଥିଲା। ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ କାରଣରୁ ପାହାଡ଼ରେ ଥିବା ଗ୍ଲେସିୟରର ମୂଳ ଚଟାଣ କ୍ରମେ ଦୁର୍ବଳ ହେଉଥିବା ଏହି ଘଟଣା ପ୍ରମାଣିତ କରୁଛି। ନୂତନ ଅଧ୍ୟୟନରେ ଜଣାପଡ଼ିଛି ଯେ, ହିମାଳୟ ଏକ ସକ୍ରିୟ ପର୍ବତମାଳା, ଯେଉଁଠି ଜଳବାୟୁ ପରିବର୍ତ୍ତନ ଏବଂ ଟେକ୍ଟୋନିକ ଗତିବିଧିର ବ୍ୟାପକ ପ୍ରଭାବ ପଡ଼ିଥାଏ। ସେଥିମଧ୍ୟରୁ ୫ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ ଏକ ବେନାମୀ ଗ୍ଲେସିୟର ତାହା ମୂଳସ୍ଥାନରୁ ଘୁଞ୍ଚିଆସିଛି। ଉତ୍ତର-ପୂର୍ବ ଆଡ଼କୁ ମୁହଁ କରିଥିବା ଗ୍ଲେସିୟର ଏହାର ଗତି ବଦଳାଇ ଦକ୍ଷିଣ-ପୂର୍ବ ଆଡ଼କୁ ଘୁଞ୍ଚିଯାଇଛି ଏବଂ ଟେକ୍ଟୋନିକ ଫୋର୍ସ ଯୋଗୁ ତାହା ନିକଟରେ ଥିବା ସୁମଜୁର୍କଚଙ୍କି ଗ୍ଲେସିୟର ସହ ମିଶିଛି। ଏହି ଅଧ୍ୟୟନ ପାଇଁ ଗବେଷକମାନେ ସାଟେଲାଇଟ ଚିତ୍ର, ଟୋପୋଶିଟ୍, ଗୁଗଲ ଆର୍ଥ ଫଟୋ ବ୍ୟବହାର କରି ଗ୍ଲେସିୟରର ଗତିବିଧି ଉପରେ ନଜର ରଖିଥିଲେ। ଗ୍ଲେସିୟର ଏପରି ଭାବେ ସ୍ଥାନ ବଦଳାଇବା ଘଟଣା ବିରଳ ବୋଲି ବୈଜ୍ଞାନିକମାନେ କହିଛନ୍ତି। ହିମାଳୟରେ ବିପର୍ଯ୍ୟୟ ସୃଷ୍ଟି ଦିଗରେ କେବଳ ଜଳବାୟୁ ପରିବର୍ତ୍ତନ ନୁହେଁ, ଟେକ୍ଟୋନିକ୍ ଫୋର୍ସର ମଧ୍ୟ ବିଶେଷ ପ୍ରଭାବ ରହିଛି ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଥିବା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସତ୍‌କାର୍ଯ୍ୟରେ ବ୍ୟୟ କରିବା ସଙ୍ଗକୁ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ମିଠା ପ୍ରତିଶ୍ରୁତି ପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ମୂଲ୍ୟବାନ୍ ଜିନିଷଟି ପ୍ରାପ୍ତି ହେବ ନାହିଁ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବ୍ୟସ୍ତ ବିବ୍ରତ ରହିପାରନ୍ତି।

**ବୃଷ** – ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ସହ ମିତ୍ରତା କରିବା ସକାଶେ ମନ ବଳାଇବେ। ପରିସ୍ଥିତି ବଶତଃ ବହୁ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ସାମୟିକ ବ୍ୟସ୍ତତା ବଢ଼ିଯିବ।

**ମିଥୁନ** – କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ହେଁ ସେଥିରୁ ଓହରି ଆସି ପାରିବେ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁ ବିଶ୍ୱାସ ଘାତକତା କରି ପାରନ୍ତି। ଅର୍ଥ ସମ୍ପର୍କୀୟ ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବ, ଅବଶ୍ୟ ଏଥିପାଇଁ କିଛିଟା ହଇରାଣ ହେବାକୁ ପଡ଼ିପାରେ। ଆବଶ୍ୟକୀୟ ବିଳାସ ଉପକରଣ କିମ୍ବା ଯାନ୍ତ୍ରିକ ଜିନିଷ କିଣିପାରନ୍ତି।

**ସିଂହ** – ପ୍ରତ୍ୟେକ କାମ ସମସ୍ୟା ବହୁଳ ହେଉଥିବା କାରଣରୁ ମନରେ ସରସତା ରହିବ ନାହିଁ। ଈର୍ଷାପର ମନୋଭାବ ନେଇ ଆକସ୍ମିକ ଭାବରେ ଶତ୍ରୁମାନେ ମିତ୍ର ଭଳି ଆଚରଣ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ କୌଣସି ସୁଯୋଗ ହାତଛଡ଼ା ହୋଇପାରେ। ପିଲାମାନଙ୍କ ଶିକ୍ଷା ଓ ପରୀକ୍ଷା ସମ୍ପର୍କୀୟ ସମସ୍ୟା ବଢ଼ିଯାଇପାରେ।

**କନ୍ୟା** – ବିଭିନ୍ନ ପ୍ରକାରର ସମସ୍ୟାକୁ ସାମନା କରି ମାନସିକ ଦୁର୍ବଳତା ଦେଖାଦେଇପାରେ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିପାରନ୍ତି, ଏଣୁ ସାବଧାନ ରହିବା ଭଲ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଭାଇଙ୍କ ଅସୁବିଧା ପରିସ୍ଥିତି ବିଷୟ ଚିନ୍ତା କରି ଅଶାନ୍ତ ରହିବେ।

**ତୁଳା** – ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ସାମୂହିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ବିଛା** – ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ସାହାଯ୍ୟ ଲାଭ ଆଶାରେ କର୍ମକ୍ଷେତ୍ରରେ ହଠାତ୍ ଜଣେ ବନ୍ଧୁ ପ୍ରଗାଢ଼ ଅନୁରକ୍ତି ପ୍ରକାଶ କରିବେ। ଯେଉଁ କାମ ଅନ୍ୟ ମାନଙ୍କ ସକାଶେ ସହଜ ହେଉଛି, ଆପଣଙ୍କ କ୍ଷେତ୍ରରେ କିନ୍ତୁ ତାହାର ଠିକ୍ ଓଲଟା ହେବାରୁ ମନ ଭଲ ରହିବ ନାହିଁ। କ୍ରୟବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ଧନୁ** – ଆଜିର କର୍ମକ୍ଷେତ୍ରରେ ସାଧାରଣ ଟିକିଏ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପରିବାରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିବେ। ଆର୍ଥିକ ଅନଟନ କେତେକ କାମକୁ ସ୍ଥଗିତ ରଖି ଦେଇପାରେ।

**ମକର** – ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ମାତ୍ର ସମ୍ପର୍କ ହାନି ଯୋଗୁଁ ଚିନ୍ତିତ ହେବେ। ବକେୟା ଆଦାୟରେ ସକ୍ଷମ ନ ହେବା କାରଣରୁ ମନ ଭାରାକ୍ରାନ୍ତ ରହିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**କୁମ୍ଭ** – ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ଭାବାନ୍ତର ସୃଷ୍ଟି କରିବ। ଆତ୍ମୀୟସ୍ୱଜନମାନେ ସ୍ୱାର୍ଥ ସାଧନ ଆଶା କ୍ଷୀଣ ଦେଖି ଦୂରେଇ ଯାଇପାରନ୍ତି। ବ୍ୟବସାୟରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ଜମିଜମା କାରବାରରେ ଚୁକ୍ତି ଆଦି କାମ ସମ୍ପନ୍ନ କରିପାରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ** – ପରିବାରର ଖର୍ଚ୍ଚ ବଢ଼ିଯିବା କାରଣରୁ ମନରେ ସରସତା ରହିବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଲୋଚନା, ରାଜନୀତି, ସଂଗଠନ, କଳା, ସାହିତ୍ୟରେ ଚେଷ୍ଟା ସଫଳ ରୂପ ନେବ। ଆତ୍ମୀୟଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ଭ୍ରମଣ ସୁଯୋଗ ଲାଭ କରିବେ।



# classifieds Everyday
0674-2580101, 2549302





**BRIDE WANTED**

Brahmin divorcee groom, B.Tech 35, Mesha working abroad solicit suitable Brahmin fresh/ divorcee bride early marriage. 9348455079. D-22311

**GROOM WANTED**

ଭୁବନେଶ୍ୱରସ୍ଥିତ ୫୪ ବୟସ୍କା ଚାକିରିଆ ଏବଂ ପେନ୍‌ସନ୍ ପାଉଥିବା ବ୍ରାହ୍ମଣ ବିଧବାଙ୍କୁ ଯେ କୌଣସି ଜାତିର ବର ଆବଶ୍ୟକ। 7606947424. D-22334

45 ବୟସ୍କା ଗୋପାଳ ଜାତିର ବିଧବା ସରକାରୀ ଚାକିରି କରୁଥିବା ଝିଅଙ୍କ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 7681044808. D-22335

Wanted Brahmin Groom for beautiful Bride 25 years, height 5ft. 6inch B.Tech (Mech) employed in TCS (BBSR), father Retd. Professor. Contact No.- 9438682553/ 9437490346. D-22326

Government job ବୟସ- 42 ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 8984095907. D-22362





**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736





**SALE**

4&5 BHK few Luxurious Duplex units are available at Balianta. Land-1400 and Construction- 2200-2600. 9938219397, 9861022055. D-22336

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

M Planets- 7008550473. Expert in Building Construction (Simplex/ Duplex/ Apartment) and Interior Design (Modular Kitchen/ TV-Unit/ Wardrobe). D-22337

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଭୁବନେଶ୍ୱର ଚନ୍ଦକାରେ Nalanda/ BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

2BHK semi furnished ready to move flat (1100sqft. living area) Mahatab Road, Oldtown, Bhubaneswar. Contact: 8249142655, 9437177403. D-22300

Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969. D-22078

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/ 444/999. D-71739

2BHK flat for resale near Hanspal Canal road Bhubaneswar, Finance available. Please contact: 8249533663. D-22359

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121. D-71729

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

Bhubaneswar infocity-2 200ft. road side near Cancer Hospital ପାଖରେ sqft. 1300/- ପ୍ଲଟ୍ ମିଳୁଛି। 9337284117. D-71741

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710. D-71740

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact- 8895451983. D-22285

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211





Ashirvaad Saloon and SPA get good massage for your health the best therapy. 7077181074. D-71823

Refreshing your mind and body with the best therapy. 7873794731. D-71907

Newly open full body massage ladies and gents. 8327740003. D-71822

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Newly open SPA Offer price @ 599/-, positively health benefits. 8455987557. D-71442

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904

Take wellness realx massage ladies/ gents therapist @800/-. 7008773793. D-71438

**AFFIDAVIT**

By virtue of an affidavit sworn before the Notary Public, Bhawanipatna, Kalahandi, I Raghunath Behera @ Nag, R/o. At/PO- Basantapada, Dist.- Kalahandi declare that in my daughter's Aadhaar card and all other documents where her name is mentioned as Kasturi Nag, D/o. Raghunath Nag. I want to change her name as Kasturi Behera, D/o. Raghunath Behera for all purposes. Another daughter's name is mentioned as Priyanka Nag, D/o. Raghunath Nag. I want to change her name as Priyanka Behera, D/o. Raghunath Behera for all purposes. Also my Son's name is mentioned as Narendra Nag, S/o. Raghunath Nag. I want to change his name as Narendra Behera, S/o. Raghunath Behera for all purposes. D-22361

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୮୭,୦୮,୦୪୩ | ୫୧,୭୯,୩୧୧ | ୨୩,୪୧,୩୮,୧୦୦ |
| ଭାରତ | ୩,୪୫,୨୬,୪୮୦ | ୪,୬୬,୧୪୭ | ୩,୩୯,୪୬,୭୪୯ |
| ଓଡ଼ିଶା | ୧୦,୪୭,୩୮୬ | ୮୩୯୬(+୫୩) | ୧୦,୩୭,୦୦୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସ୍ୱାଧୀନତା ସଂଗ୍ରାମୀ ଦଧୀଚି ସାହୁଙ୍କ ପରଲୋକ



**ବରୀ,୨୩।୧୧(ଡି.ଏନ୍.ଏ.):** ଯାଜପୁର ଜିଲା ବରୀ ବ୍ଲକ କଳାମାଟିଆ ପଞ୍ଚାୟତ ଉପର କାଇପଡ଼ା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନେତା ଦଧୀଚି ସାହୁଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ବୟସାଧିକ କାରଣରୁ ସେ ଦୁଇ ସପ୍ତାହ ତଳେ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ଛାତ୍ର ଜୀବନରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ଲିପ୍ତ ରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରି କି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ ମଧ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ବହୁ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ଶିକ୍ଷାବିତ୍ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ଅଶୋକ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରୋ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ବରୀ ବିଧାୟିକା ସୁନନ୍ଦା ଦାସ, କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ବରୀ କଂଗ୍ରେସ ନେତା ଉମେଶ ଜେନା, ବିଜେଡି ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବରୀ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାମଲ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଲଭ ବେଉରିଆ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଡିଜେ ସାଉଣ୍ଡରେ ୬୩ କୁକୁଡ଼ା ମଲେ

**ସଜନାଗଡ଼,୨୩।୧୧(ଡି.ଏନ.ଏ.):** ଡିଜେ ସାଉଣ୍ଡରେ ୬୩ କୁକୁଡ଼ା ମରିବା ଘଟଣା ଥାନାରେ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ କରିଛନ୍ତି ବାଲେଶ୍ୱର ଜିଲା ନୀଳଗିରି କାଣ୍ଡଗରଡ଼ି ଗ୍ରାମର ଜଣେ କୁକୁଡ଼ା ଚାଷୀ ରଣଜିତ୍। ତାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ସୋମବାର ରାତିରେ ଏକ ବିବାହ ଉତ୍ସବ ଚାଲିଥିଲା। ବରପକ୍ଷରୁ ଆସିଥିବା ବରଯାତ୍ରୀ ଡିଜେ ବଜାଇ ଶୋଭାଯାତ୍ରା କରୁଥିଲେ। କୁକୁଡ଼ା ଚାଷୀ ଡିଜେ ସାଉଣ୍ଡ କମ୍ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିଲେ। ଉଚ୍ଚ ଶବ୍ଦ ଯୋଗୁ ଫାର୍ମରେ ଥିବା ପାଖାପାଖି ୬୩ଟି କୁକୁଡ଼ା ମରିଯାଇଥିଲେ ଅଭିଯୋଗ କରି ରଣଜିତ୍ ନୀଳଗିରି ଥାନା ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।






> ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। —ଶ୍ରୀଅରବିନ୍ଦ



# ଦେଶରୁ ଊର୍ଦ୍ଧ୍ୱ

ଆଜିର ଦିବସରେ 'ଧରିତ୍ରୀ' ତା'ର ୪୭ ବର୍ଷ ପୂରଣ କରି ୪୮ତମ ବର୍ଷରେ ପଦାର୍ପଣ କରୁଛି। ଆଜି ହେଉଛି ଯୋଗୀ ଶ୍ରୀଅରବିନ୍ଦଙ୍କ ସମାଧି ଦିବସ। ଗତ ୪୭ ବର୍ଷ ମଧ୍ୟରେ ଧରିତ୍ରୀ ନିଷ୍ଠାର ସହ ରାଜ୍ୟ, ଦେଶ ଓ ପୃଥିବୀର ଘଟଣାଗୁଡ଼ିକୁ ଯଥାସମ୍ଭବ ସଙ୍କୋଚ ଏବଂ ସ୍ପଷ୍ଟ ଭାବେ ପ୍ରକାଶ କରିଆସିଛି। ଅତୀତରେ ଏବଂ ଏବେ ମଧ୍ୟ ଧରିତ୍ରୀ ତା'ର ସ୍ୱର ପୀଡ଼ିତ, ଅସହାୟ ଓ ବଞ୍ଚିତଙ୍କ ପାଇଁ ଉଠାଇଆସିଛି। ସ୍ୱାଭାବିକ ଭାବେ ଏଥିପାଇଁ ଅନେକ ଶକ୍ତି ଧରିତ୍ରୀ ବିରୋଧରେ କାର୍ଯ୍ୟ କରୁଛନ୍ତି। ଏହା ସତ୍ତ୍ୱେ ଆମର ପାଠିକାପାଠକଙ୍କ ବିଶ୍ୱାସ ଏବଂ ଭରସା ଯୋଗୁ ଧରିତ୍ରୀ କେବଳ ବଞ୍ଚି ରହିନାହିଁ, ଓଡ଼ିଶାରେ ତାହା ଏକ ସାମାଜିକ ପ୍ରଭାବ ଭାବରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଚାଲିଛି। ବିଗତ କିଛି ବର୍ଷରେ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଉଠୁଥିବା ବିପଦକୁ ଲୋକଲୋଚନକୁ ଆଣିବାରେ ଧରିତ୍ରୀ ସବୁବେଳେ ନିର୍ଭୀକ ପ୍ରୟାସ କରିଆସିଛି।

ଆଜିର ପୃଥିବୀ ଅନେକ ବିପଦର ସମ୍ମୁଖୀନ ହେଉଛି। ପୂର୍ବରୁ ଚିନ୍ତା କରାଯାଉଥିଲା ଯେ, ବିପଦ କେବଳ ରାଜନୈତିକ ରୂପରେ ଆସିବ। ଏବେ ଜଣାପଡୁଛି ଯେ ଅର୍ଥନୈତିକ ଓ ରାଜନୈତିକ ବିପଦରୁ ଅଧିକ ଗୁରୁତ୍ୱ ଧାରଣ କରିଛି ସ୍ୱାସ୍ଥ୍ୟଗତ ସଂକଟ। କରୋନା ମହାମାରୀକୁ ପ୍ରାୟ ଦୁଇବର୍ଷ ହେବାକୁ ଯାଉଛି। ଏହା ସତ୍ତ୍ୱେ ଆମେ ଯେଉଁମାନେ ଆଜି ବଞ୍ଚିରହିଛୁ, ଆମକୁ ମନେରଖିବାକୁ ହେବ ଯେ, ପ୍ରକୃତିର ଅଶେଷ ଆଶୀର୍ବାଦ ଯୋଗୁ ଏହା ସମ୍ଭବପର ହୋଇଛି। ସଚେତନ ନାଗରିକ ଭାବେ ନିଜର ଜୀବନଶୈଳୀ ଓ ମାନସିକତାକୁ ପରିବର୍ତ୍ତନ କରି ବାକି ରହିଥିବା ଜୀବନରେ ନୂତନ ମଣିଷ ରୂପେ ବଞ୍ଚିଲେ ହୁଏତ ପୃଥିବୀ ପାଇଁ ଆମେ ସମସ୍ତେ ସହଯୋଗୀ ଭାବେ କାର୍ଯ୍ୟ କରିପାରନ୍ତୁ।

## ତଥାଗତ ସତପଥୀ

ବର୍ତ୍ତମାନ ଯେଭଳି ଭାବରେ ଜଳବାୟୁ ପରିବର୍ତ୍ତନ ଘଟୁଛି, ତାହାର କୁପ୍ରଭାବ ବିଶେଷକରି ଓଡ଼ିଶାରେ ଅନୁଭବ କରିହେଉଛି। ମନେପଡ଼େ ୧୯୯୮ରେ ପ୍ରଥମ ଥର ପାଇଁ ଅଂଶୁଘାତଜନିତ ମୃତ୍ୟୁ ସମ୍ପର୍କରେ ଶୁଣିବାକୁ ପାଇଥିଲୁ। ତା'ପରେ ୧୯୯୯ରେ ମହାବାତ୍ୟା ଇତିହାସ ରଚିଗଲା। ଆଶ୍ଚର୍ଯ୍ୟଜନକ ଭାବେ ପ୍ରତିବର୍ଷ ବଜ୍ରାଘାତରେ ଅନେକ ଶହ ଲୋକଙ୍କର ମୃତ୍ୟୁ ଆମ ରାଜ୍ୟରେ ଘଟିଚାଲିଛି। ଫାଇଲିନ୍‌ଠାରୁ ଆରମ୍ଭ କରି ହୁଡ୍‌ହୁଡ୍, ତିତ୍‌ଲି, ଫନୀ, ଅମ୍ଫନ୍ ଓ ୟସ୍ ପର୍ଯ୍ୟନ୍ତ ସବୁ ପ୍ରକୃତିର କ୍ରୋଧ ଦର୍ଶାଇଲେ। ୨୦୨୦ରୁ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ସମସ୍ତଙ୍କୁ ସଚେତନ କରାଇଦେଲା ଯେ, ମଣିଷକୃତ ଏହିଭଳି ବିପଦ ରାଜ୍ୟକୁ ଅନେକ କ୍ଷତି ପହୁଞ୍ଚାଉଛି।

କୌତୂହଳର ବିଷୟ ହେଉଛି ଯେ, ଅନେକ ରାଜନୈତିକ ଚିନ୍ତାଧାରା ଆମକୁ ଧର୍ମ ଓ ଜାତୀୟତାବାଦ ବିଷୟରେ ଉଗ୍ର କରାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଏବକାର ପରିବେଶ ପ୍ରତି ଉପୁଜିଥିବା ବିପଦ କୌଣସି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ବା ରାଜନୀତି ଦ୍ୱାରା ସୃଷ୍ଟି କରାଯାଇଥିବା ମାନଚିତ୍ରରେ ସୀମିତ ରହୁନାହିଁ। ମାଡ଼ ଯେତେବେଳେ ଆରମ୍ଭ ହେଲାଣି ତାହା ଧର୍ମ କିମ୍ବା ଦେଶକୁ ଦେଖୁ ନାହିଁ। ତେଣୁ ଦେଶପ୍ରେମର ସଂଜ୍ଞାରେ ପରିବର୍ତ୍ତନ ଆଣି ବିଶ୍ୱପ୍ରେମ କଥା ଭାବିବାର ସମୟ ଆସିଗଲାଣି। ଏହାକୁ ଆମେ ଭାରତୀୟ ଏବଂ ବିଶେଷକରି ଓଡ଼ିଆ ଯଦି ବୁଝିବାକୁ ଅସ୍ୱୀକାର କଲେ, ଆମେ ସବୁଠାରୁ ଅଧିକ କ୍ଷତିର ସମ୍ମୁଖୀନ ହେବା।

ଓଡ଼ିଆରେ ଢଗ ଅଛି– 'ଆପେ ବଞ୍ଚିଲେ ବାପର ନାଁ'। ଏବକାର ପରିବେଶ ସ୍ଥିତିକୁ ଦେଖିଲେ ମନେହେଉଛି ବାପାଙ୍କ ନାମ ବଞ୍ଚାଇରଖିବାକୁ ହେଲେ କେବଳ ଆପେ ନୁହେଁ, ସମସ୍ତ ମାନବଜାତିର ମଙ୍ଗଳ ପାଇଁ ଚିନ୍ତା ଓ କାର୍ଯ୍ୟ କରିବାକୁ ହେବ।




**୨୪ ନଭେମ୍ବର ୧୯୯୬**

- ଇଥିଓପିଆର ଅପହୃତ ଯାତ୍ରୀବାହୀ ବିମାନ ବୋଇଂ ୭୬୭ ଆକାଶମାର୍ଗରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୭୮ ଯାତ୍ରୀ ମୃତ।
- ବେଲାରୁଷର ରାଷ୍ଟ୍ରପତି ଏବଂ ପାର୍ଲାମେଣ୍ଟ ମଧ୍ୟରେ ମତଭେଦ ଘଟିବା ପରେ ଦେଶର ସାମ୍ବିଧାନିକ ଅଦାଲତରେ ରାଷ୍ଟ୍ରପତି ଆଲେକଜାଣ୍ଡର ଲୁକାଶେନକୋଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ନେଇ ଶୁଣାଣି ଆରମ୍ଭ।
- ଗ୍ରୀସ୍‌ର ସୁନ୍ଦରୀ ମିସ୍ ଇରେନେ ସାକ୍‌ଲିଭା ମିସ୍ ୱାର୍ଲଡ ମୁକୁଟ ଲାଭ କରିଛନ୍ତି।
- ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ପଦରୁ ଡକ୍ଟର ରାନୁ ମିଶ୍ରଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 3 | 2 | | 9 |
| | | 5 | | | | 3 | | |
| 8 | | | 2 | 4 | | | | |
| | 6 | 8 | | | | | 7 | |
| | | 1 | 5 | 8 | | 6 | | |
| | | | | | 4 | | | |
| 3 | | | | | 9 | | | |
| 5 | 8 | | | | | | | 1 |
| 1 | | 7 | | 6 | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 4 | 7 | 2 | 8 | 3 | 1 |
| 4 | 8 | 7 | 3 | 1 | 6 | 5 | 9 | 2 |
| 3 | 1 | 2 | 5 | 9 | 8 | 7 | 4 | 6 |
| 7 | 6 | 3 | 2 | 5 | 1 | 9 | 8 | 4 |
| 5 | 4 | 1 | 8 | 6 | 9 | 3 | 2 | 7 |
| 9 | 2 | 8 | 7 | 4 | 3 | 6 | 1 | 5 |
| 1 | 3 | 4 | 6 | 8 | 5 | 2 | 7 | 9 |
| 2 | 9 | 5 | 1 | 3 | 7 | 4 | 6 | 8 |
| 8 | 7 | 6 | 9 | 2 | 4 | 1 | 5 | 3 |

ଗତକାଲିର ଉତ୍ତର

# ଉତ୍ତରପଡ଼ା ଅଭିଭାଷଣ ଓ ଶ୍ରୀଅରବିନ୍ଦ



ଡ. ହୃଷୀକେଶ ମଲ୍ଲିକ

**ଯଦି ଏକମାତ୍ର ବକ୍ତବ୍ୟ, ଯାହାକୁ ପ୍ରତ୍ୟେକ ଭାରତୀୟ, ଥରେ ନୁହେଁ ବାରବାର ଶୁଣିବା ଓ ପଢ଼ିବା ଦରକାର; ତାହା ହେଉଛି ୩୦ମେ ୧୯୦୯ରେ ଆଲିପୁର ଜେଲରୁ ମୁକୁଳିବା ପରେ ଉତ୍ତରପଡ଼ାର 'ଧର୍ମ ସଂରକ୍ଷଣୀ ସଭା'ରେ ଶ୍ରୀଅରବିନ୍ଦ ଦେଇଥିବା ବକ୍ତବ୍ୟ, ଯାହା 'ଉତ୍ତରପଡ଼ା ଅଭିଭାଷଣ' ଭାବେ ବିଶ୍ୱବିଦିତ। ନେହେରୁଙ୍କ 'Tryst With Destiny' ଓ ଚୌରିଚୌରା ଘଟଣା (୧୯୨୨) ଆଧାରିତ ଗାନ୍ଧୀଙ୍କ ଅହମ୍ମଦାବାଦ ବକ୍ତବ୍ୟଠାରୁ ଏହା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ଚର୍ଚ୍ଚିଲଙ୍କ 'Blood, toil, tears and sweat', ରୁଜ୍‌ଭେଲ୍‌ଟଙ୍କ 'A date that shall live In Infamy' ଓ ବିବେକାନନ୍ଦଙ୍କ 'ଚିକାଗୋ ବକ୍ତୃତା' (ଯାହା ଆଧୁନିକ କାଳରେ ବିଶ୍ୱକୁ ବଦଳାଇ ଦେଇଥିଲା) ଭଳି ପ୍ରଖ୍ୟାତ ଅଭିଭାଷଣ ସହ ତୁଳନୀୟ ତଥା ଗଭୀରତାରେ ଅତିକ୍ରମୀ। ବିଶ୍ୱବନ୍ଦିତ ଆଧ୍ୟାତ୍ମିକ ଗୁରୁ ଶ୍ରୀଅରବିନ୍ଦଙ୍କ 'ସିଦ୍ଧି ଦିବସ' ଅବକାଶରେ 'ଧରିତ୍ରୀ'ର ବିଶେଷ ପ୍ରତିବେଦନ ''ଉତ୍ତରପଡ଼ା ଅଭିଭାଷଣ ଓ ଶ୍ରୀଅରବିନ୍ଦ''।**

"Leaders of the Freedom Struggle were those who were divinely Inspired, not the Political animals or petty minded Immature religious preachers that we see today." (ସେଇମାନେ ହିଁ ସ୍ୱାଧୀନତା ସଂଗ୍ରାମର ନେତା, ଯେଉଁମାନେ ଦିବ୍ୟ ଭାବେ ଅନୁପ୍ରେରିତ, ଆମେ ଆଜିକାଲି ଦେଖୁଥିବା ରାଜନୈତିକ ପ୍ରାଣୀ ବା କ୍ଷୁଦ୍ରମନା ଅପରିପକ୍ୱ ଧର୍ମପ୍ରଚାରକ ନୁହନ୍ତି।) — ଏହି ମର୍ମରେ ସେଦିନ କହିଥିଲେ ଶ୍ରୀଅରବିନ୍ଦ ତାଙ୍କ 'ଉତ୍ତରପଡ଼ା ଅଭିଭାଷଣ'ରେ। ଆଲିପୁର ଜେଲକୁ ଯିବାବେଳେ ଅନୁଗାମୀଙ୍କ 'ବନ୍ଦେ ମାତରମ୍' ଧ୍ୱନିରେ ଯେଉଁ ଦେଶ ଜୀବନ୍ତ ହୋଇଥିବା ସେ ଦେଖିଥିଲେ, ଜେଲରୁ ମୁକୁଳିବା ଦିନ ଅନୁଭବ କରିଥିଲେ ଯେପରି ସେହି ଦେଶ ନିସ୍ତେଜ ଓ ଅବସାଦଗ୍ରସ୍ତ। କାହାରି ମୁହଁରେ ଭାଷା ନାହିଁ, ଗନ୍ତବ୍ୟ ନାହିଁ। ଜେଲରୁ ବାହାରି ଶ୍ରୀଅରବିନ୍ଦ ତାଙ୍କର ପ୍ରଥମ ଅଭିଭାଷଣ ଦେଇଥିଲେ ଉତ୍ତରପଡ଼ାଠାରେ ଅନୁଷ୍ଠିତ 'ଧର୍ମ–ସଂରକ୍ଷଣୀ ସଭା'ରେ, ଯେଉଁ ଅଭିଭାଷଣକୁ କୁହାଯାଏ 'ଭାରତୀୟ ନବଜାଗରଣ'ର ସବୁଠୁଁ ମହତ୍ତମ ଶଙ୍ଖନାଦ।

କ'ଣ କହିଥିଲେ ଶ୍ରୀଅରବିନ୍ଦ? ପତଙ୍ଗ ସମ ନିଜ ଆଡ଼କୁ ଆକର୍ଷି ଆଣି ଯେଉଁ ଆଲୋକିତ ବାଣୀ ସେଦିନ ଶ୍ରୋତୃମଣ୍ଡଳୀକୁ ଅଭିଭୂତ କରିଦେଇଥିଲା, ତା'ର ଆରମ୍ଭ ଧାଡ଼ିଗୁଡ଼ିକ ଥିଲା ଏହିପରି : ''ମୁଁ ଏଠାରେ ଯାହା କହିବାକୁ ଯାଉଛି, ଏହା ମୋର ବକ୍ତବ୍ୟ ନୁହେଁ, ଏହା ଭଗବତ୍ ଆଦିଷ୍ଟ। ଜେଲ୍‌ର ସଂକୀର୍ଣ୍ଣ ସେଲ୍ ଭିତରେ ବାସୁଦେବ ଯେଉଁ ଗୀତା ବହିଟି ମୋ'ହାତରେ ଧରାଇଦେଇଥିଲେ, ତାହା ଦେଇ ମୋ' ଭିତରକୁ ଶକ୍ତି ସଂଚରିତ ହୋଇଥିଲା। ବୌଦ୍ଧିକ ମନନରେ ଭଳି ନ ଯାଇ, କାମନା ଓ ଫଳାଭିସନ୍ଧିରୁ ମୁକ୍ତ ରହି ଈଶ୍ୱରଙ୍କର ଏକ ଯନ୍ତ୍ର ଭାବେ ମୁଁ ଯେପରି କାର୍ଯ୍ୟ କରେ– ଏହା ହିଁ ଥିଲା ଭଗବତ୍ ଇଚ୍ଛା। ଉଚ୍ଚନୀଚ, ଶତ୍ରୁମିତ୍ର ଓ ସଫଳତା ବିଫଳତାର ଊର୍ଦ୍ଧ୍ୱରେ ପୁଣି ସଂସାଧିତ ହେଉ ସେ କାର୍ଯ୍ୟ।'' ସେ କହିଥିଲେ : ଜେଲରେ ମୋର ହୃଦ୍‌ବୋଧ ହୋଇଥିଲା ଯେ ହିନ୍ଦୁଧର୍ମ ହେଉଛି 'ସନାତନ ଧର୍ମ', କାଳର ପ୍ରବାହରେ ଯାହାର ବିଲୟ ନାହିଁ।



ବିଶ୍ୱର ଅନ୍ୟ ଯାବତୀୟ ଧର୍ମ ବିଶ୍ୱାସମୂଳକ ଓ ରୀତିନୀତିପ୍ରଧାନ ହୋଇଥିବାବେଳେ ସନାତନ ଧର୍ମ ହେଉଛି ଆଚରଣସିଦ୍ଧ, ଜୀବନ୍ମୟ। ଆତ୍ମମୁକ୍ତି ନୁହେଁ, ଜଗତମୁକ୍ତି ଏହାର ଲକ୍ଷ୍ୟ। ଅନ୍ୟ ଦେଶମାନଙ୍କ ଭଳି ଭାରତବର୍ଷର ଉତ୍‌ଥାନ ମଧ୍ୟ ତା' ନିଜର ଉତ୍‌ଥାନ ନୁହେଁ କି ନିଜର ଅର୍ଜିତ ସାମର୍ଥ୍ୟକୁ ଦୁର୍ବଳର ନିପୀଡ଼ନରେ ବ୍ୟୟ କରିବା ନୁହେଁ। ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ତା'ର ଅବସ୍ଥାନ।

ଜେଲରେ ହୋଇଥିବା ତାଙ୍କ ରୂପାନ୍ତରଣ ସମ୍ବନ୍ଧରେ କହିବାକୁ ଯାଇ ଶ୍ରୀଅରବିନ୍ଦ କହିଥିଲେ : ''ମୋତେ ଆବଦ୍ଧ ରଖିଥିବା ଜେଲ୍‌ର ଚାରିକାନ୍ଥକୁ ମୁଁ ଯେତେବେଳେ ନିରୀକ୍ଷଣ କଲି, ଦେଖିଲି ଯେ ତାହା କାନ୍ଥ ନୁହେଁ, ସ୍ୱୟଂ ବାସୁଦେବ ମୋତେ ଚାରିଆଡୁ ଆବୋରି ରହିଛନ୍ତି। ଗଛବୃଛ, ସେଲ୍, ରକ୍ଷୀ ଓ ବନ୍ଦୀ ଆସାମୀମାନେ ଯେପରି ସେଇ ବାସୁଦେବ– ଏପରି ମନେହେଲା। ଆତ୍ମଗର୍ବରେ ଯେଉଁ ସହବନ୍ଦୀମାନଙ୍କୁ ମୁଁ ହେୟ ବିବେଚନା କରୁଥିଲି, ନିର୍ଦ୍ଦେଶ ଆସିଲା– ''ଏମାନଙ୍କୁ ମନେଇ ରଖ, କାରଣ ଏଇମାନଙ୍କ ଭିତରେ ହିଁ ତୁମକୁ କାମ କରିବାକୁ ହେବ।'' ଏ ସମସ୍ତଙ୍କ ଭିତରେ ମୁଁ ବିଦ୍ୟମାନ। ମୋରି ଇଚ୍ଛାରେ ସମସ୍ତେ ପରିଚାଳିତ। ସମସ୍ତଙ୍କ ମଧ୍ୟରେ ମୁଁହିଁ କାର୍ଯ୍ୟ କରେ। ଯେଉଁମାନେ ଦେଶର ମୁକ୍ତି ପାଇଁ କାର୍ଯ୍ୟରତ, କେବଳ ସେମାନଙ୍କ ମଧ୍ୟରେ ଯେ ମୁଁ କାର୍ଯ୍ୟ କରେ ତାହା ନୁହେଁ, ଯେଉଁମାନେ ମୁକ୍ତିର ବାଧକ, ସେମାନଙ୍କ ମଧ୍ୟରେ ବି ମୁଁ କ୍ରିୟାଶୀଳ। ଯିଏ ଯାହା ଭାବନ୍ତୁ, ଯାହା କରନ୍ତୁ ନା କାହିଁକି, ମୋର ଉଦ୍ଦେଶ୍ୟକୁ ସହାୟତା ଦେବା ଛଡ଼ା ଆଉ କିଛି ହିଁ କରିପାରନ୍ତି ନାହିଁ। ଏମାନେ ମୋର ଶତ୍ରୁ ନୁହନ୍ତି, ଯନ୍ତ୍ର।''

ଯୋଗାନୁଭବରେ ସ୍ୱୟଂ ନାରାୟଣ ଶ୍ରୀଅରବିନ୍ଦଙ୍କୁ ଯାହା ଯାହା କହିଥିଲେ, ସେ ତାଙ୍କ ବକ୍ତବ୍ୟରେ ଅତି ସରଳ ଭାବେ ସେସବୁର ଅବତାରଣା କରିଥିଲେ। କହିଥିଲେ, ମୋତେ କୁହାଗଲା– ''ତୁମ ପାଇଁ ଉଦ୍ଦିଷ୍ଟ କାମଟି ଯଦି ତୁମେ କରିବାକୁ ଅନାଗ୍ରହୀ ହେବ, ତେବେ ତୁମ ବିନା ତାହା ଅଟକି ଯିବ ନାହିଁ। ଶହ ଶହ ତରୁଣ ଏଥିପାଇଁ ଅସୀମ ଦୃପ୍ତି ନେଇ ଆଗେଇ ଆସିବେ ଓ ତମଠୁଁ ଅଧିକ ସଫଳତାର ସହ କାର୍ଯ୍ୟଟିକୁ ସମ୍ପନ୍ନ କରିବେ। ତୁମେ ବାଦ୍ ପଡ଼ିଯିବ। ଜାତିକୁ ବାଣୀ ଦେବା ପାଇଁ ତୁମେ ମୋଠୁଁ କିଛି ଶକ୍ତି ପାଇଛ, ଯାହା ତା'ର ଉତ୍‌ଥାନରେ ସାହାଯ୍ୟ କରିବ।'' ଶ୍ରୀଅରବିନ୍ଦ ତାଙ୍କ ଅନ୍ତରଉଚ୍ଛୁଳା କାରାନୁଭୂତିକୁ ଅନର୍ଗଳ କହି ଚାଲିବା ଭିତରେ କହିଥିଲେ: ''ଇଂଲଣ୍ଡରେ, ପାଶ୍ଚାତ୍ୟ ଧାରଣାଗୁଡ଼ିକ ଭିତରେ ମୁଁ ବଡ଼ ହୋଇଛି ଓ ମୋର ବିଶ୍ୱାସ ଜନ୍ମିଛି ଯେ ହିନ୍ଦୁ ଧର୍ମର ବହୁ କଥା କପୋଳକଳ୍ପିତ ଓ ବାହୁଲ୍ୟ। କିନ୍ତୁ ଏହି କାରାବାସ ଭିତରେ ପ୍ରକୃତ ସତ୍ୟ ମୋର ଗୋଚରୀଭୂତ ହୋଇଛି। ଏପରି କଥାସବୁ ମୋ' ସମକ୍ଷରେ ଧୀରେ ଧୀରେ ଉନ୍ମୋଚିତ ହେଉଛି, କୌଣସି ବସ୍ତୁବିଜ୍ଞାନ ଯାହାର ଆଦିଅନ୍ତ ପାଇବ ନାହିଁ। ଜୀବନରେ ଆରମ୍ଭରୁ ମୁଁ ଭକ୍ତ ବା ଜ୍ଞାନପିପାସୁ ନ ଥିଲି। ଧର୍ମ ଭାବନା ପ୍ରତି ମୋର କ୍ୱଚିତ୍ ଥିଲା ବିଶ୍ୱାସ। ମୋ' ଅନ୍ତର୍ଲୋକ ଥିଲା ନାସ୍ତିକର ନିବାସସ୍ଥଳ। ଈଶ୍ୱର ଅଛନ୍ତି, ଏ ବିଶ୍ୱାସ ମୋର କେବେ ବି ନ ଥିଲା। କିନ୍ତୁ କୌଣସି ଏକ ଅଦୃଶ୍ୟ ଶକ୍ତି ମୋତେ ବେଦ, ଗୀତା ଓ ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ କଲା। ମୁଁ ଯୋଗସ୍ଥ ହେଲି ଓ ପ୍ରାର୍ଥନା କଲି: ''ହେ ଈଶ୍ୱର, ଯଦି ତମେ ଅଛ, ମୋ' ଅନ୍ତର କଥା ଜାଣୁଛ; ତେବେ ମୋ' ଦେଶ ଓ ଜାତିର ଉତ୍‌ଥାନ ପାଇଁ କାର୍ଯ୍ୟ କରିବାକୁ ମୋତେ ଶକ୍ତି ଦିଅ। ସେଇମାନଙ୍କ ପାଇଁ ମୋର ଜୀବନ ଉତ୍ସର୍ଗିତ ହେଉ, ଯେଉଁ ଲୋକଙ୍କୁ ମୁଁ ଭଲପାଏ। କ'ଣ ଓ କିପରି କରିବାକୁ ହେବ, ମୁଁ ଜାଣେନା, ମୋତେ ନିର୍ଦ୍ଦେଶ କର!''

ଶ୍ରୀଅରବିନ୍ଦ ପୁଣି କହିଥିଲେ : ''ଯୋଗସ୍ଥ ଥିବାବେଳେ ମୋତେ ଦୁଇଟି ନିର୍ଦ୍ଦେଶ ମିଳିଲା। ପ୍ରଥମଟି ''ତୁମର କାମ, ଜାତିର ଉତ୍‌ଥାନ'' ଏବଂ ଦ୍ୱିତୀୟଟି ''ଏଠୁ ଗଲାପରେ ତୁମେ ବରାବର କହିଚାଲ, ଭାରତର ଉତ୍‌ଥାନର କାରଣ ସନାତନ ଧର୍ମ। ହିନ୍ଦୁଧର୍ମ ବା ସନାତନ ଧର୍ମ ସମ୍ପର୍କରେ ତୁମ ମନରେ ଥିବା ସବୁ ସଂଶୟ ମୁଁ ମୋଚନ କରିଛି। ଏହା ସେହି ଧର୍ମ, ଯାହାକୁ ବିଶ୍ୱ ସମକ୍ଷରେ ମୁଁ ଟେକି ଧରିଛି। ଋଷି, ସନ୍ଥ ଓ ଅବତାରମାନଙ୍କ ମଧ୍ୟଦେଇ ଯାହାକୁ ବିଶୋଧିତ କରିଛି। ନିଜର ନୁହେଁ, ବିଶ୍ୱ ସମୁଦାୟର ଉତ୍‌ଥାନ ପାଇଁ ଏହି ଧର୍ମ ଉଦ୍ଦିଷ୍ଟ। ଭାରତର ଉତ୍‌ଥାନ ହେବ କହିବାର ଅର୍ଥ ସନାତନ ଧର୍ମର ଉତ୍‌ଥାନ।'' ଅଭିଭାଷଣ ଶେଷରେ ଶ୍ରୀଅରବିନ୍ଦ କହିଥିଲେ: ''ଏହି ବାଣୀ ମୋତେ ପ୍ରାପ୍ତ ହୋଇଥିଲା, ଆପଣମାନଙ୍କୁ ଅବଗତ କରାଇବା ପାଇଁ। ଆଗରୁ କହିଛି ଓ ଏବେ କହୁଛି ଯେ ଦେଶର ମୁକ୍ତି ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ନୁହେଁ, ଜାତୀୟତା ମଧ୍ୟ ରାଜନୀତି ନୁହେଁ; ଗୋଟିଏ ଧର୍ମ, ଗୋଟିଏ ବିଶ୍ୱାସ ଓ ଗୋଟିଏ ନିଷ୍ଠା। ଆମ ପାଇଁ ଏହି ସନାତନ ଧର୍ମ ହିଁ ହେଉଛି ଜାତୀୟତା।''

**ମୋ: ୯୮୫୩୨୮୭୭୫୫**

# ଅନିଦ୍ରାରୁ ଚିନ୍ତା, ଚିନ୍ତାରୁ ଅନିଦ୍ରା



ଡା. ସମ୍ରାଟ୍ କର

ଆଜିର ସହରୀ ଜୀବନ ବିଷୟରେ ଲେଖିବାକୁ ବସିଲେ ଅନେକ କଥା ମନକୁ ଆସେ। ଗମନାଗମନରେ ଅସୁବିଧା, ଅନିଶ୍ଚିତତା, ଦୀର୍ଘସମୟର ଟ୍ରାଫିକ ଜାମ୍, ଶବ୍ଦ ଓ ବାୟୁ ପ୍ରଦୂଷଣ, ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ଜନାକୀର୍ଣ୍ଣ ବାସସ୍ଥାନ, ଧୂଳି, ଧୂଆଁ ଓ ଧ୍ୱନିର ଶ୍ୱାସରୋଧକାରୀ ପରିବେଶ ସବୁ କଥାରେ ଏଠି ଲମ୍ବାଧାଡ଼ି ଓ ସମୟ ସହିତ ଦୌଡ଼ ପ୍ରତିଯୋଗିତା। ଏସବୁ ଫେଣ୍ଟି ହୋଇ ସହରୀ ମଣିଷର ଜୀବନକୁ ଫେଣ୍ଟି ଦେଉଛି। ପ୍ରବଳ ମାନସିକ ଚାପ ପାଇଁ ଏସବୁ ବଡ଼ିଆ ଉପାଦାନ ଏବଂ ଏହି ଚାପ ଯୋଗୁ ତାକୁ ଠିକ୍‌ଭାବେ ନିଦ ହେଉନାହିଁ। ନିଦ ନ ହେବାରୁ ଚିନ୍ତା ବଢ଼ିଯାଉଛି। ଫଳରେ ନିଦ ତା'ଠାରୁ ଆହୁରି ଦୂରେଇ ଯାଉଛି। ଶିଳ୍ପୋନ୍ନତ ଆମେରିକାରେ ତରୁଣ ବୟସରୁ ଊର୍ଦ୍ଧ୍ୱ ସମସ୍ତ ଆମେରିକାବାସୀଙ୍କ ମଧ୍ୟରୁ ୪୦% ଅର୍ଥାତ୍ ପ୍ରାୟ ୮ କୋଟି ୨୦ ଲକ୍ଷ ବ୍ୟକ୍ତି ଏହି ଅନିଦ୍ରା ବା ନିଦ୍ରାହୀନତା ରୋଗରେ ପୀଡ଼ିତ। ଆମ ଦେଶରେ ଏଭଳି ପରିସଂଖ୍ୟାନ ଉପଲବ୍ଧ ନ ହେଲେ ମଧ୍ୟ ସମସ୍ତ ମେଟ୍ରୋନଗରୀ ସମେତ ଅନ୍ୟାନ୍ୟ ବଡ଼ ସହରରେ ଏମିତିକା ରୋଗୀଙ୍କ ସଂଖ୍ୟା ଆପଣ ଭାବୁଥିବା ସଂଖ୍ୟା ଠାରୁ ଯଥେଷ୍ଟ ଅଧିକ। ଅନିଦ୍ରା ରୋଗୀ ଦୁଇ ପ୍ରକାର ଯଥା: ପୁରାତନ ରୋଗୀ ଏବଂ ସାମୟିକ ରୋଗୀ। ଅନିଦ୍ରା ରୋଗର ପରିଣାମ କିପରି ଭୟଙ୍କର ହୁଏ, ସେ ବିଷୟରେ 'ଫସ୍ଲିପ୍‌ଥ୍ରିଭ୍‌ସ' ପୁସ୍ତକର ରଚୟିତା ଷ୍ଟାନ୍‌ଲେ କୋରେନ୍ କରିଥିବା ଗବେଷଣାର ଫଳାଫଳରୁ ସହଜରେ ଅନୁମାନ କରିହୁଏ। ପ୍ରଶାନ୍ତ ମହାସାଗରରେ ଏକ୍ସନଭାଲଡେରି ତୈଳବାହୀ ଜାହାଜ ଦୁର୍ଘଟଣା ଯୋଗୁ ହୋଇଥିବା ପରିବେଶର ଅକଳନୀୟ କ୍ଷତି, ଚେର୍ନୋବିଲ ଆଣବିକ ଦୁର୍ଘଟଣା, ଚ୍ୟାଲେଞ୍ଜର ଅନ୍ତରୀକ୍ଷଯାନ ଦୁର୍ଘଟଣା ଏବଂ ନିକଟ ଅତୀତରେ ଥ୍ରୀମାଇଲ୍ ଦ୍ୱୀପରେ ଏକ ଆସନ୍ନ ଆଣବିକ ଦୁର୍ଘଟଣାରୁ ଅଳ୍ପକେ ବଞ୍ଚିଯାଇଥିବା ଘଟଣା ସବୁ ଅନିଦ୍ରା ରୋଗର ପରିଣାମ ବୋଲି କୋରେନ୍ ପ୍ରକାଶ କରିଛନ୍ତି। ପରୀକ୍ଷାରୁ ଜଣାପଡ଼ିଛି, ଗୋଟିଏ ମୂଷାକୁ ନିରବଚ୍ଛିନ୍ନ ଭାବେ ୧୦/୧୨ ଦିନ ଶୋଇବାକୁ ଦିଆ ନ ଯିବା ଫଳରେ ତା'ର ମୃତ୍ୟୁ ହୋଇଥାଏ।

ନିଦ୍ରା ଗଭୀର ହେଲେ ଆବଶ୍ୟକ ହରମୋନ ଠିକ୍ ଭାବରେ ନିଃସୃତ ହୁଏ ଏବଂ ଶରୀରରେ ପ୍ରୋଟିନ୍ ତିଆରି ଆବଶ୍ୟକ ମତେ ହୋଇଥାଏ। ତେଣୁ ବଢ଼ିବା ପିଲାଙ୍କ ପାଇଁ ଉପଯୁକ୍ତ ନିଦ୍ରା ଅପରିହାର୍ଯ୍ୟ। ଶରୀରରୁ ସୃଷ୍ଟି ଶକ୍ତି ସଂରକ୍ଷଣ ପାଇଁ ଉପଯୁକ୍ତ ନିଦ୍ରା ଆବଶ୍ୟକ। ସୁପ୍ତ ଅବସ୍ଥାରେ ମସ୍ତିଷ୍କ ଜାଗ୍ରତ ରହିଥିଲେ ମଧ୍ୟ ଏଥିପାଇଁ କମ୍ ପରିମାଣ ଶକ୍ତି ଖର୍ଚ୍ଚ ହୁଏ। କାରଣ ସେତେବେଳେ ଶରୀରର ଉତ୍ତାପ କମ୍ ଥାଏ ଏବଂ ପାଚନ ପ୍ରକ୍ରିୟା ପ୍ରାୟ ୨୦% କମ୍ ହୋଇଥାଏ। ଜାଗ୍ରତ ଅବସ୍ଥାରେ ମସ୍ତିଷ୍କ ମଧ୍ୟରେ ଘାତ ପ୍ରେରକ ସ୍ନାୟୁକୋଷର ହୋଇଥିବା କ୍ଷତି ନିଦ୍ରା ସମୟରେ ଭରଣ ବା ମରାମତି ହୋଇଥାଏ।

କର୍ମକ୍ଷେତ୍ରରେ ଏକାଧିକ କାରଣ ଯୋଗୁ ହେଉଥିବା ମାନସିକ ଚାପର ଜୀବନଶୈଳୀ ସହିତ ସମ୍ପର୍କ ରହିଛି। ଜଣେ ବ୍ୟକ୍ତିର ଜୀବନଯାପନ ଢଙ୍ଗ ଓ ଦୃଷ୍ଟିଭଙ୍ଗୀ ସହିତ ମାନସିକ ଚାପ ଅନିଦ୍ରା ଓତପ୍ରୋତ ଭାବେ ଜଡ଼ିତ। ଶୋଇବା ପୂର୍ବରୁ କୌଣସି ପ୍ରକାର ବ୍ୟାୟାମ ଏବଂ ଟିଭି ଦେଖିଲେ ନିଦ୍ରା ବ୍ୟାଘାତ ହୁଏ। ଶୟନକକ୍ଷ, ବିଛଣା ଚାଦର, ପର୍ଦ୍ଦା ସବୁ ସଫାସୁତୁରା ରଖିଲେ ଏବଂ ଶୟନକକ୍ଷରେ ବାୟୁ ସଞ୍ଚାଳନ ଠିକ୍ ଭାବେ ହେଲେ ଭଲ ନିଦ ହୁଏ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଶୋଇଲେ ଏବଂ ନିର୍ଦ୍ଦିଷ୍ଟ ସମୟରେ ନିଦରୁ ଉଠିବା ଦ୍ୱାରା ମସ୍ତିଷ୍କରେ ଥିବା ନିଦ୍ରାକେନ୍ଦ୍ର ଏକ ଅଭ୍ୟାସରେ ପଡ଼ିଥାଏ। ଖାଇବାର ସମୟାନୁବର୍ତ୍ତିତା ରକ୍ଷାକଲେ ଯେପରି ଠିକ୍ ସମୟରେ ଭୋକ ଲାଗେ, ନିଦ୍ରା ସେହିଭଳି ଅଭ୍ୟାସଗତ ହେଲେ ଅନିଦ୍ରା ରୋଗ ହୋଇ ନ ଥାଏ।

ନିଦ୍ରା ନ ହେଲେ ନିଦ ଔଷଧ ଅନେକେ ବ୍ୟବହାର କରିଥାଆନ୍ତି। କିନ୍ତୁ ଏହାର କୁପରିଣାମ ଅନେକ। ଯୋଗ ଅଭ୍ୟାସ ନିୟମିତ ଭାବେ କରିବା ଦ୍ୱାରା ଅନିଦ୍ରା ସମସ୍ୟା ଦୂର ହୁଏ। ଅବଶ୍ୟ ପୁରାତନ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ବ୍ୟବହାର କରିବା ଉଚିତ। ଇତିହାସରେ କେତେକ ବିଖ୍ୟାତ ବ୍ୟକ୍ତି ଅନିଦ୍ରା ରୋଗରେ ପୀଡ଼ିତ ଥିଲେ। ନେପୋଲିୟନ ଦିନକୁ ମାତ୍ର ତିନିଘଣ୍ଟା ଶୋଉଥିଲେ ବୋଲି କୁହାଯାଏ। ଚର୍ଚ୍ଚିଲ, ଆଇଜାକ୍ ନିଉଟନ, ଥମାସ ଏଡିସନ, ବେଞ୍ଜାମିନ୍ ଫ୍ରାଙ୍କଲିନ, ଆବ୍ରାହମ୍ ଲିଙ୍କନ୍, ସେକ୍ସପିଅର, ଚାର୍ଲସ ଡିକେନ୍ସ ଓ ମ୍ୟାରିଲିନ ମନରୋ ସମସ୍ତେ ଅନିଦ୍ରା ରୋଗୀ ଥିଲେ। କଥାରେ ଅଛି 'ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି'। ଯଥାର୍ଥରେ ଏକ ନିୟମରେ ବନ୍ଧା ଜୀବନ ସମ୍ପୂର୍ଣ୍ଣ ଆନନ୍ଦମୟ ଜୀବନ ପ୍ରଦାନ କରେ। ସୁଷମ ଖାଦ୍ୟ, ଯୋଗ ପ୍ରାଣାୟାମ, ଆହାର ଓ ବିଶ୍ରାମରେ ନିୟମିତତା, ଚାପମୁକ୍ତି ଓ କ୍ରୋଧମୁକ୍ତ ଜୀବନ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ।

**ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ମୋ:୯୧୩୨୪୩୩୩୩୩**

## ଏଇ ଭାରତରେ

ଭାରତ–ଚାଇନା–ତିବ୍ବତ– ସୀମାକୁ ଲାଗି ରହିଥିବା ଚମେଲି ଜିଲା(ଉତ୍ତରାଖଣ୍ଡ)ର ସବାଡ଼ ଗାଁର ଗ୍ରାମବାସୀଙ୍କ ଦେଶ ସେବା ମନୋଭାବ ଖୁବ୍ ନିଆରା। ଏହି ଗାଁରେ ଏବେ ୧୪୦୦ ଲୋକ ରହୁଛନ୍ତି। ଚମେଲି ଜିଲା ମୁଖ୍ୟାଳୟଠାରୁ ୧୧୨ କି.ମି. ଦୂର ଦେବାଲ ବ୍ଲକ୍‌ର ସବାଡ ଗାଁ ଏକ ସୈନିକ ବହୁଳ ଗାଁ। ଏହି ଗାଁର ପ୍ରତି ପରିବାରରୁ ଅତି କମ୍‌ରେ ଜଣେ ଦେଶ ସେବା ପାଇଁ କାର୍ଯ୍ୟରତ। ପ୍ରଥମ ବିଶ୍ୱଯୁଦ୍ଧ, ଦିତୀୟ ବିଶ୍ୱଯୁଦ୍ଧରୁ ଆରମ୍ଭ କରି ଦେଶର ସ୍ୱାଧୀନତା ଆନ୍ଦୋଳନରେ ସବାଡ଼ର ସୈନିକଙ୍କ ଯୋଗଦାନ ଇତିହାସ ପୃଷ୍ଠାରେ ସୁବୁଦ୍ଦିନ ପାଇଁ ଉଲ୍ଲେଖ ହୋଇ ରହିବ। ଏହି ଗାଁର ୨୨ ଜଣ ସୈନିକ ପ୍ରଥମ ବିଶ୍ୱଯୁଦ୍ଧରେ ଭାଗ ନେଇଥିଲେ ଓ ଦୁଇ ସୈନିକ ଶହୀଦ ହୋଇଥିଲେ। ପ୍ରଥମ ବିଶ୍ୱ ଯୁଦ୍ଧରେ ଶହୀଦ ଯବାନଙ୍କ ସ୍ମୃତିରେ ସବାଡ଼ରେ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇଛି। ଏହାକୁ ଅମର ଶହୀଦ ସ୍ମାରକ କୁହାଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମଧ୍ୟ ଏହି ଗାଁରୁ ୩୮ସୈନିକ ବ୍ରିଟିଶ ସେନା ପକ୍ଷରୁ ଲଢ଼ିଥିଲେ। ଇଂରେଜ ବିରୋଧରେ ସ୍ୱାଧୀନତା ସଂଗ୍ରାମରେ ସବାଡ଼ର ସୈନ୍ୟଙ୍କ ଯୋଗଦାନ ମଧ୍ୟ ଅବିସ୍ମରଣୀୟ। ଏବେ ବି ଭାରତୀୟ ସେନାରେ ୧୦୬ ଯବାନ ରହିଛନ୍ତି। ପୂର୍ବଜମାନେ ଦେଶସେବାର ପଥ ଦେଖାଇଯାଇଛନ୍ତି ଓ ଏବକାର ପିଢ଼ି ସେମାନଙ୍କ ପଥରେ ଚାଲିଛନ୍ତି।

## ଚିରନ୍ତନୀ

ହିଂସାବିହୀନ ଶାନ୍ତ ଉପରେ ପଡିଲା ଦାଗ
ଦିଶେ ଦିଶେ ଆଜି ଚମକି ଉଠିଲା ରକ୍ତରାଗ!
ସମାନ ହେବାକୁ ସମାଜ ଏଣିକି ସହଜ ହେଲା
ରୁଧିରେ ବୋଳିଛ ହାତ ଯେହୁ ଆସ ହିନ୍ଦୁ ଚେଲା!
–(ରକ୍ତ–ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମାନ୍ୟତା ମିଳିବନି କାହିଁକି

ମହାଶୟ,

ସମଗ୍ର ଭାରତରେ ଝାଡ଼ଖଣ୍ଡ ହେଉଛି ଏପରି ଏକ ରାଜ୍ୟ, ଯେଉଁଠି ସ୍ଥାନୀୟ ରାଜ୍ୟ ସରକାର ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ଭାବେ ସ୍ୱୀକୃତି ଦେଇଥିଲେ ଏବଂ ସବୁଠାରୁ ବଡ଼ କଥା ଏହି ରାଜ୍ୟରେ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ଓଡ଼ିଆ ରୁହନ୍ତି। ତେବେ ଏକ ଦୁଃଖଦ ଘଟଣାକ୍ରମେ ୨୦୨୧–୨୨ ଶିକ୍ଷାବର୍ଷରୁ ଝାଡ଼ଖଣ୍ଡ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଭାଷାକୁ ମିଳିଥିବା ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଉଠାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ଅର୍ଥ ଆଗାମୀ ଦିନରେ ଝାଡ଼ଖଣ୍ଡର କୌଣସି ବିଦ୍ୟାଳୟରେ କେହି ଇଚ୍ଛା କଲେ ମଧ୍ୟ ଓଡ଼ିଆ ଭାଷାରେ ପାଠ ପଢ଼ିବାରୁ ବଞ୍ଚିତ ହେବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଓଡ଼ିଆ ଭାଷା ସମୃଦ୍ଧ ବହୁଳ ଜିଲା ଖରସୁଆଁ, ପୂର୍ବ ସିଂହଭୂମ, ଷଢ଼େଇକଳା ଓ ପଶ୍ଚିମ ସିଂହଭୂମରେ ତୀବ୍ର ପ୍ରତିକ୍ରିୟାର ସୃଷ୍ଟି ହୋଇଛି। ଓଡ଼ିଆ ଭାଷାର କଣ୍ଠରୋଧ ପାଇଁ ଝାଡ଼ଖଣ୍ଡ ସରକାରଙ୍କ ଏଭଳି ଉଦ୍ୟମ ଓ ଅପଚେଷ୍ଟାକୁ କଦାପି ବରଦାସ୍ତ କରାଯିବ ନାହିଁ। ୨୦୧୧ରେ ଝାଡ଼ଖଣ୍ଡ ସରକାର ଓଡ଼ିଆ ସମେତ ଚାରିଟି ଆଞ୍ଚଳିକ ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେଇଥିଲେ। ଅନ୍ୟ ତିନିଟି ଭାଷା ହେଉଛି ସାନ୍ତାଳୀ, ବଙ୍ଗଳା ଓ ଉର୍ଦ୍ଦୁ। ଏହାର ଠିକ୍ ୧୦ ବର୍ଷ ପରେ ବର୍ତ୍ତମାନର ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସାନ୍ତାଳୀ, ବଙ୍ଗଳା ଓ ଉର୍ଦ୍ଦୁର ମାନ୍ୟତା ପ୍ରତ୍ୟାହାର ହୋଇ ନ ଥିବାବେଳେ ଓଡ଼ିଆକୁ ଦ୍ୱିତୀୟ ଭାଷାର ମାନ୍ୟତା ପ୍ରତ୍ୟାହାର କରାଯାଇଛି। ଏଥିରେ ଓଡ଼ିଶା ସରକାର ତୁରନ୍ତ ହସ୍ତକ୍ଷେପ ପୂର୍ବକ ଝାଡ଼ଖଣ୍ଡ ସରକାରଙ୍କ ସହ କଥାବାର୍ତ୍ତା କରି ଓଡ଼ିଆ ଭାଷାକୁ ପ୍ରତ୍ୟାହାର କରିବାରୁ ନିବୃତ୍ତ ରଖିବା ପାଇଁ ନିଷ୍ପତ୍ତି ନିଅନ୍ତୁ।

**–ବାଦଲ ଭୂୟାଁ, ୭ ଏକ୍ସଟେନ୍‌ସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

## ନେତାଙ୍କ ଦୁର୍ବଳ ମାନସିକତା

ଆଗକୁ ପଞ୍ଚାୟତ ଓ ପୌର ନିର୍ବଚନ ଆସୁଥିବାରୁ ରାଜନେତାମାନେ ଚଳଚଞ୍ଚଳ ହୋଇ ଉଠିଲେଣି। ସାଧାରଣତଃ ନିର୍ବାଚନ ସମୟରେ ନେତାମାନେ ନିଜର ସ୍ୱକୀୟ ରାଜନୀତି ଅଭିନୟରେ ଜିତାପଟ ହାସଲ ପାଇଁ ଉଦ୍ୟମ ଜାରି ରଖିବା ଦେଖାଯାଏ। ସେଥିପାଇଁ ଭୋଟରଙ୍କ ପାଖରେ ପହଞ୍ଚିବା ପାଇଁ ଗ୍ରାମ ଓ ସହରର ପ୍ରତି ଗଳିକନ୍ଦିରେ ପଦଯାତ୍ରା ଆରମ୍ଭ କରିଥା'ନ୍ତି। ଧନୀ ଓ ଗରିବ ନିର୍ବିଶେଷରେ ଯଥା ରୀତି ଭାବେ କରମର୍ଦ୍ଦନ, ଆଲିଙ୍ଗନ ପୂର୍ବକ ଭୋଟ ଭିକ୍ଷା କରାଯାଏ। ଏଥି ସହ ନେତାମାନେ ହାତୀ ଦେବି ଘୋଡ଼ା ଦେବି ଭଳି ପୁଳା ପୁଳା ମିଛ ଲୋଭାଳିଆ ପ୍ରତିଶ୍ରୁତି ଦେଇ ଭୋଟରମାନଙ୍କୁ ଆକୃଷ୍ଟ କରିଥାଆନ୍ତି। ନିର୍ବାଚନରେ ଜିତାପଟ ପରେ କିଛି ନେତା ଗାଦିସୀନ ହୋଇ ତାଙ୍କର ଅସଲ ସ୍ୱରୂପ ଦେଖାଇଥାନ୍ତି। କୌଣସି ଭୋଟର ନିଜର ଅସୁବିଧାର ସମାଧାନ ପାଇଁ ନେତାଙ୍କ ଦ୍ୱାରସ୍ଥ ହେବା ବେଳେ ନେତା ବାବୁ ଭୋଟରଙ୍କ ଆପତ୍ତି ଶୁଣିବା ତ ଦୂରର କଥା, ତାଙ୍କୁ ଚିହ୍ନିପାରନ୍ତି ନାହିଁ। ସେଥିପାଇଁ ନେତାଙ୍କ ନିକଟରେ ଥିବା ଚାମଚା ଓ କୁଜି ନେତାଙ୍କ ସାହାଯ୍ୟ ଲୋଡ଼ା ପଡ଼ିଥାଏ। କିଛି ରାଜନେତା ପ୍ରତିଶ୍ରୁତି ଭୁଲି ଚାମଚାଙ୍କ କଥାରେ କାମ କରିବା ଏକ ଦୁର୍ବଳ ମାନସିକତା। ଏପରି ଆଚରଣ ଜଣେ ନିର୍ବାଚିତ ପ୍ରତିନିଧିଠାରୁ ଆଶା କରାଯାଇ ନ ପାରେ।

**– ମହେଶ୍ୱର ନାୟକ, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରଥମେ ବେଲଜିୟମ-ଦକ୍ଷିଣ ଆଫ୍ରିକା

ଭୁବନେଶ୍ୱର, ୨୩।୧୧
(କ୍ରୀଡ଼ା ପ୍ରତିନିଧି)




ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ସନ୍ଧ୍ୟାରେ ଆୟୋଜନ ହେବ। ମାତ୍ର ପୂର୍ବାହ୍ନ ୯ଟା ୩୦ରେ ଗତଥରର ରନର୍ସଅପ୍ ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ ଏହାପରେ ଅପରାହ୍ନ ୧୨ଟାରେ ଜର୍ମାନୀ-ପାକିସ୍ତାନ, ୨ଟା ୩୦ରେ କାନାଡ଼ା-ପୋଲାଣ୍ଡ, ସନ୍ଧ୍ୟା ୫ଟାରେ ମାଲେସିଆ-ଚିଲି ଓ ରାତି ୮ଟାରେ ଭାରତ-ଫ୍ରାନ୍ସ ମଧ୍ୟରେ ମୁକାବିଲା ହେବ। ଅନ୍ତର୍ଜାତୀୟ ଫୁଟବଲର ତଥା ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରଥମ ମ୍ୟାଚରେ ଅତିଥିଭାବେ ଉପସ୍ଥିତ ରହିବେ। ସେ ଉଭୟ ଦଳର ଖେଳାଳିଙ୍କ ସହ ଆନୁଷ୍ଠାନିକଭାବେ ପରିଚିତ ହେବାପରେ ବିଶ୍ୱର ରାଇଜିଂ ଷ୍ଟାରଙ୍କୁ ନେଇ ହେବାକୁ ଯାଉଥିବା ପ୍ରତିଯୋଗିତା ଆରମ୍ଭ ହେବ। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ଏଥର ପ୍ରତିଯୋଗିତା ଆୟୋଜନ ସମୟରେ ଦେଶ ବିଦେଶରୁ ଆସିଥିବା ଖେଳାଳି ଓ କର୍ମକର୍ତ୍ତାଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆ ଯାଉଛି।

**ମାନସିକ ସ୍ତରରେ ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ: ବିବେକ**

''ଜୁନିୟର ବିଶ୍ୱକପ ଟାଇଟଲ ବଜାୟ ରଖିବାକୁ ହେଲେ ଆମ ଖେଳାଳି ମାନଙ୍କୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ଆମେ କଳିଙ୍ଗ ଷ୍ଟାଡିୟମରେ ସିନିୟର ଦଳ ବିପକ୍ଷରେ କେତେକ ଅଭ୍ୟାସ ମ୍ୟାଚ ଖେଳିଛୁ। ସେ ଅଭିଜ୍ଞତା ଆଗାମୀ ପ୍ରତିଯୋଗିତାରେ କାମ ଦେବ। ପ୍ରତି ଦଳପାଇଁ ପ୍ରଥମ ମ୍ୟାଚ ଅତି ଗୁରୁତ୍ୱପୂର୍ଣ୍ଣ। ତେଣୁ ଆମେ ଫ୍ରାନ୍ସ ବିପକ୍ଷ ମ୍ୟାଚ ଉପରେ ଫୋକସ କରୁଛୁ'' ବୋଲି ମଙ୍ଗଳବାର ଅନୁଷ୍ଠିତ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟକ ବିବେକ ସାଗର ପ୍ରସାଦ ପ୍ରକାଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟଥିଲେ ବିବେକ। ସିନିୟର ଦଳରେ ଥିବାବେଳେ ମୁଁ ବଡ଼ ଟୁର୍ନାମେଣ୍ଟରେ ଖେଳି ଅନେକ କିଛି ଶିଖିବାକୁ ପାଇଛି। ଦଳ ହେଉଛି ପ୍ରଥମ, ତେଣୁ ପୂରା ଦଳ କିପରି ଭଲ ଖେଳିପାରିବ ତା' ଉପରେ ଗୁରୁତ୍ୱ ଦେବି ଏବଂ ଅଲିମ୍ପିକ୍ସର ଅଭିଜ୍ଞତାକୁ ଉପଯୋଗ କରିବି ବୋଲି ବିବେକ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ଭାରତୀୟ ଜୁନିୟର ଦଳର ଅଭ୍ୟାସ ଉପରେ ନିଜର ରଖିଛନ୍ତି ସିନିୟର ଦଳର କୋଚ୍ ଗ୍ରାହାମ ରିଡ୍। ଗତ ଦେଢ଼ବର୍ଷ ଧରି ଜୁନିୟର ଦଳର ଦାୟିତ୍ୱ ବୁଝୁଥିବା ମୁଖ୍ୟ କୋଚ୍ ବି.ଜେ. କାରିଆପ୍ପାଙ୍କୁ ସହଯୋଗ କରିବା ତାଙ୍କର କାର୍ଯ୍ୟ। ଏତେ କମ୍ ଦିନ ମଧ୍ୟରେ ଅନ୍ୟକିଛି ଦାୟିତ୍ୱ ବୁଝିବା କଷ୍ଟକର ବୋଲି ସେ କହିଛନ୍ତି। ସିନିୟର ଏବଂ ଜୁନିୟର ଦଳପାଇଁ ସମାନ ରୁଟିନ। ଯେତେ ସମ୍ଭବ ମୁଁ ମୋ ଅଭିଜ୍ଞତାକୁ ବିନିଯୋଗ କରିବାକୁ ଚେଷ୍ଟା କରିବି। ବିବେକ ନେତୃତ୍ୱ ଦକ୍ଷତା ଦେଖାଇ ନିଜ ଅଭିଜ୍ଞତାକୁ ଅନ୍ୟ ପିଲାଙ୍କ ମଧ୍ୟରେ ବାଣ୍ଟିବା ଦେଖିବାକୁ ଭଲ ଲାଗୁଛି ବୋଲି ରିଡ୍ କହିଛନ୍ତି। ସିନିୟର ଦଳପାଇଁ ପ୍ରତିଭା ଚୟନ କରିବାକୁ ଜୁନିୟର ବିଶ୍ୱକପ ହିଁ ପ୍ରକୃତ ପ୍ଲାଟ୍‌ଫର୍ମ। ନୂଆ ଖେଳାଳିଙ୍କୁ ବାହାର କରିବାରେ ଏହି ଟୁର୍ନାମେଣ୍ଟ ବିଶେଷ ସହାୟକ ହୋଇଥାଏ। ୨୦୧୬ ବିଶ୍ୱକପ ପରି ଯଦି ଆଗାମୀ ପ୍ରତିଯୋଗିତାରେ ଖେଳାଳିମାନେ ପ୍ରତିଭା ଦେଖାନ୍ତି ତେବେ ବିଶ୍ୱହକିରେ ଭାରତ ଦୃଢ଼ ସ୍ଥାନରେ ରହିଛି ବୋଲି ମୁଁ କହିପାରିବି। ବିଶ୍ୱସ୍ତରରେ ପ୍ରତିଭା ଦେଖାଇବାକୁ ଏହା ପ୍ରକୃଷ୍ଟ ସମୟ ବୋଲି ରିଡ୍ କହିଛନ୍ତି।


ଜୁନିୟର ହକି ବିଶ୍ୱକପ ପାଇଁ ପ୍ରସ୍ତୁତ ଭାରତୀୟ ଦଳ।


 କଳିଙ୍ଗ ଷ୍ଟାଡିୟମର ହକି ଟର୍ଫରେ ଜଳ ସିଞ୍ଚନ କରାଯାଉଛି।

ବିଶ୍ୱର ଶ୍ରେଷ୍ଠ ରାଇଜିଂ ଷ୍ଟାରଙ୍କୁ ନେଇ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ମୋଟ ୪୮ଟି ମ୍ୟାଚ ଅନୁଷ୍ଠିତ ହେବ। ଡିସେମ୍ବର ୫ରେ ହେବ ମେଗା ଫାଇନାଲ। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ପ୍ରତିଯୋଗିତାକୁ ସଫଳ ଏବଂ ସୁରକ୍ଷିତଭାବେ ସମ୍ପନ୍ନ କରିବା ଉପରେ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି।

## ଜୁନିୟର ପୁରୁଷ ହକି ବିଶ୍ୱକପ୍ କାର୍ଯ୍ୟସୂଚୀ

**ପୁଲ୍ ଏ: ବେଲ୍‌ଜିୟମ, ଚିଲି, ମାଲେସିଆ, ଦକ୍ଷିଣ ଆଫ୍ରିକା**
**ପୁଲ୍ ବି: ଭାରତ, କାନାଡା, ଫ୍ରାନ୍ସ, ପୋଲାଣ୍ଡ**
**ପୁଲ୍ ସି: କୋରିଆ, ନେଦରଲାଣ୍ଡ୍ସ, ସ୍ପେନ୍ ଓ ଆମେରିକା**
**ପୁଲ୍ ଡି: ଆର୍ଜେଣ୍ଟିନା, ଇଜିପ୍ଟ, ଜର୍ମାନୀ ଓ ପାକିସ୍ତାନ**

| ତାରିଖ | ନମ୍ବର | ମ୍ୟାଚ | ସମୟ |
|---|---|---|---|
| ନଭେମ୍ବର ୨୪ | ୧ | ବେଲ୍‌ଜିୟମ ବନାମ ଦକ୍ଷିଣ ଆଫ୍ରିକା | ପୂର୍ବାହ୍ନ ୯ଟା ୩୦ |
| | ୨ | ଜର୍ମାନୀ ବନାମ ପାକିସ୍ତାନ | ଅପରାହ୍ନ ୧୨ଟା |
| | ୩ | କାନାଡ଼ା ବନାମ ପୋଲାଣ୍ଡ | ଅପରାହ୍ନ ୨ଟା ୩୦ |
| | ୪ | ମାଲେସିଆ ବନାମ ଚିଲି | ଅପରାହ୍ନ ୫ଟା |
| | **୫** | **ଭାରତ ବନାମ ଫ୍ରାନ୍ସ** | **ରାତି ୮ଟା** |
| ନଭେମ୍ବର ୨୫ | ୬ | ଆର୍ଜେଣ୍ଟିନା ବନାମ ଇଜିପ୍ଟ | ପୂର୍ବାହ୍ନ ୯ଟା ୩୦ |
| | ୭ | ନେଦରଲାଣ୍ଡ୍ସ ବନାମ କୋରିଆ | ଅପରାହ୍ନ ୧୨ଟା |
| | ୮ | ସ୍ପେନ ବନାମ ଆମେରିକା | ଅପରାହ୍ନ ୨ଟା ୩୦ |
| | ୯ | ଫ୍ରାନ୍ସ ବନାମ ପୋଲାଣ୍ଡ | ଅପରାହ୍ନ ୫ଟା |
| | **୧୦** | **କାନାଡ଼ା ବନାମ ଭାରତ** | **ରାତି ୭ଟା ୩୦** |
| ନଭେମ୍ବର ୨୬ | ୧୧ | ଦକ୍ଷିଣ ଆଫ୍ରିକା ବନାମ ଚିଲି | ପୂର୍ବାହ୍ନ ୯ଟା ୩୦ |
| | ୧୨ | କୋରିଆ ବନାମ ଆମେରିକା | ଅପରାହ୍ନ ୧୨ଟା |
| | ୧୩ | ସ୍ପେନ ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୨ଟା ୩୦ |
| | ୧୫ | ମାଲେସିଆ ବନାମ ବେଲ୍‌ଜିୟମ | ରାତି ୭ଟା ୩୦ |
| ନଭେମ୍ବର ୨୭ | ୧୬ | ପାକିସ୍ତାନ ବନାମ ଇଜିପ୍ଟ | ପୂର୍ବାହ୍ନ ୯ଟା ୩୦ |
| | ୧୭ | ଫ୍ରାନ୍ସ ବନାମ କାନାଡ଼ା | ଅପରାହ୍ନ ୧୨ଟା |
| | ୧୮ | ଦକ୍ଷିଣ ଆଫ୍ରିକା ବନାମ ମାଲେସିଆ | ଅପରାହ୍ନ ୨ଟା ୩୦ |
| | ୧୯ | ବେଲ୍‌ଜିୟମ ବନାମ ଚିଲି | ଅପରାହ୍ନ ୫ଟା |
| | **୨୦** | **ଭାରତ ବନାମ ପୋଲାଣ୍ଡ** | **ରାତି ୭ଟା ୩୦** |
| ନଭେମ୍ବର ୨୮ | ୨୧ | କୋରିଆ ବନାମ ସ୍ପେନ | ଅପରାହ୍ନ ୧୨ଟା |
| | ୨୨ | ନେଦରଲାଣ୍ଡ୍ସ ବନାମ ଆମେରିକା | ଅପରାହ୍ନ ୨ଟା ୩୦ |
| | ୨୩ | ପାକିସ୍ତାନ ବନାମ ଆର୍ଜେଣ୍ଟିନା | ଅପରାହ୍ନ ୫ଟା |
| | ୨୪ | ଜର୍ମାନୀ ବନାମ ଇଜିପ୍ଟ | ରାତି ୭ଟା ୩୦ |
| ନଭେମ୍ବର ୨୯ | | ବିଶ୍ରାମ ଦିବସ | |
| ନଭେମ୍ବର ୩୦ | ୨୫ | ପୁଲ୍-ଏ ୩ୟ ବନାମ ପୁଲ୍-ବି ୪ର୍ଥ | ପୂର୍ବାହ୍ନ ୧୦ଟା ୩୦ |
| | ୨୬ | ପୁଲ୍-ଡି ୩ୟ ବନାମ ପୁଲ୍-ସି ୪ର୍ଥ | ଅପରାହ୍ନ ୧ଟା ୩୦ |
| | ୨୭ | ପୁଲ୍-ବି ୩ୟ ବନାମ ପୁଲ୍-ଏ ୪ର୍ଥ | ଅପରାହ୍ନ ୪ଟା ୩୦ |
| | ୨୮ | ପୁଲ୍-ସି ୩ୟ ବନାମ ପୁଲ୍-ଡି ୪ର୍ଥ | ରାତି ୭ଟା ୩୦ |
| | | **କ୍ୱାର୍ଟର ଫାଇନାଲ** | |
| ଡିସେମ୍ବର ୧ | ୨୯ | ପୁଲ୍-ଏ ୧ମ ବନାମ ପୁଲ୍-ବି ୨ୟ | ପୂର୍ବାହ୍ନ ୧୦ଟା ୩୦ |
| | ୩୦ | ପୁଲ୍-ଡି ୧ମ ବନାମ ପୁଲ୍-ସି ୨ୟ | ଅପରାହ୍ନ ୧ଟା ୩୦ |
| | ୩୧ | ପୁଲ୍-ବି ୧ମ ବନାମ ପୁଲ୍-ଏ ୨ୟ | ଅପରାହ୍ନ ୪ଟା ୩୦ |
| | ୩୨ | ପୁଲ୍-ସି ୧ମ ବନାମ ପୁଲ୍-ଡି ୨ୟ | ରାତି ୭ଟା ୩୦ |
| ଡିସେମ୍ବର ୨ | ୩୩ | ୨୫ ଓ ୨୬ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୩୪ | ୨୭ ଓ ୨୮ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୧ଟା ୩୦ |
| | ୩୫ | ୨୫ ଓ ୨୬ ମ୍ୟାଚର ବିଜେତା ଦଳ | ଅପରାହ୍ନ ୪ଟା ୩୦ |
| | ୩୬ | ୨୭ ଓ ୨୮ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |
| ଡିସେମ୍ବର ୩ | ୩୭ | ୨୯ ଓ ୩୦ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୩୮ | ୩୧ ଓ ୩୨ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୧ଟା ୩୦ |
| | | **ସେମିଫାଇନାଲ** | |
| | ୩୯ | ୨୯ ଓ ୩୦ ମ୍ୟାଚର ବିଜେତା ଦଳ | ଅପରାହ୍ନ ୪ଟା ୩୦ |
| | ୪୦ | ୩୧ ଓ ୩୨ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |
| ଡିସେମ୍ବର ୪ | ୪୧ | ୩୩ ଓ ୩୪ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୪୨ | ୩୩ ଓ ୩୪ ମ୍ୟାଚର ବିଜେତା ଦଳ | ଅପରାହ୍ନ ୧ଟା ୩୦ |
| | ୪୩ | ୩୫ ଓ ୩୬ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୪ଟା ୩୦ |
| | ୪୪ | ୩୫ ଓ ୩୬ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |
| ଡିସେମ୍ବର ୫ | ୪୫ | ୩୭ ଓ ୩୮ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୪୬ | ୩୭ ଓ ୩୮ ମ୍ୟାଚର ବିଜେତା ଦଳ | ଅପରାହ୍ନ ୧ଟା ୩୦ |
| | ୪୭ | ୩୯ ଓ ୪୦ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୪ଟା ୩୦ |
| | | **ଫାଇନାଲ** | |
| | ୪୮ | ୩୯ ଓ ୪୦ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |

## କେଉଁ ବର୍ଷ କିଏ ବିଜେତା

| ବର୍ଷ | ଆୟୋଜକ | ଚାମ୍ପିୟନ | ରନର୍ସଅପ୍ |
|---|---|---|---|
| ୧୯୭୯ | ଭର୍ସାଇଲେସ | ପାକିସ୍ତାନ | ପଶ୍ଚିମ ଜର୍ମାନୀ |
| ୧୯୮୨ | କୁଆଲାଲମ୍ପୁର | ପଶ୍ଚିମ ଜର୍ମାନୀ | ଅଷ୍ଟ୍ରେଲିଆ |
| ୧୯୮୫ | ଭାଙ୍କୋଭର | ପଶ୍ଚିମ ଜର୍ମାନୀ | ନେଦରଲାଣ୍ଡ୍ସ |
| ୧୯୮୯ | ଇପୋ | ପଶ୍ଚିମ ଜର୍ମାନୀ | ଅଷ୍ଟ୍ରେଲିଆ |
| ୧୯୯୩ | ଟେରାସା | ଜର୍ମାନୀ | ପାକିସ୍ତାନ |
| ୧୯୯୭ | ମିଲଟନ କେନ୍ସ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୧ | ହୋବାର୍ଟ | ଭାରତ | ଆର୍ଜେଣ୍ଟିନା |
| ୨୦୦୫ | ରୋଟରଡାମ | ଆର୍ଜେଣ୍ଟିନା | ଅଷ୍ଟ୍ରେଲିଆ |
| ୨୦୦୯ | ଜୋହୋର ବାହରୁ | ଜର୍ମାନୀ | ନେଦରଲାଣ୍ଡ୍ସ |
| ୨୦୧୩ | ନୂଆଦିଲ୍ଲୀ | ଜର୍ମାନୀ | ଫ୍ରାନ୍ସ |
| ୨୦୧୬ | ଲକ୍ଷ୍ନୌ | ଭାରତ | ବେଲଜିୟମ |

# ହକି ଷ୍ଟାଡିୟମରେ ଫାୟାର ଫାଇଟିଂ ଡ୍ରିଲ୍

ଭୁବନେଶ୍ୱର, ୨୩।୧୧
(ସ୍ପୋର୍ଟ୍ସ ବ୍ୟୁରୋ)



ଜୁନିୟର ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ପରିସରରେ ଫାୟାର ଫାଇଟିଂ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବିଲ୍ଡିଂରେ କୌଣସି କାରଣରୁ ଆକସ୍ମିକ ନିଆଁ ଲାଗିଗଲେ ତାକୁ କିପରି ତୁରନ୍ତ ଆୟତ୍ତ କରାଯାଇପାରିବ ତାହାର ଅଭ୍ୟାସ କରାଯାଇଥିଲା। ଜୁନିୟର ହକି ବିଶ୍ୱକପ୍ ପାଇଁ ନିୟୋଜିତ ସିକ୍ୟୁରିଟି ଗାର୍ଡମାନଙ୍କୁ ଫାୟାର ଫାଇଟିଂ ବିଷୟରେ ମୌଳିକ ଜ୍ଞାନ ଓ କୌଶଳ ପ୍ରଦାନ କରାଯାଇଥିଲା। କଳିଙ୍ଗ ଷ୍ଟାଡିୟମର ଚିଫ୍ ସିକ୍ୟୁରିଟି ଅଫିସରଙ୍କ ଯୋଜନାକ୍ରମେ ପ୍ରଶାସକ ଯୁଗ୍ମ ସଚିବ ବିଜୟ ନାୟକଙ୍କ ନିର୍ଦ୍ଦେଶରେ ଆସିଷ୍ଟାଣ୍ଟ ସିକ୍ୟୁରିଟି ଅଫିସରଙ୍କ ଦ୍ୱାରା ଡ୍ରିଲ୍ ପରିଚାଳନା କରାଯାଇଥିଲା। ଫାୟାର ଫାଇଟିଂ ସରଞ୍ଜାମ ପ୍ରସ୍ତୁତକାରୀ ସଂସ୍ଥାର ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ସହାୟତା ପ୍ରଦାନ କରାଯାଇଥିଲା। ଫାୟାର ଫାଇଟିଂ ଡ୍ରିଲ୍‌ରେ ୩୦ ସିକ୍ୟୁରିଟି ଗାର୍ଡ ଓ ଦୁଇ ସିକ୍ୟୁରିଟି ସୁପରଭାଇଜର ଭାଗ ନେଇଥିଲେ। ଅଗ୍ନିକାଣ୍ଡ ହେଲେ କିପରି ଏହାକୁ ସାମ୍ନା କରିବାକୁ ହେବ ସେ ବିଷୟରେ ସେମାନଙ୍କୁ ବୁଝାଇ ଦିଆଯାଇଥିଲା। ଅଗ୍ନି ନିର୍ବାପକ ଯନ୍ତ୍ରକୁ କିଭଳି ବ୍ୟବହାର କରାଯିବ ତାହାକୁ ମଧ୍ୟ ପ୍ରଦର୍ଶନ କରାଯାଇଥିଲା।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ନଭେମ୍ବର ୨୪ ଅର୍ଥାତ ବୁଧବାର ଠାରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ପୁରୁଷ ଜୁନିଅର୍ ହକି ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି। ଏହାର ଗୋଟିଏ ଦିନ ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏନେଇ ୫ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୨୬ଜଣ ଇନ୍ସପେକ୍ଟର, ୭୨ଜଣ ଅଫିସର, ୩୦ଜଣ ହାବିଲଦାର ଓ ୨୫ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆୟୋଜିତ ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ପୋଲିସ କମିଶନର ଗଣମାଧ୍ୟମକୁ କହିଛନ୍ତି, ଏଥର ବିନା ଦର୍ଶକରେ ଖେଳ ହେବାକୁ ଯାଉଥିଲେ ବି ଆମେ ସୁରକ୍ଷା ବ୍ୟବସ୍ଥା ପ୍ରତି ସଜାଗ ରହିଛୁ। ଗତ ୧୬ତାରିଖରୁ


ସୁରକ୍ଷା ବ୍ୟବସ୍ଥା ତଦାରଖ ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ (ମଝି)ଙ୍କ ସହ ଅନ୍ୟ ଅଧିକାରୀମାନେ।

୧୬ଟି ଦେଶର ହକି ଟିମ୍ ଆସି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ସେମାନଙ୍କ ପାଇଁ ଭୁବନେଶ୍ୱରରେ ୧୦ଟି ହୋଟେଲ୍‌ରେ ରହଣି ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟ ଠାରୁ ବାହାରି ହୋଟେଲ୍ ଓ ହୋଟେଲରୁ ପଡ଼ିଆରେ ଅଭ୍ୟାସ ପର୍ଯ୍ୟନ୍ତ ଏବଂ ସେଠାରୁ ପୁଣି ହୋଟେଲ୍ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଖେଳାଳିଙ୍କ ସୁରକ୍ଷା ଉପରେ ତିକ୍ଷ୍ଣ ନଜର ରହିଛି। ଏହିସବୁ ସୁରକ୍ଷା ବ୍ୟବସ୍ଥା ଡ଼ିସିପିଙ୍କ ତତ୍ତ୍ୱାବଧାନରେ କରାଯାଇଛି। ଗେଟ୍‌ରୁ ଆରମ୍ଭ କରି ଖେଳପଡ଼ିଆ ପର୍ଯ୍ୟନ୍ତ ଓ ଷ୍ଟାଡ଼ିୟମର ଆଭ୍ୟନ୍ତରୀଣ ସୀମାର ସମସ୍ତ ସ୍ଥାନରେ ପୁଲିସ ମୁତୟନ କରାଯଆଇଛି। ଯେଉଁମାନେ ଏଠାରେ ଉପସ୍ଥିତ ରହିବେ ସମସ୍ତଙ୍କ ଆର୍‌ଟିପିସିଆର୍ ଟେଷ୍ଟ ଯେଭଳି ହୋଇଥିବ, ତାହା ଉପରେ ନଜର ରଖାଯିବ। ଭୁବନେଶ୍ୱର ପୋଲିସ ହକି ବିଶ୍ୱକପ୍, ଚମ୍ପିଆନସିପ୍ ଟ୍ରଫିକୁ ନେଇ ଅତୀତରେ ଅଭିଜ୍ଞତା ରହିଛି। ଆମର ଦୃଢ ବିଶ୍ୱାସ ରହିଛି ଯେ, ଆମେ ଆମର ଅଭିଜ୍ଞତାକୁ ନେଇ ଏହି ବିଶ୍ୱସ୍ତରୀୟ ବିଶ୍ୱକପ୍‌କୁ ସବୁ ବିଭାଗ ଏବଂ ହକି ଇଣ୍ଡିଆର ସହଯୋଗରେ ଅତି ଭଲ ଭାବେ କରିପାରିବୁ। ଏହାସହ ଚଳିତବର୍ଷ ଦର୍ଶକଶୂନ୍ୟ ଟୁର୍ଣ୍ଣାମେଣ୍ଟ ଯେହେତୁ ହେବ, ତେଣୁ ଟ୍ରାଫିକ୍ ବ୍ୟବସ୍ଥା କୌଣସି କରାଯାଇନାହିଁ। ବିଦେଶୀ ଟିମ୍‌ଙ୍କ ସୁରକ୍ଷା ଆମର ମୁଖ୍ୟ ପ୍ରାଧାନ୍ୟ ରହିବ। ସେମାନଙ୍କ ସୁରକ୍ଷା ପ୍ରତି କମିଶନରେଟ୍ ପୁଲିସ ବହୁ ସମ୍ବେଦନଶୀଳ ବୋଲି ପୋଲିସ କମିଶନର କହିଛନ୍ତି। ବୈଠକରେ ପୋଲିସ କମିଶନ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ଅତିରିକ୍ତ ସିପି ରେଖା ଲୋହାନି, ଭୁବନେଶ୍ୱର ଡ଼ିସିପି ଡ଼. ଉମାଶଙ୍କର ଦାଶ ଏବଂ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



୧୬ ଦଳର ଖେଳାଳିଙ୍କୁ ନେବା ଆଣିବା ପାଇଁ ନିୟୋଜିତ ବସ୍।

# ମନୀଷଙ୍କ ବହିକୁ ନେଇ କଂଗ୍ରେସରେ କମ୍ପନ



୨୬/୧୧ ମୁମ୍ବାଇ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ଉପା ସରକାରଙ୍କ ଦୁର୍ବଳତା: ମନୀଷ ତିୱାରୀ

ନୂଆଦିଲ୍ଲୀ,୨୩।୧୧

ବରିଷ୍ଠ କଂଗ୍ରେସ ନେତା ମନୀଷ ତିୱାରୀଙ୍କ ଏକ ପୁସ୍ତକ କଂଗ୍ରେସରେ କମ୍ପନ ସୃଷ୍ଟି କରିଛି। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରରେ ମନ୍ତ୍ରୀ ଥିବା ମନୀଷ 'ଟେନ୍ ଫ୍ଲାସ୍ ପଏଣ୍ଟ, ଟ୍ୱେଣ୍ଟି ଇୟର୍ସ-ନ୍ୟାଶନାଲ ସିକ୍ୟୁରିଟି ସିଚ୍ୟୁଏଶନ୍ସ ଦାଟ୍ ଇମ୍ପେକ୍ଟେଡ୍ ଇଣ୍ଡିଆ' ଶୀର୍ଷକ ପୁସ୍ତକରେ ନିଜ ଦଳକୁ ଟାର୍ଗେଟ କରିଛନ୍ତି। ୨୬/୧୧ ମୁମ୍ବାଇ ଆକ୍ରମଣକୁ ନେଇ ତତ୍କାଳୀନ ମନମୋହନ ସିଂ ସରକାର ପାକିସ୍ତାନ ବିରୋଧରେ ଯେପରି କାର୍ଯ୍ୟାନୁଷ୍ଠାନ ନେବା କଥା ସେପରି ନେଇ ନ ଥିଲେ ବୋଲି ମନୀଷ ଏଥିରେ ଉଲ୍ଲେଖ କରିଛନ୍ତି।

## ଜାତୀୟ ସୁରକ୍ଷାର ବିଫଳତା ଉପରେ କଂଗ୍ରେସର ସ୍ୱୀକାରୋକ୍ତି: ଭାଜପା

ମନୀଷ ତିୱାରୀଙ୍କ ସଦ୍ୟ ପୁସ୍ତକ ଡିସେମ୍ବର ୨ରେ ଉନ୍ମୋଚିତ ହେବ। ଏଥିରେ ସେ ଭାରତକୁ ପ୍ରଭାବିତ କରିଥିବା ଗତ ୨ ଦଶନ୍ଧିର ସୁରକ୍ଷା ସ୍ଥିତି ସମ୍ପର୍କରେ ଅବତାରଣା କରିଛନ୍ତି। ତାଙ୍କର ଚତୁର୍ଥ ପୁସ୍ତକ ଖୁବ୍‌ଶୀଘ୍ର ବଜାରରେ ଉପଲବ୍ଧ ହେବାକୁ ଯାଉଛି ବୋଲି ମଙ୍ଗଳବାର ମନୀଷ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ମୁଖପାତ୍ର ଗୌରବ ଭାଟିଆ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ଉପା ସରକାର ତତ୍କାଳୀନ ଜାତୀୟ ସୁରକ୍ଷା ଉପରେ କିପରି ଉଦାସୀନ ଥିଲେ ତାହା ମନୀଷଙ୍କ ପୁସ୍ତକ ଦର୍ଶାଉଛି। ଉକ୍ତ ପୁସ୍ତକରେ ସାମ୍ନାକୁ ଆସିଥିବା ତଥ୍ୟକୁ କଂଗ୍ରେସ ବିଫଳତାର ସ୍ୱୀକାରୋକ୍ତି କହିଲେ ଭୁଲ୍ ହେବ ନାହିଁ। କଂଗ୍ରେସର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଆଜି ନୀରବତା ଭଙ୍ଗ କରିବେ କି ବୋଲି ଗୌରବ ପ୍ରଶ୍ନ କରିଛନ୍ତି। ଏହାର ଜବାବରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ କହିଛନ୍ତି, ସେମାନେ ଲଦାଖରେ ଭାରତର ଅଞ୍ଚଳକୁ ମାଡ଼ିବସିଥିବା ଚାଇନା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ମନୀଷ ମଧ୍ୟ ବିଳମ୍ବ ନ କରି କହିଛନ୍ତି, ୩୦୪ ପୃଷ୍ଠା ସମ୍ବଳିତ ଏହି ବହିକୁ ନେଇ ଭାଜପାର ପ୍ରତିକ୍ରିୟା ଦେଖି ସେ ଆମୋଦିତ। ତେବେ ଜାତୀୟ ସୁରକ୍ଷା ନେଇ ନିଜ ପରିଚାଳନା କ୍ଷେତ୍ରରେ ଏଭଳି କଠିନ ବିଶ୍ଳେଷଣ କରିବେ କି ବୋଲି ମନୀଷ ଟୁଇଟ୍ କରିଛନ୍ତି।

### ମନମୋହନ ସରକାରଙ୍କୁ ଟାର୍ଗେଟ



ବରିଷ୍ଠ କଂଗ୍ରେସ ନେତା ମନୀଷ ତିୱାରୀ ହେଉଛନ୍ତି ଅସନ୍ତୁଷ୍ଟ ଗୋଷ୍ଠୀ ଜି-୨୩ର ସଦସ୍ୟ। ଗତବର୍ଷ ଜି-୨୩ ନେତାମାନେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳରେ ସାଙ୍ଗଠନିକ ପରିବର୍ତ୍ତନ ଏବଂ ପ୍ରତ୍ୟେକ ପଦ ଲାଗି ନିର୍ବାଚନ କରାଇବା ପାଇଁ ପତ୍ର ଲେଖିଥିଲେ। ସୁପ୍ରିମକୋର୍ଟ ଆଇନଜୀବୀ ମନୀଷ ପଞ୍ଜାବର ଆନନ୍ଦପୁର ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ୨୦୦୯ରୁ ୨୦୧୪ ମଧ୍ୟରେ ସେ ଲୁଧିଆନା ଆସନରୁ ଏମ୍‌ପି ହୋଇଥିବାବେଳେ ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା-୨ ସରକାରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିଲେ। ୨୦୦୮ ନଭେମ୍ବର ୨୬ରେ ଉପା-୧ ସରକାର ଅମଳରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଲଷ୍କର-ଇ-ତୋଇବା (ଏଲ୍‌ଇଟି) ମୁମ୍ବାଇର ତାଜ୍ ହୋଟେଲ, ନରିମନ୍ ପଏଣ୍ଟ ଓ ଛତ୍ରପତି ଶିବାଜୀ ଟର୍ମିନସ୍‌ରେ ଆକ୍ରମଣ କରିଥିଲା। ଏଥିରେ ୯ ଆକ୍ରମଣକାରୀଙ୍କ ସମେତ ୧୭୫ ଜଣଙ୍କ ଜୀବନ ଯାଇଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେତେବେଳେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ଉପା-୧ ସରକାରଙ୍କ ଦୁର୍ବଳତା। ଯଦି କୌଣସି ଦେଶ (ପାକିସ୍ତାନ) ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିବାରେ ଅନୁତପ୍ତ ନୁହେଁ, ତେବେ ସଂଯମ ଶକ୍ତିର ନୁହେଁ ବରଂ ଦୁର୍ବଳତାର ପ୍ରତୀକ। ଏହି ଆକ୍ରମଣ ପରେ ଭାରତ ମୁହଁତୋଡ଼ ଜବାବ ଦେବା ଦରକାର ଥିଲା ବୋଲି ମନୀଷ ଉକ୍ତ ପୁସ୍ତକରେ ଉଲ୍ଲେଖ କରିଛନ୍ତି।

# ଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ସହମତି

ଲକ୍ଷ୍ନୌ,୨୩।୧୧

ଆସନ୍ତା ବର୍ଷ ହେବାକୁ ଥିବା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମଧ୍ୟରେ ମେଣ୍ଟ ନେଇ ସହମତି ହୋଇଛି। ଆର୍‌ଏଲ୍‌ଡି ଅଧ୍ୟକ୍ଷ ଜୟନ୍ତ ଚୌଧରୀ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜୟନ୍ତ ଲକ୍ଷ୍ନୌରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଭେଟି ଆଲୋଚନା କରିବା ପରେ ଉଭୟଙ୍କ ଫଟୋ ଟୁଇଟର୍‌ରେ ଶେୟାର କରି 'ବଢ଼ତେ କଦମ୍' ବୋଲି କ୍ୟାପଶନ୍ ଲେଖିଛନ୍ତି। ଦୁଇ ଦଳ ଏକାଠି ନିର୍ବାଚନ ଲଢ଼ିବା ଉପରେ ଆନୁଷ୍ଠାନିକ ଘୋଷଣା ଶୀଘ୍ର କରାଯିବ। ଭାଜପା ସହ କୌଣସି ବୁଝାମଣା ନେଇ ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ସେହିପରି ଅଖିଳେଶ ମଧ୍ୟ ଆସନ ବୁଝାମଣା ଉପରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବା ସୂଚନା ଦେଇଛନ୍ତି।



ଜୟନ୍ତ ଚୌଧରୀଙ୍କ ସହ ଅଖିଳେଶ ଯାଦବ।

# ଟିଏମ୍‌ସିରେ ମିଶିଲେ କୀର୍ତ୍ତି ଆଜାଦ

ନୂଆଦିଲ୍ଲୀ,୨୩।୧୧



କଂଗ୍ରେସ ନେତା କୀର୍ତ୍ତି ଆଜାଦ ମଙ୍ଗଳବାର ନୂଆଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାମିଲ ହୋଇଛନ୍ତି। ଆଜାଦ କହିଛନ୍ତି, ସେ ମମତାଙ୍କ ନେତୃତ୍ୱରେ ଭାଜପାର ବିଭାଜନବାଦୀ ରାଜନୀତି ବିରୋଧରେ କାମ କରିବେ। ବର୍ତ୍ତମାନ ଦେଶକୁ ଠିକ୍ ଦିଗରେ ଆଗେଇ ନେବା ପାଇଁ ମମତାଙ୍କ ଭଳି ନେତ୍ରୀ ଆବଶ୍ୟକ। ୧୯୮୩ରେ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ ଟିମ୍‌ର ସଦସ୍ୟ ଥିବା ଆଜାଦ ଭାଜପା ଟିକେଟରେ ବିହାରର ଦରଭଙ୍ଗାରୁ ଲୋକ ସଭାକୁ ୩ ଥର ନିର୍ବାଚିତ ହୋଇଥିଲେ। ଭାଜପାରୁ ନିଲମ୍ବିତ ହୋଇ ସେ ୨୦୧୮ରେ କଂଗ୍ରେସରେ ଯୋଗଦେଇଥିଲେ।

# ଆଜି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଦଳ ରାଜ୍ୟ କାର୍ଯ୍ୟାଳୟରେ ହେବ। ମଙ୍ଗଳବାର ଦଳର ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ପଦାଧିକାରୀ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ତନ୍ମଧ୍ୟରେ ରହିଛି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ଓ ଶିଶୁ ନିର୍ଯାତନା ବୃଦ୍ଧି, ସୀମା ବିବାଦ, ବେରୋଜଗାରୀ, ବ୍ୟାପକ ନିଶା କାରବାର, ଧାନ କିଣାବିକାରେ ଚାଷୀଙ୍କୁ ଶୋଷଣ, ବିପର୍ଯ୍ୟସ୍ତ ଜଳସେଚନ, ଚିଟ୍‌ଫଣ୍ଡ, ଡିଏମ୍‌ଏଫ୍ ଓ କାମ୍ପା ଫଣ୍ଡ ଦୁର୍ନୀତି, ବ୍ୟାପକ ପିସି କାରବାର, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏବଂ ବିଜୁ ସ୍ମାର୍ଟ କାର୍ଡ ପ୍ରହେଳିକା, ପାନୀୟ ଜଳ ସମସ୍ୟା, ପଞ୍ଚାୟତ ବିକାଶରେ ବାଧା ସୃଷ୍ଟି କରାଯିବା, ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ରତ୍ନଭଣ୍ଡାର ଚାବି ହଜିବା ଘଟଣା। ସେହିପରି ପଞ୍ଚାୟତ, ପୌର ଏବଂ ସମବାୟ ନିର୍ବାଚନ ପରିପ୍ରେକ୍ଷୀରେ ପଦାଧିକାରୀ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିବା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି । ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସୁରକ୍ଷା ଦେବା ବିରୋଧରେ ଦଳ ବିସ୍ତୃତ ଆଲୋଚନା କରି ଆଗାମୀ ଦିନ ଲାଗି ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ କାର୍ଯ୍ୟକାରିଣୀରେ ବିସ୍ତୃତ ଆଲୋଚନା ହେବ ବୋଲି ମତ ରଖିଛନ୍ତି।

# 'ଠାକୁର' ପାଟିରୁ ଖସିଯାଇଥିଲା: ଉପବାଚସ୍ପତି

ଅନୁଗୋଳ ଅଫିସ,୨୩।୧୧

ଅନୁଗୋଳରେ ଗତ ୨୦ ତାରିଖରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ସଭାରେ ମୁଖ୍ୟମନ୍ତ୍ରୀଙ୍କୁ ସାଢ଼େ ୪ କୋଟି ଓଡ଼ିଆଙ୍କ ଠାକୁର କହି ବିବାଦକୁ ଆସିଥିବା ଉପବାଚସ୍ପତି ତଥା ସ୍ଥାନୀୟ ବିଧାୟକ ରଜନୀକାନ୍ତ ସିଂହ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି। ଉପବାଚସ୍ପତି କହିଛନ୍ତି, ମଞ୍ଚରେ ସ୍ୱାଗତ ଭାଷଣ ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଠାକୁର କହିବା ସ୍ଲିପ ଅଫ୍ ଟଙ୍ଗ୍ ବା ପାଟିରୁ ଖସି ଯାଇଥିଲା। ତେବେ କୋଭିଡ୍ ସମୟରେ ରାଜ୍ୟବାସୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଦେବା ଓ ଏବେ ସ୍ମାର୍ଟ ହେଲ୍‌ଥ କାର୍ଡ ଭଳି ଲୋକଙ୍କ ଜୀବନରକ୍ଷାକାରୀ ଯୋଜନା ଚଳାଇଥିବାରୁ ମୁଖ୍ୟମନ୍ତ୍ରୀ ଓଡ଼ିଆଙ୍କ ପାଇଁ ଦେବତୁଲ୍ୟ ବୋଲି ଉପବାଚସ୍ପତି ପ୍ରକାଶ କରିଛନ୍ତି।

# ପ୍ରଶ୍ନକାଳରେ ହୋହଲ୍ଲା କରିପାରିବେନି ବିଧାୟକ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ବିଧାନସଭାର ଗୃହକାର୍ଯ୍ୟ ପରିଚାଳନା ନେଇ କେତେଗୁଡ଼ିଏ ନୂଆ ନିୟମ ପ୍ରସ୍ତୁତ କରାଯାଇଛି। ପ୍ରଶ୍ନକାଳ ସମୟରେ, ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ କୌଣସି ବିଧାୟକ ଗୃହରେ ହୋହଲ୍ଲା କରିପାରିବେ ନାହିଁ। ସେହିପରି ପ୍ରଶ୍ନକାଳ ଚାଲିଥିବା ବେଳେ ମଧ୍ୟ ବିଧାୟକମାନେ ଗୃହରେ ବିଶୃଙ୍ଖଳା କରିପାରିବେ ନାହିଁ। ନିକଟରେ ସିମ୍‌ଲାରେ ବସିଥିବା ସବୁ ରାଜ୍ୟର ବାଚସ୍ପତିଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି। ବାଚସ୍ପତି ପାତ୍ର କହିଛନ୍ତି ଯେ, ବିଧାନସଭାର ଆସନ୍ତା ଅଧିବେଶନ ଆଗରୁ ୨୯ ତାରିଖରେ ହେବାକୁ ଥିବା ସର୍ବଦଳୀୟ

## ବାଚସ୍ପତି ସରକାରୀ ଦଳକୁ ସମର୍ଥନ କଲେ ହୋହଲ୍ଲା ହେବ: ବିରୋଧୀ

ବୈଠକରେ ଏନେଇ ସମସ୍ତଙ୍କୁ ଅବଗତ କରାଯିବ। ସିମ୍‌ଲା ବାଚସ୍ପତିମାନଙ୍କ ବୈଠକ ସମୟରେ ଉପରୋକ୍ତ ପ୍ରସ୍ତାବ ନେଇ ଏକ ସଂକଳ୍ପ ପାରିତ ହୋଇଛି। ସେହିପରି ଗୃହରେ ବିଧାୟକମାନେ ଯେପରି ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଜର ମତ ରଖିବେ, ଇଆଡୁସିଆଡୁ କହିପାରିବେ ନାହିଁ ବୋଲି ସେ କହିଛନ୍ତି।

ବିଧାନସଭାରେ ହୋହଲ୍ଲା ମନା ପ୍ରସଙ୍ଗରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଭାଜପା ବିଧାୟକ ମୋହନ ମାଝୀ କହିଛନ୍ତି, ବାଚସ୍ପତି ୨୯ ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ବୈଠକରେ ବାଚସ୍ପତି ପ୍ରସ୍ତାବ ରଖି ସାରିବା ପରେ ବିଧାନସଭାରେ ଆମେ କ'ଣ କରିବୁ ସେକଥା ଦଳ ନିଷ୍ପତ୍ତି କରିବ। ବିରୋଧୀ ଦଳ ତା'ର ଭୂମିକା ତୁଲାଇବ। ସରକାର ଶହେ ପ୍ରତିଶତ ସତୀ ନୁହନ୍ତି। ୫-ଟି ନାଁରେ ରାଜ୍ୟ ସରକାର ହଜାରେ ଦୁର୍ନୀତି କରୁଛନ୍ତି। ବିରୋଧୀ ଦଳ ଗୃହରେ ତା'ର ଭୂମିକା ନିଶ୍ଚୟ ତୁଲାଇବ। ଆଗରୁ ଯେମିତି ଆମେ ଗୃହରେ ଦାୟିତ୍ୱ ତୁଲାଇଛୁ, ଏବେ ମଧ୍ୟ ସେହି ଢଙ୍ଗରେ ତୁଲାଇବୁ ବୋଲି ମାଝୀ କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବିଧାନସଭାରେ ବିଧାୟକମାନେ ହୋହଲ୍ଲା ନ କରିବା ଲାଗି ଏକ ଏଥିକ୍ କମିଟି ଗଠନ ହୋଇଛି। କେଉଁ ସମୟରେ ମଧ୍ୟ ଏହା ବନ୍ଦ ହୋଇପାରିବ ନାହିଁ। ବିଧାନସଭା ଏବଂ ଲୋକ ସଭାରେ ବିରୋଧୀ ଦଳର ବିଧାୟକମାନେ ଗୃହକୁ ଯିବେ ଏବଂ ହୋହଲ୍ଲା କରିବେ। ଯେତେବେଳେ ବାଚସ୍ପତି ସରକାରୀ ଦଳକୁ ସମର୍ଥନ କରିବେ, ସେତେବେଳେ ହୋହଲ୍ଲା ହେବ ବୋଲି ସାଲୁଜା କହିଛନ୍ତି।

ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି, ରାଜ୍ୟପାଳଙ୍କ ଭାଷଣ ଏବଂ ପ୍ରଶ୍ନକାଳ ସମୟରେ ହଙ୍ଗାମା କରିବା ଉଚିତ୍ ନୁହେଁ। ଲୋକଙ୍କ ସ୍ୱାର୍ଥ ସମ୍ବଳିତ ବିଷୟ ନେଇ ବିଧାୟକମାନେ ସେମାନଙ୍କ ବକ୍ତବ୍ୟ ରଖିବା ଉଚିତ୍। ସିମ୍‌ଲାରେ ଅନୁଷ୍ଠିତ ବାଚସ୍ପତିମାନଙ୍କ ବୈଠକରେ ଯେଉଁ ନିଷ୍ପତ୍ତି ହୋଇଛି, ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ ବୋଲି ସାମଲ କହିଛନ୍ତି।

## କୃଷି ଜୀବନ

# ମୁଗ ଚାଷ



ପରେଶ କୁମାର ପଣ୍ଡା



ମୁଗ ଡାଲିରେ ୨୪.୫ % ପୁଷ୍ଟିସାର ରହିଥାଏ। ରାଜ୍ୟରେ ବିଭିନ୍ନ ଡାଲିଜାତୀୟ ଫସଲ ମଧ୍ୟରେ ମୁଗଚାଷ ପ୍ରଧାନ । ଅନ୍ୟ ଡାଲି ଜାତୀୟ ଫସଲ ତୁଳନାରେ ମୁଗ ଅଧିକ ମରୁଡ଼ି ସହିପାରେ । ସ୍ୱଳ୍ପ ଅବଧିର (ଅଢ଼େଇ ମାସିଆ) ହୋଇଥିବାରୁ ଯେ କୌଣସି ଫସଲ ପର୍ଯ୍ୟାୟରେ ଓ ଯେ କୌଣସି ସମୟରେ ସହଜରେ ବର୍ଷସାରା ଚାଷ ହୋଇଥାଏ। ଫସଲର ସାମାନ୍ୟ ଯତ୍ନ ଓ ୧- ୨ଟି ହାଲୁକା ଜଳ ସିଞ୍ଚନ ଦ୍ୱାରା ଅମଳ ବଢ଼ିଥାଏ ।

**କିସମ :** ଦୋରସା, ମଟାଳ ଦୋରସା, ଡିପ ଓ ମଧ୍ୟମ ଜମିରେ ମୁଗ ଚାଷ ଭଲ ହୋଇଥାଏ । ବର୍ଷା ଦିନରେ ମାଟି ନିଗିଡ଼ା ଥାଇ ଏବଂ ଶୀତ ବା ଖରାଦିନେ ଅଧିକ ଜଳଧାରଣ କରୁଥିବା ଦରକାର । ବର୍ଷା ଆରମ୍ଭରେ ଜମି ଚାଷ କରି, ଛଟାବୁଣା ବା ପୁଞ୍ଜି ବୁଣା କରାଯାଏ (ବିଶେଷ କରି ପଶ୍ଚିମାଞ୍ଚଳରେ) । ପ୍ରାକ୍ ରବି ଋତୁ (ଅଗଷ୍ଟରୁ ଅକ୍ଟୋବର ମାସ)ରେ, ଶୀତକାଳ (ନଭେମ୍ବରରୁ ଡିସେମ୍ବର ମାସ)ରେ ହଳକରି ବା ଠିଆ ଧାନରେ ପାଏରା ଫସଲ ପାଇଁ ବୁଣାଯାଏ ଓ ଖରାଦିନେ (ଫେବୃୟାରୀରୁ ମାର୍ଚ୍ଚ ମାସ) ଏହାର ଚାଷ ହୋଇଥାଏ। ଏପରି କି ବର୍ଷାଦିନିଆ ଲଘୁ ଧାନ ଓ ଡାଲୁଅ ଧାନ ମଝିରେ ଗୋଟିଏ ମୁଗ ଫସଲ ଜଳସେଚିତ ଅଞ୍ଚଳରେ ନିଆଯାଇପାରିବ ।

**ଲୋକପ୍ରିୟ ଅଧିକ ଅମଳକ୍ଷମ, ଉନ୍ନତ କିସମ**

**ରବି ଋତୁ :** ଏମ୍.ଏଚ୍ . - ୪୨୧( ୬୦ ଦିନିଆ ଓ ସାହେବୀ ପ୍ରତିରୋଧୀ) , ଟାର୍ମ - ୧ , ଟାର୍ମ - ୨, ଜ୍ୟୋତି, ଏସ୍.ଏମ୍.ଏଲ୍ . - ୬୬୮, ପୁଷା - ୯୦୭୨ ,ଏଲ୍.ଜି.ଜି.- ୪୬୦ , ସି.ଓ. - ୪ ,ପ୍ରଜ୍ଞା ,ଏଲ୍.ଜି.ଜି. -୪୧୦ , ଧଉଳି (ଏସବୁ ଅଢ଼େଇ ମାସିଆ ଅବଧିର ଓ ହାରାହାରି ଅମଳ ପରିମାଣ ୩ - ୩.୫ କୁଇଣ୍ଟାଲ/ଏକର )।

**ଖରାଦିନିଆ :** ପି.ଡି.ଏମ୍ . - ୧୧,ପି.ଡି.ଏମ୍ .-୫୪, ପି.ଡି.ଏମ୍ . -୧୩୯ , ଦୁର୍ଗା, ସମ୍ରାଟ, ଏସ୍.ଏମ୍.ଏଲ୍. ୬୬୮, ଆଇ.ପି.ଏମ୍.- ୦୨-୧୪, ଆଇ.ପି.ଏମ୍ . ୪୧୦-୩ (ଶିଖା) (ସାହେବୀ ସହଣି), ଆଇ.ପି.ଏମ୍ .- ୦୨ - ୦୩, ମେହା, ପୁଷା ବିଶାଳ, ପୁଷା- ୯୫୩୧, ହମ୍-୬, ହମ୍- ୧୨ , ହମ୍-୧୬, ସି.ଓ.ଜି.ଜି. -୯୧୨ ଓ ପି.ଏ.ୟୁ- ୯୧୧ ଇତ୍ୟାଦି ( ଏସବୁ ଅଢ଼େଇରୁ ତିନିମାସିଆ ଓ ହାରାହାରି ଅମଳ ୩.୫ - ୪ କ୍ୱିଣ୍ଟାଲ/ଏକର ) ତଥା ଆଇ.ପି.ଏମ୍ . ୨୦୫-୭ ( ବିରାଟ ) (ସଅଳ କିସମ, ୫୫ ଦିନିଆ ଓ ସାହେବୀ ସହଣି) ।

**ଖତସାର :** ଏକର ପ୍ରତି ୮ - ୧୦ କି.ଗ୍ରା . ବିହନ ଦରକାର ହୁଏ। ପ୍ରମାଣିତ ବିହନ ବ୍ୟବହାର କରିବା ଆବଶ୍ୟକ। ବିଭିନ୍ନ ପ୍ରକାର ଫିମ୍ପି ଜାତୀୟ ରୋଗ ଫସଲରେ ନ ହେବା ଲାଗି ବିହନକୁ ବିଶୋଧନ ଜରୁରୀ । ସେଥିଲାଗି ୧୦ କି.ଗ୍ରା . ବିହନ ପାଇଁ ୩୦ ଗ୍ରାମ୍ ଥିରାମ୍ ବା ୧୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଆବଶ୍ୟକ ହୁଏ। ବିହନ ବିଶୋଧନର ସପ୍ତାହକ ମଧ୍ୟରେ ଓ ବିହନ ବୁଣିବାର କିଛି ସମୟ ପୂର୍ବରୁ ୧୦ କି.ଗ୍ରା . ବିହନ ପ୍ରତି ୨୦୦ ଗ୍ରାମ୍ ବୀଜାଣୁ କଲ୍‌ଚର୍ ଦ୍ରବଣରେ ବିହନକୁ ଉପଚାର କଲେ ଭଲ। ଚାଷୀ ଭାଇମାନେ ବୀଜାଣୁ କଲ୍‌ଚର୍ ଉପଚାର ପୂର୍ବରୁ ବିହନକୁ ୫-୬ ଘଣ୍ଟା ପାଣିରେ ଭିଜାଇ ଛାଣି ଦିଅନ୍ତି, ଯେପରି କି ଫୁଲିଥିବା ମଞ୍ଜିର ଚୋପା ଫାଟି ନ ଥାଏ । ଏହାଦ୍ୱାରା ବିହନ ବୁଣିବା ମାତ୍ରେ ଗଜା ବାହାରିବା ପ୍ରକ୍ରିୟା ଆରମ୍ଭ ହୋଇଯାଏ ଏବଂ ମୃତ୍ତିକାରେ କୌଣସି କ୍ଷେତ୍ରରେ ଆର୍ଦ୍ରତା କମିଯାଇଥିଲେ ତାହା ଗଜା ପ୍ରକ୍ରିୟାକୁ ଡେରି କରି ନ ଥାଏ । ମାଟିରୁ ଯଥେଷ୍ଟ ପରିମାଣର ଫସ୍‌ଫରସ୍ ଫସଲକୁ ଉପଲବ୍ଧ ହେବା ପାଇଁ ୧୦ କି.ଗ୍ରା ବିହନ ପ୍ରତି ଫସ୍‌ଫୋକଲ୍‌ଚର୍ ୨୦୦ ଗ୍ରାମ୍ ରାଇଜୋବିୟମ୍ ଉପଚାର ବେଳେ ମିଶାଇ ଦିଆଯାଏ । ଆହୁରି ମଧ୍ୟ ରାଇଜୋବିୟମ୍‌ର କାର୍ଯ୍ୟକ୍ଷମତା ବଢ଼ାଇବା ତଥା ଫସଲର ବୃଦ୍ଧି ଅଧିକ ଘଟିବା ନିମନ୍ତେ ୧୦ କି.ଗ୍ରା . ବିହନ ପ୍ରତି ୩ ଗ୍ରାମ୍ ମଲିବଡେଟ୍ ଅଣୁସାରକୁ କଲ୍‌ଚର ମିଶ୍ରଣରେ ଗୋଳାଇ ଦିଆଯାଏ ।

ମାଟିକୁ ଭଲ ରୂପେ ଗୁଣ୍ଡ ଚାଷ କରି ଧାଡ଼ିରେ ବିହନ ବୁଣିବା ଭଲ। ସାଧାରଣତଃ ଧାଡ଼ିକୁଧାଡ଼ି ୨୫ - ୩୦ ସେ.ମି. ଓ ଗଛ ଗଛ ମଧ୍ୟରେ ୧୦ ସେ.ମି. ରଖିବା ଭଲ । ବିହନ ବୁଣିବା ପୂର୍ବରୁ ଶେଷ ଓଡ଼ ଚାଷ ସମୟରେ (ଡାଲିଜାତୀୟ ଫସଲରେ) ଏକର ପ୍ରତି ଜିପ୍ସମ୍ ୮୦-୧୦୦ କି.ଗ୍ରା., ବୋରାକ୍ସ ୪ କି.ଗ୍ରା., ଜିଙ୍କ୍ ସଲ୍‌ଫେଟ୍ ୪.୮ କି.ଗ୍ରା., ଖତ ୧୨ କୁଇଣ୍ଟାଲ, ୮ : ୧୬ : ୮ ଯବକ୍ଷାରଜାନ : ଫସଫରସ୍ : ପଟାସ୍ ସାରରୁ ( ଅର୍ଥାତ ଡି.ଏ.ପି. ୩୫ କି.ଗ୍ରା., ୟୁରିଆ ୪ କି.ଗ୍ରା. ଓ ପଟାସ୍ ୧୩ କି.ଗ୍ରା.) ୟୁରିଆକୁ ଛାଡ଼ି ଅବଶିଷ୍ଟ ପ୍ରୟୋଗ କରାଯାଏ । ୟୁରିଆ ୪ କି.ଗ୍ରା.କୁ ପ୍ରଥମ କୋଡ଼ାଖୁସା ବେଳେ ଦିଆଯାଏ । ପାଇରା ବା ଅମୁହାଁ ବା ଅଛରା ବୁଣା କରିବାର ଥିଲେ ବିହନକୁ ୫ - ୬ ଘଣ୍ଟା ପାଣିରେ ବତୁରାଇ ଧାନ କାଟିବାର ୧୦ ଦିନ ପୂର୍ବରୁ ଓଦା ଜମିରେ ବୁଣି ଓ ତା'ର ଠିକ୍ ପରେ ଏକର ପ୍ରତି ୩୫ କି.ଗ୍ରା . ଡି.ଏ.ପି. ଓ ୧୦ କି.ଗ୍ରା . ପଟାସ୍ ଛାଟି ଦେଲେ ଫସଲ ଭଲ ହୋଇଥାଏ ।

*-ବ୍ଲକ କୃଷି ଅଧିକାରୀ, ଯାଜପୁର*
*ମୋ : ୭୨୦୫୦୯୬୦୮୦*

# ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ: କେତୋଟି ଜାଣିବା କଥା

ଡା. ଜ୍ଞାନ ରଞ୍ଜନ ମିଶ୍ର

ଦୁଗ୍ଧକୁ ଏକ ସମ୍ପୂର୍ଣ୍ଣ ଖାଦ୍ୟର ମାନ୍ୟତା ଦିଆଯାଏ। କାରଣ ମନୁଷ୍ୟର ଗଠନ, ବୃଦ୍ଧି, ରକ୍ଷଣାବେକ୍ଷଣ ଏବଂ ଏକ ସୁସ୍ଥ ବ୍ୟକ୍ତି ପାଇଁ ଦୈନିକ ଆବଶ୍ୟକ ହେଉଥିବା ସମସ୍ତ ଖାଦ୍ୟସାର ଯଥା ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର, ଖଣିଜଲବଣ, ଭିଟାମିନ ଏବଂ ଅନ୍ୟାନ୍ୟ ପଦାର୍ଥ ଏଥିରେ ପ୍ରଚୁର ପରିମାଣରେ ଉପଲବ୍ଧ ଥାଏ। ଆମ ଦେଶ ଭାରତ ବାର୍ଷିକ (୨୦୧୯-୨୦୨୦) ୧୯୮.୪ ମିଲିଅନ ଟନ୍ ଦୁଗ୍ଧ ଉତ୍ପାଦନ କରି ସାରା ବିଶ୍ୱରେ ଦୁଗ୍ଧ ଉତ୍ପାଦନ କରୁଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଅଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦଙ୍କ ଦ୍ୱାରା ନିର୍ଦ୍ଧାରିତ ମାନ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଶରୀର ପାଇଁ ଦୈନିକ ୨୮୦ ଗ୍ରାମ୍ ଦୁଗ୍ଧ ସେବନ କରିବା ଉଚିତ୍। ଆମ ଦେଶ ଭାରତ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରି ଏବଂ ଦୁଗ୍ଧଜାତ ଦ୍ରବ୍ୟକୁ ନେଇ ଅନେକଗୁଡାଏ ଭୁଲ୍ ଧାରଣା ରହିଅଛି।

କିଛି ଲୋକ ବିଶ୍ୱାସ କରନ୍ତି ଯେ କଞ୍ଚା ଦୁଗ୍ଧରେ ଥିବା ଭିଟାମିନ୍‌ର ମାତ୍ରା ପକେଟ ଦୁଗ୍ଧଠାରୁ ଅଧିକ। ବୈଜ୍ଞାନିକ ଦୃଷ୍ଟି କାରଣରୁ ଦେଖିବାକୁ ଗଲେ କଞ୍ଚାଦୁଗ୍ଧରେ ପକେଟ୍ ଦୁଗ୍ଧ ତୁଳନାରେ ଯଦିଓ କିଛି ଖାଦ୍ୟସାର ଯେପରି କି କିଛି ଭିଟାମିନ୍ ଏବଂ ଆମିନୋ ଏସିଡ୍ ସାମାନ୍ୟ ଅଧିକ ପରିମାଣରେ ରହିଅଛି କିନ୍ତୁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦେଖିବାକୁ ଗଲେ କଞ୍ଚାଦୁଗ୍ଧ ସେବନ କରିବା ବୁଦ୍ଧିମତ୍ତାର କାମ ନୁହେଁ।

ଲାକଟୋସ ଇନଟଲରାନସ ବା ଦୁଗ୍ଧରେ ରହିଥିବା ଶର୍କରା ( ଲାକଟୋସ) ପ୍ରତି ଆଲର୍ଜି ଥିବା ବ୍ୟକ୍ତିମାନେ ଦୁଗ୍ଧ ଏବଂ ଦୁଗ୍ଧଜାତ ସମସ୍ତ ଦ୍ରବ୍ୟ ସେବନ କରିବା ଉଚିତ ନୁହେଁ। କେତେକ ବ୍ୟକ୍ତିଙ୍କର ଏପରି ଶର୍କରାକୁ ହଜମ କରିବାର କ୍ଷମତା ନ ଥାଏ। ଏପରି ବ୍ୟକ୍ତିମାନେ ଲାକଟୋସ୍‌ର ମାତ୍ରା କମ୍ ଥିବା ଦୁଗ୍ଧଜାତ ଉତ୍ପାଦ ଯେପରି କି ଛେନା,ଦହି ଆଦିକୁ ଖାଇପାରିବେ।

**ଚଳିତ ମାସ ୨୬ରେ ପାଳିତ ହେବ 'ଜାତୀୟ ଦୁଗ୍ଧ ଦିବସ'। ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ ସମ୍ପର୍କରେ କେତେକ ଭୁଲ୍ ଧାରଣା- ବୈଜ୍ଞାନିକ ସତ୍ୟତା ସମ୍ପର୍କରେ....**



ଦୁଗ୍ଧପାନ କରିବା ଦ୍ୱାରା ମୂତ୍ରାଶୟରେ ପଥର ବା କିଡ୍‌ନୀ ଷ୍ଟୋନ ହେବାର ଆଶଙ୍କା ଥାଏ। ଗବେଷଣାରୁ ଜଣାଯାଏ, ଦୁଗ୍ଧ ଆଦି ଖାଦ୍ୟ ଉତ୍ସରେ ରହିଥିବା କ୍ୟାଲସିୟମ ମୂତ୍ରାଶୟରେ ପଥର ନ ହେବା ପାଇଁ ସୁରକ୍ଷା ଦିଏ। ଦୁଗ୍ଧରେ ରହିଥିବା କ୍ୟାଲସିୟମ ଅକ୍ସାଲେଟକୁ ବାନ୍ଧିରଖେ ଏବଂ ଶରୀରରେ ଅବଶୋଷଣ ହେବାକୁ ଦିଏନାହିଁ। ଏବଂ ଏପରି ଭାବରେ ମୂତ୍ରାଶୟରେ ପଥର ନ ହେବାରେ ସହାୟକ ହୁଏ। କିନ୍ତୁ ସପ୍ଲିମେଣ୍ଟାରି କ୍ୟାଲସିୟମ ଉତ୍ସରେ ମୂତ୍ରାଶୟରେ ପଥର ହେବାର ଆଶଙ୍କା ଅଧିକ ଥାଏ।

*-ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ, ସତ୍ୟବାଦୀ, ପୁରୀ*
*ମୋ: ୭୭୮୮୯୯୧୨୧୬*

# ଧାନ ଚାଷରେ ମାଟିଆଗୁଣ୍ଡି ପୋକ ଦମନ

(ଶେଷ ଭାଗ)

**ଜୈବ ନିୟନ୍ତ୍ରଣ :** କିଆରିରେ ଉପକାରୀ କୀଟ ଯଥା ବୁଢ଼ିଆଣୀ, ସରୁକଙ୍କି, ଧାବନଭୃଙ୍ଗ, କାରାବିଡ଼୍ ଭୃଙ୍ଗ ଇତ୍ୟାଦି ଉପକାରୀ କୀଟମାନଙ୍କର ସଂରକ୍ଷଣ କରନ୍ତୁ।

**ଉଦ୍ଭିଦଜାତ କୀଟନାଶକ**

କୀଟ ସଂଖ୍ୟା ଆର୍ଥିକ ଦେହଳିସୀମା ଅତିକ୍ରମ ନ କରିବା ପାଇଁ ପ୍ରତିଶୋଧକ ପ୍ରଣାଳୀ ହିସାବରେ ପୋକ ସଂଖ୍ୟା ବୁଦାପିଛା ୩ଟି ଥିବା ଅବସ୍ଥାରେ ଲିଟର ପ୍ରତି ୩ ରୁ ୪ ମିଲି ନିମ୍ବ ତେଲ ବା ୫% ନିମ୍ବ ମଞ୍ଜି ଉଦ୍ଧୃତାଂଶ ନିର୍ଦ୍ଦିଷ୍ଟ ପରିମାଣରେ ସାବୁନଗୁଣ୍ଡ ବା ସାମ୍ପୋ ସହ ମିଶାଇ ପ୍ରୟୋଗ କରନ୍ତୁ। ୧ କି.ଗ୍ରା. ରସୁଣ ଓ ୧ କି.ଗ୍ରା ଧୂଆଁ ପତ୍ରକୁ ଛେଚି ୫ଲିଟର ପାଣିରେ ପ୍ରାୟ ଅଧ ଘଣ୍ଟା ସିଝାଇ, ତାହା ପରେ ଏହାକୁ ଛାଣି ଯେତିକି ପରିମାଣର ପାଣି ମିଳିଲା ସେଥିରେ ୧୦୦ ଲିଟର ପାଣି ମିଶାଇ ଧାନ ଗଛ ମୂଳରେ ପୋକ ନିୟନ୍ତ୍ରଣ ପାଇଁ ସିଞ୍ଚନ କରନ୍ତୁ।



**ଦେଶୀୟ ଜ୍ଞାନ :** ଏକର ପ୍ରତି ଧାନ ଗଛରେ ମାଟିଆଗୁଣ୍ଡି ପୋକ ଲାଗିଥିଲେ ୧୦କି.ଗ୍ରା କୁଣ୍ଡାକୁ ୧ ଲିଟର କିରୋସିନିରେ ମିଶାଇ କପ୍‌ରେ ଧାନ କ୍ଷେତରେ ମଝିରେ ମଝିରେ ରଖିଦେଲେ ଏହାର ଦୁର୍ଗନ୍ଧରେ ପୋକମାନେ ଜମି ଛାଡ଼ି ଚାଲିଯାଆନ୍ତି।

**ରାସାୟନିକ ପ୍ରଣାଳୀ :** ପୋକ ସଂଖ୍ୟା ଆର୍ଥିକ ସୀମା ଅତିକ୍ରମ କଲେ ଏକର ପ୍ରତି ୮୦ଗ୍ରାମ୍ ଫ୍ଲୋନିକାମାଇଡ୍ ଓ ୫୦ ଗ୍ରାମ ଡବ୍ଲୁଜି କିମ୍ବା ୮୦ ଗ୍ରାମ ଡାଇନୋଟିଫ୍ୟୁରାନ୍ ୨୦%ଏସ୍.ଜି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା। ସବୁବେଳେ ରାସାୟନିକ କୀଟନାଶକ ମାଟିଆଗୁଣ୍ଡି ଆକ୍ରମଣ କରୁଥିବା ସ୍ଥାନକୁ ଲାଗି ପ୍ରୟୋଗ କରନ୍ତୁ। ପୋକକୁ ଠାବ କରିବାରେ ବିଳମ୍ବ ହୋଇଗଲେ ଓ ମାଇପୋକ ଅଣ୍ଡା ଦେଇ ସାରିଥିଲେ୧୦ ଦିନ ଅନ୍ତରରେ ଆଉ ଥରେ ଉପରୋକ୍ତ ଯେ କୌଣସି ଗୋଟିଏ କୀଟନାଶକ ପ୍ରୟୋଗ କରନ୍ତୁ। ଅଦଳବଦଳ କରି କୀଟନାଶକ ପ୍ରୟୋଗ କରନ୍ତୁ। ସଂଶ୍ଳିଷ୍ଟ ପାଇରି ଥ୍ରୋଏଡ୍ ଜାତୀୟ କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ।

*-ପ୍ରତ୍ୟୁଷ ପଣ୍ଡା*
*ଶେଷ ବର୍ଷ କୃଷି ଛାତ୍ର, ନୀଳାଦ୍ରି ବିହାର, ଭୁବନେଶ୍ୱର,ମୋ-୬୮୭୩୮୨୭୮୩୦*

## ସଂକ୍ଷେପରେ

### ବିକ୍ରିହେବ ସରକାରୀ ଟେଲିକମ୍‌ର ସମ୍ପତ୍ତି

ଭୁବନେଶ୍ୱର,୨୩।୧୧: ଦେଶର ଦୁଇ ପ୍ରମୁଖ ସରକାରୀ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଓ ମହାନଗର ଟେଲିକମ୍ ନିଗମ ଲିମିଟେଡ୍ (ଏମ୍‌ଟିଏନ୍ଏଲ୍)ର ଅଦରକାରୀ ସମ୍ପତ୍ତି ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଏସ୍ଏନ୍ଏଲର ୪ଟି ଓ ଏମ୍‌ଟିଏନ୍ଏଲ୍‌ର ୨ଟି ସମ୍ପତ୍ତି ବିକ୍ରି ପାଇଁ ଗ୍ରାହକଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି। ଏମ୍ଏସ୍‌ଟିସି ପୋର୍ଟାଲ ଜରିଆରେ ଏହି ସମ୍ପତ୍ତିଗୁଡ଼ିକୁ ନିଲାମ କରାଯିବ ବୋଲି ସୂଚନା ମିଳିଛି। ବିଏସ୍ଏନ୍ଏଲ୍‌ର ସମ୍ପତ୍ତିଗୁଡ଼ିକ ହାଇଦ୍ରାବାଦ, ଚଣ୍ଡିଗଡ଼, ଭାବନଗର ଓ କୋଲକାତାରେ ରହିଛି। ଉକ୍ତ ୪ଟି ସମ୍ପତ୍ତିରୁ ପ୍ରାୟ ୬୬୦ କୋଟି ଟଙ୍କା ମିଳିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଏମ୍‌ଟିଏନ୍ଏଲ୍‌ର ୨ଟି ସମ୍ପତ୍ତି ମୁମ୍ବାଇରେ ରହିଛି ଯାହା ବିକ୍ରି ହେଲେ ପ୍ରାୟ ୩୧୦ କୋଟି ଟଙ୍କା ସରକାର ପାଇବେ। ସମ୍ପତ୍ତି ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଥିବା ସମ୍ପର୍କରେ ପୁଞ୍ଜିପ୍ରତ୍ୟାହାର ଦାୟିତ୍ୱରେ ଥିବା ଦିପମ୍‌ର ସଚିବ ତୁହିନ୍‌କାନ୍ତ ପାଣ୍ଡେ ନିକଟରେ ଏକ ଟୁଇଟ୍ କରି ସୂଚନା ଦେଇଛନ୍ତି।

### ଆଇସିଆଇସିଆଇର 'ଟ୍ରେଡ୍ ଇମର୍ଜ' ପ୍ଲାଟ୍‌ଫର୍ମ

ଭୁବନେଶ୍ୱର,୨୩।୧୧: ସାରା ଦେଶରେ ଆମଦାନିକାରୀ ଓ ରପ୍ତାନିକାରୀମାନଙ୍କୁ ବ୍ୟାପକ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଓ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ଲାଗି ଆଇସିଆଇସିଆଇ ବ୍ୟାଙ୍କ୍ ପକ୍ଷରୁ ଅନ୍‌ଲାଇନ ପ୍ଲାଟ୍‌ଫର୍ମ 'ଟ୍ରେଡ୍ ଇମର୍ଜ'ର ଶୁଭାରମ୍ଭ କରାଯାଇଛି। ଏହି ପ୍ରଥମ ଧରଣର ଅଭିଯାନ ସୀମା ପାର କାରବାରକୁ ଚିନ୍ତାମୁକ୍ତ, ତ୍ୱରିତ ଓ ସୁବିଧାଜନକ କରିପାରିଛି।

# ପୁଣି କମିପାରେ ତୈଳ ଦର

ନୂଆଦିଲ୍ଲୀ,୨୩।୧୧



### ଗଚ୍ଛିତ ଅଶୋଧିତ ତୈଳ ବ୍ୟବହାରକୁ ସରକାରଙ୍କ ଗୁରୁତ୍ୱ

କେନ୍ଦ୍ର ସରକାରଙ୍କ ଶୁଳ୍କ ହ୍ରାସ ନିଷ୍ପତ୍ତି ପରେ ମଧ୍ୟ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ରେକର୍ଡ ସ୍ତରରେ ରହିଛି। ଆଗକୁ ୫ ପ୍ରମୁଖ ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ତୈଳ ଦର ସରକାରଙ୍କ ପାଇଁ କାଳ ପାଲଟିବ ବୋଲି ଆକଳନ କରି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି। ଇତିମଧ୍ୟରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସମସ୍ତ ଅଂଶୀଦାର ଓ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ତୈଳ ଦରକୁ ନେଇ ଅନେକ ଚର୍ଚ୍ଚା ହୋଇଥିବା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଥିବା ଜଣାପଡ଼ିଛି। ଫଳରେ ଆଗାମୀ କିଛିଦିନ ମଧ୍ୟରେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଆହୁରି କମିବା ସମ୍ଭାବନା ରହିଛି। ତୈଳ ଦର ବୃଦ୍ଧି ଉପରେ ରୋକ୍ ଲଗାଇବା ପାଇଁ ସରକାର ବଡ଼ ଘୋଷଣା କରିବେ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଭାରତରେ ଗଚ୍ଛିତ ଥିବା ପେଟ୍ରୋଲିୟମ (ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ) ରୁ ପ୍ରାୟ ୫୦ ଲକ୍ଷ ବ୍ୟାରେଲ କ୍ରୁଡ୍ ଅଏଲ ରିଲିଜ୍ କରିବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଆମେରିକା, ଚାଇନା, ଜାପାନ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ଯେଉଁମାନେ କି କ୍ରୁଡ୍ ଅଏଲର ବଡ଼ ଭଣ୍ଡାର ଗଚ୍ଛିତ କରି ରଖିଛନ୍ତି, ସେମାନଙ୍କ ସହିତ ବିଚାରବିମର୍ଶ ପରେ ଭାରତ ସରକାର ମଧ୍ୟ ଆବଶ୍ୟକ ପରିମାଣର କ୍ରୁଡ୍ ଅଏଲ ରିଲିଜ କରିବେ। ଏହି ଦେଶଗୁଡିକ ଏକା ସମୟରେ ସେମାନଙ୍କ କ୍ରୁଡ୍ ଅଏଲ ଭଣ୍ଡାର ଖୋଲିପାରନ୍ତି। ଫଳରେ ବଜାରରେ ପେଟ୍ରୋଲିୟମ ପରିମାଣ ବୃଦ୍ଧି ପାଇବ। ଏହା ହେଲେ ଦେଶରେ ତେଲ ଦର ଆହୁରି ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ଆମେରିକା ଏବଂ ଚାଇନା ପରେ ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ ତେଲ ଉପଭୋକ୍ତା ଦେଶ ଭାବେ ଗଣାଯାଉଛି। ସେହିଭଳି ଜାପାନ, ରୁଷ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ଏହି ଗ୍ରୁପ୍‌ରେ ରହିଛନ୍ତି। ପୂର୍ବରୁ ଭାରତ ପକ୍ଷରୁ ବାରମ୍ବାର ପ୍ରସ୍ତାବ ଦିଆଯାଇଥିଲେ ସୁଦ୍ଧା ଏହିସବୁ ଦେଶ ନିଜର କ୍ରୁଡ୍ ଅଏଲ ଭଣ୍ଡାର ଖୋଲିବାକୁ ଇଚ୍ଛା ପ୍ରକାଶ କରୁ ନ ଥିଲେ। ଏବେ ବିଭିନ୍ନ ଦେଶ ଏ ନେଇ ରାଜି ହେବା ପରେ ଭାରତ ମଧ୍ୟ ଷ୍ଟକ୍ ଗାର୍ଡ ଖୋଲିବାକୁ ରାଜି ହୋଇଛି। ସେପଟେ ବିଶ୍ୱ ବଜାରରେ ପେଟ୍ରୋଲିୟମ ଦର ବୃଦ୍ଧିକୁ ନେଇ ପୂର୍ବରୁ ଅସନ୍ତୋଷ ବ୍ୟକ୍ତ କରିଥିଲା ଭାରତ। ସୁହାଇବା ଭଳି ତଥା ବଜାର ଅନୁରୂପ ତୈଳ ଦର ରଖିବାକୁ ସର୍ବଦା ପ୍ରସ୍ତାବ ରଖିଛି ଭାରତ । ଅନ୍ୟପଟେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଲଗାତର ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ଏ ନେଇ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିୟମିତ ଏ ସମ୍ପର୍କରେ ସମୀକ୍ଷା କରୁଛନ୍ତି।

## ଅନିଲଙ୍କୁ ଦାତବ୍ୟ ସମ୍ମାନ ପ୍ରଦାନ




ଭୁବନେଶ୍ୱର,୨୩।୧୧

ବେଦାନ୍ତ ଗ୍ରୁପ୍‌ର ମୁଖ୍ୟ ଅନିଲ ଅଗ୍ରୱାଲଙ୍କୁ ଏସିଆନ୍ ବିଜ୍‌ନେସ୍ ଆୱାର୍ଡ୍ସ ୨୦୨୧ ପରିପ୍ରେକ୍ଷୀରେ ସମ୍ମାନଜନକ ଦାତବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ବ୍ରିଟେନ୍‌ର ସର୍ବାଧିକ ଆଦୃତ ଏସୀୟ ସମ୍ବାଦପତ୍ର ଇଷ୍ଟର୍ନ ଆଇ ପକ୍ଷରୁ ଏସିଆନ୍ ବିଜ୍‌ନେସ୍ ଆୱାର୍ଡ୍ସର ଆୟୋଜନ କରାଯାଉଛି। ଚଳିତ ବର୍ଷ ଏହାର ୨୩ ତମ ସଂସ୍କରଣ ଲଣ୍ଡନରେ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଏହି ପୁରସ୍କାର ସମାରୋହରେ ଅଗ୍ରୱାଲଙ୍କୁ ପୁରସ୍କୃତ କରାଯାଇଛି। ଦାତବ୍ୟ ସଂସ୍ଥା 'ଅନିଲ ଅଗ୍ରୱାଲ ଫାଉଣ୍ଡେଶନ' ଜରିଆରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି, ଯାହା ଲୋକମାନଙ୍କ ଉପରେ ଏକ ନିରନ୍ତର ଓ ସକାରାତ୍ମକ ପ୍ରଭାବ ପକାଇଛି।

## ଦୁବାଇ ଖାଦ୍ୟମେଳାରେ ରୁଚି-ଫ୍ରୋଜିଟ ଷ୍ଟଲ୍




କଟକ,୨୩।୧୧

ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଓଡ଼ିଶାରେ ବେଶ୍ ସୁପରିଚିତ ରୁଚି-ଫ୍ରୋଜିଟ ଉଦ୍ୟୋଗ ଆନ୍ତର୍ଜାତିକ ବଜାରରେ ନିଜର ସଫଳତାର ଉପସ୍ଥିତ ପ୍ରଦର୍ଶନ କରିଛି। ସଂଯୁକ୍ତ ଆରବ ରାଷ୍ଟ୍ର (ୟୁଏଇ) ର ଦୁବାଇସ୍ଥିତ ତାଜ୍‌ରେ ଲେକ୍ସ ଟାୱାରଠାରେ ଫୁଡ୍ ଓ ବେଭେରେଜସର ବିଶ୍ କ୍ରେତା-ବିକ୍ରେତା ସମ୍ମିଳନୀରେ 'ରୁଚି'ର ନିର୍ଦ୍ଦେଶିକା ରଶ୍ମି ସାହୁ ଯୋଗ ଦେଇଛନ୍ତି। ରୁଚି-ଫ୍ରୋଜିଟ୍ ବ୍ରାଣ୍ଡର ଜୈବିକ ମସଲା, ଅଟା ରାଇସ୍, ରପ୍ତାନି ଯୋଗ୍ୟ ସିମେଇ, ମାଣ୍ଡିଆ ଗୁଣ୍ଡ, ଚୁଡ଼ା, ଛତୁଆ ଭଳି ବିଭିନ୍ନ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀଗୁଡ଼ିକ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ସ୍ଥାନ ପାଇବା ସହିତ ଏଥିରେ ଯୋଗଦେଇଥିବା ବିଶ୍ୱର ଅନ୍ୟ ରାଷ୍ଟ୍ରର ଉଦ୍ୟୋଗୀମାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦୀର୍ଘ ୪୬ ବର୍ଷ ଧରି ରୁଚି ଉଦ୍ୟୋଗ ଗୁଣାତ୍ମକ ମସଲା, ସିମାଇ, ପାସ୍ତା ଓ ରେଡି-ଟୁ ଇଟ୍ ଭଳି ଖାଦ୍ୟ ଓ ପାନୀୟ ପ୍ରସ୍ତୁତ କରି ଦେଶ ବିଦେଶରେ ନିଜ ସାମଗ୍ରୀର ବଜାର ପ୍ରବେଶ କରାଇଛି ବୋଲି ସାହୁ କହିଛନ୍ତି।

## କେବିଆର୍‌ସିକୁ ସମ୍ମାନ ପ୍ରଦାନ

କଟକ,୨୩।୧୧




ଓଡ଼ଶା ସାମ୍ବାଦିକ ସଂଘ (ଓଜେଏ) ପକ୍ଷରୁ ସ୍ଥାନୀୟ ସହିଦ ଭବନଠାରେ ସାମ୍ବାଦିକ ସଂଘର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲୁସି ମହାପାତ୍ରଙ୍କ ଦ୍ୱାରା ପରିଚାଳିତ କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟ (କେବିଆର୍‌ସି) କୁ ଓଡିଶାର ସର୍ବଶ୍ରେଷ୍ଠ ଆବାସିକ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ପକ୍ଷରୁ ସଂପୃକ୍ତ ଅନୁଷ୍ଠାନକୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ପ୍ରଦାନ କରାଯାଇଛି। ଏହି ଅବସରରେ ସଂଘର ବହୁ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।


**PARADIP PORT TRUST**

**e-TENDER CALL NOTICE**

Name of the work: **"Construction of Retaining Wall cum Drain on left side of Road from old Gate No. 2 to Warehouse area at Paradip Port"**. EMD cost: **NIL**, Last Date & Time of submission of Bid: **06.12.2021 up to 17:15 Hrs**. For details please refer our Website: **eprocure.gov.in/eprocure/app.**

Executive Engineer, HWD No.I, PPT

PPT/PR/123/21-22 Dt.23/11/2021


## ରାଜ୍ୟ ଖବର

# ଠିକା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିୟମିତ କର

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୨୩।୧୧

ରାଜ୍ୟର ବିଭିନ୍ନ ସରକାରୀ ସଂସ୍ଥାରେ ଠିକା ନିଯୁକ୍ତି ପାଇଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିୟମିତ କରିବାକୁ ମଙ୍ଗଳବାର ଶୁଣାଣି କରି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲୋକାଲ ଫଣ୍ଡ୍ ଅଡିଟ୍, ସବ୍ ରେଜିଷ୍ଟ୍ରି, ଲୋକସେବା ଭବନ ଓ ମଧୁସୂଦନ ଏକାଡେମୀରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଆସନ୍ତା ୩ ମାସ ମଧ୍ୟରେ ନିୟମିତ ସହ ସମସ୍ତ ସୁବିଧା ଯୋଗାଇ ଦେବାକୁ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଉପରୋକ୍ତ ୪ ସରକାରୀ ସଂସ୍ଥାରେ କାର୍ଯ୍ୟରତ ଠିକା ଡାଟା ଏଣ୍ଟ୍ରି ଅପରେଟର ୧୦ରୁ ୧୨ ବର୍ଷଧରି କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନଙ୍କୁ ନିୟମିତ କରାଯାଉନାହିଁ। ତୁରନ୍ତ ନିୟମିତ କରିବା ଓ ସମସ୍ତ ସୁବିଧା ପ୍ରଦାନ ଲାଗି ସେମାନଙ୍କ ମଧ୍ୟରୁ ୭୦୦ ଜଣ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶଦ୍ୱାରା ପ୍ରତ୍ୟକ୍ଷଭାବେ ୪ ବିଭାଗରେ କାର୍ଯ୍ୟରତ ୧୫ଶହରୁ ଅଧିକ ଠିକା କର୍ମଚାରୀ ଉପକୃତ ହେବେ। ପରେ ଅନ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଉକ୍ତ ନିର୍ଦ୍ଦେଶନାମା ଆଧାରରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅତୁଲ ତ୍ରିପାଠୀ ସୂଚନା ଦେଇଛନ୍ତି।

# ବିଜେଡି କନ୍ଧମାଳ, ବୌଦ୍ଧ ଜିଲା କମିଟି ପୁନର୍ଗଠିତ

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ବିଜୁ ଜନତା ଦଳର କନ୍ଧମାଳ ଓ ବୌଦ୍ଧ ଜିଲା ବିଜେଡି କମିଟି ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଭୟ ଜିଲାର ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ମଙ୍ଗଳବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କନ୍ଧମାଳ ଜିଲା ପାଇଁ ୮ ଜଣଙ୍କୁ ଜିଲା ଉପସଭାପତି ଭାବେ ନିଯୁକ୍ତ କରାଯାଇଥିବା ବେଳେ ୧୨ ଜଣଙ୍କୁ ସାଧାରଣ ସମ୍ପାଦକ, ୧୬ ଜଣଙ୍କୁ ସମ୍ପାଦକ, ଯୁଗ୍ମ ସମ୍ପାଦକ ଭାବେ ୧୩ ଜଣଙ୍କୁ ନିଯୁକ୍ତ କରାଯାଇଛି । ସେହିଭଳି କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ସାହୁ, ଡିଜିଟାଲ ସାଧାରଣ ସମ୍ପାଦକ ଭାବେ ରାଜେନ୍ଦ୍ର ପାଢ଼ୀ, ଡିଜିଟାଲ ସମ୍ପାଦକ ଭାବେ ସ୍ୱସ୍ତିକ ପାତ୍ର ଓ ଡିଜିଟାଲ ଯୁଗ୍ମ ସମ୍ପାଦକ ଭାବେ ବାଦଲ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବୌଦ୍ଧ ଜିଲା ସଭାପତି ଭାବେ ସୁବୋଧ କୁମାର ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୬ ଜଣଙ୍କୁ ଜିଲା ଉପସଭାପତି, ୬ ଜଣଙ୍କୁ ସାଧାରଣ ସମ୍ପାଦକ, ୫ ଜଣଙ୍କୁ ସମ୍ପାଦକ, ୧୯ ଜଣଙ୍କୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି । ସେହିଭଳି କୋଷାଧ୍ୟକ୍ଷ ଭାବେ ଲିଙ୍ଗରାଜ ମଲିକ ଏବଂ ସୋସିଆଲ ମିଡିଆ ପାଇଁ ପ୍ରଦୀପ ଅଗ୍ରୱାଲଙ୍କୁ ନିଯୁକ୍ତ କରାଯାଇଛି ।


**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁଖଣିଜ ଲିଜ୍ ନିମନ୍ତେ**

ସଂଖ୍ୟା ୨୮୨୭ ତା୨୨।୧୧।୨୦୨୧ରିଖ

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବ୍‌ସାଇଟ୍ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ସ୍ୱା/- ତହସିଲଦାର, ଟିଟିଲାଗଡ଼



**cmpdi** A Miniratna Company
**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"



**GOVERNMENT OF ODISHA**
**HOUSING AND URBAN DEVELOPMENT DEPARTMENT**
**OFFICE OF THE BIRAMITRAPUR MUNICIPALITY, BIRAMITRAPUR**

No. C-1369 **"E" Procurement Notice**
**Tender ID: 2021-ORULB-72983-I**
**Tender Call Notice No. 3470/BM/2021-22 Date: 22.11.2021**

1. Name of Work : Civil Construction works as mentioned in website
2. No. of works : 20 Nos. of work
3. Bid Value : Rs.4.63 lakh to Rs.17.84 lakh
4. Period of Completion : As per DTCN
5. Date and time of Bidding : From 10.00 A.M. of date 24.11.2021 to 5.00 P.M. of date 03.12.2021
6. Last date & time for receipt of Bids in portal : Upto 5.00 P.M. of Date: 03.12.2021
7. Bids received online shall be opened on date : Date: 04.12.2021 at 11.30 A.M.
8. Name & address of the Officer Inviting Bid : Executive Officer, Biramitrapur Municipality

For further details can be seen from the procurement portal: **www.tendersodisha.gov.in**.

**Sd./- Executive Officer**
**Biramitrapur Municipality**
**OIPR-13193/11/0001/2122**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SAMBALPUR (R&B) DIVISION-I, SAMBALPUR**

**No. B-660** **e-Procurement Notice**
**BID IDENTIFICATION No. SE/R&B/SBP/23/2021-22**
**E-mail: exeengsbp@rediffmail.com, Phone/Fax: 0663-2548013**
**No. 7336** **Dated: 20.11.2021**

1. The **Superintending Engineer, Sambalpur (R&B) Division No.-I, Sambalpur** on behalf of Governor of Odisha, invites **Percentage Rate** bids in **Single Cover System in ONLINE MODE** for construction of **Civil/Electrical/P.H. Work** as detailed in the DTCN from the eligible class of contractors.
2. No. of Works : 09 (Nine)
3. Tender Cost : Rs.6,000/-, Rs.4,000/- & Rs.2,000/-, Rs.600/- & Rs.400/- (Online)
4. Class of Contractor : "D" & "C", MV & HT Electrical Contractor
5. Date and time of available in website & receipt of Bids : 16.00 hrs. 07.12.2021 to 17.00 hrs. of 14.12.2021
6. Date of Opening of Tender : 15.12.2021 at 11.30 hrs.
7. The bidders have to participate in ONLINE bidding only. Further details can be seen from the website.
8. Any Corrigendum/Addendum will be displayed in the website **www.tendersodisha.gov.in** only.

**Sd./- Superintending Engineer**
**Sambalpur (R&B) Division No. I**
**OIPR-34042/11/0051/2122**



**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
**Housing & Urban Development Department, Govt. of Odisha**
ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL, JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist- Khordha (Odisha), Pin-752050
E-mail- municipalityjatni@gmail.com, Phone No. 0674-2490826

**ସର୍ବସାଧାରଣଙ୍କ ନିମନ୍ତେ ସୂଚନା**

- ଏତଦ୍ୱାରା ଜଟଣୀ ପୌର ପରିଷଦ ଅଧୀନରେ ଥିବା ୨୩ ଗୋଟି ୱାର୍ଡର ହୋଲଡିଂ ଟାକ୍ସ (ଗୃହ ଟିକସ) ପୈଠ କରୁଥିବା ସମସ୍ତ ଗୃହକର୍ତ୍ତାମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କର **ଗୃହ ଟିକସ ଅନଲାଇନ** ମାଧ୍ୟମରେ ପୌର ପରିଷଦକୁ ପୈଠ କରନ୍ତୁ ଏବଂ ତତସହିତ ପରିମଳ ବାବଦକୁ ବ୍ୟବହାରକାରୀ ଦେୟ (ୟୁଜର ଫି) ମାସିକ ୨୧ ଟଙ୍କା ଅନଲାଇନ ''ଆମ ସହର ଆପ'' ମାଧ୍ୟମରେ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ଏବଂ ଜଟଣୀ ସହରକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ସହଯୋଗ କରନ୍ତୁ ।
- ଜଟଣୀ ପୌରାଞ୍ଚଳର କୌଣସି ଗୃହକର୍ତ୍ତା ଅଥବା ବ୍ୟବସାୟୀ **ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ-୨୦୧୬**କୁ ଖିଲାପ କରନ୍ତୁ ନାହିଁ ଏବଂ ପ୍ଲାଷ୍ଟିକ ପଲିଥିନ ବର୍ଜନକରି କଟନ ବ୍ୟାଗ ଓ ପେପର ବ୍ୟାଗ ବ୍ୟବହାର କରନ୍ତୁ, ଯଦି କେହି ଏହାକୁ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ।
- ପୁନଶ୍ଚ ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ପ୍ରତ୍ୟେକ ଶନିବାର ଦିନ **ଇ-ୱେଷ୍ଟ** ଯଥା ଅଦରକାରୀ ଏବଂ ଭଙ୍ଗା ଟିଭି, ଫ୍ରିଜ୍ ଓ ଅନ୍ୟ ବୈଦ୍ୟୁତିକ ଯନ୍ତ୍ରପାତିକୁ ପରିମଳ ନିରୀକ୍ଷକ ଏବଂ ସଫେଇ ସାଥୀଙ୍କୁ ହସ୍ତାନ୍ତର କରନ୍ତୁ ।
- **ନିର୍ମାଣ ସାମଗ୍ରୀ ବର୍ଜ୍ୟବସ୍ତୁ**କୁ ରାସ୍ତା କଡ଼ରେ ରଖନ୍ତୁ ନାହିଁ ଏବଂ ଯଦି ଏହା ଅଦରକାରୀ ତେବେ ସଫେଇ କର୍ମଚାରୀଙ୍କୁ ବ୍ୟବହାରକାରୀ ଦେୟ (ୟୁଜର ଫି) ପୈଠ କରି ହସ୍ତାନ୍ତର କରି ରାସ୍ତା ସଫା ରଖନ୍ତୁ । କୌଣସି ଠିକାଦାର କିମ୍ବା କୌଣସି ସଂସ୍ଥା ବିନା ଅନୁମତିରେ ରାସ୍ତା ଉପରେ ବାଲି, ଇଟା, ଚିପ୍ସ ଇତ୍ୟାଦି ରଖି ରାସ୍ତା ଅବରୋଧ କରି ବ୍ୟବସାୟ କରନ୍ତୁ ନାହିଁ, ଯଦି କେହି ଏହାକୁ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କଠାରୁ ଜରିମାନା ସଂଗ୍ରହ କରାଯିବ ।

**ଶ୍ରୀଯୁକ୍ତ ଦିଲ୍ଲିପ କୁମାର ମହାନ୍ତି**, ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ
**ଶ୍ରୀଯୁକ୍ତ ଦେବବ୍ରତ ସାହୁ (ଓ.ପ୍ର.ସେ.)**, ପୌର ପ୍ରଶାସକ, ଜଟଣୀ ପୌର ପରିଷଦ



**ODISHA HYDRO POWER CORPORATION LTD.**
OHPC
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/P.O.- BARINIPUT, DIST.- KORAPUT - 764006**
**Phone: 06854-242001, Fax: 06854-242038, e-mail: sgmel.ukhep@gmail.com**

**1st CORRIGENDUM TENDER CALL NOTICE**
**No. 21/2021-22, Dated: 28.10.2021**

No. CAD-1956: The last date of Sale, Receipt and Opening of Tender Paper against this office Tender Call Notice No. 21/2021-22 Date: 28.10.2021 are hereby extended and re-scheduled as follows:
(1) Last Date & Time of Sale of Tender Paper : From 26.11.2021 of 11.00 hrs. upto 13.00 hrs. of dated 09.12.2021
(2) Last Date & Time of Receipt of tender paper : Upto 16.00 hrs. of dated 09.12.2021
(3) Date & Time of Opening of tender : At 16.30 hrs. of dated 09.12.2021
All other terms & conditions of the Tender remain unchanged.
For details of the tender documents, terms & conditions and downloading please refer our website **www.ohpcltd.com**.

**Sd./- C & P Head, Upper Kolab HEP,**
**OHPC Limited, Bariniput**
**OIPR-04002/11/0030/2122**



**PANCHAYAT SAMITI, TANGI**
i-222 E-mail-ori-tangi@nic.in
No. 2134 Dated:20.11.2021

**DETAIL TENDER CALL NOTICE NO. 01/2021-22**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen and down loaded from the official website of Khordha District (http://www.khordha.nic.in) and purchased from the office of the undersigned.

1. Number of Civil works : **01 (One)**
2. Estimated Cost : **Rs. 12,00,000/-**
3. Period of completion : **As per DTCN**
4. Date & time of availability / Sale of the Bid documents: **23.11.2021 to 06.12.2021 up to 5.00 P.M.**
5. Last Date / Time for receipt of bids : **07.12.2021 up to 3.00 P.M.**
6. Bid documents willbe opened : **07.12.2021 at 4.00 P.M.** in the office of the **undersigned.** Further the details can be seen from the website (http://www.khordha.nic.in) / office of the undersigned.

OIPR-19049/11/0001/2122 Sd/- Block Development Officer, Tangi



**OFFICE OF THE**
**BALASORE MUNICIPALITY, BALASORE**
**No. 8059** **Date: 16.11.2021**

**E-Procurement Notice**
**BID Identification No. BM_11_2021_22**

No. C-1373: Bid documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**.

1. Name of the work : Civil Const. works as mentioned in DTCN
2. No. of works : 22 Nos.
3. Estimated Cost : As per work list
4. Period of Completion : As per DTCN
5. Date and time of Bidding : 20.11.2021 to 03.12.2021
6. Last date and time for receipt : 03.12.2021 upto 5.00 P.M.
7. Bids received online shall be opened on : 04.12.2021 from 10.00 P.M. onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. **https://tendersodisha.gov.in/nicgep/app**.

**Sd./- Executive Officer, Balasore Municipality**
**OIPR-13154/11/0030/2122**



**OFFICE OF THE**
**NOTIFIED AREA COUNCIL, BIJEPUR**
**At/P.O./P.S.- Bijepur, Dist.- Bargarh (Odisha), PIN - 768032**
**Phone No. 06685-274153, E-mail ID: bijepurnac2018@gmail.com**
**No. 1369** **Dt.22.11.2021**

**"e" Procurement Notice**
**Bid Identification No. EO/Bijepur/04/2021-22**

No. C-1364: Bid documents consisting of sepcification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. **www.tendersodisha.gov.in**.

1. Nature of work : Civil Works
2. No. of works : 08 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10 hours of 23.11.2021 to to 17 hours of 02.12.2021
6. Last date/time for receipt of bids in the portal : Dt.02.12.2021 upto 17 hours
7. Bids received online shall be opened on : Dt.03.12.2021 at 11 hours
8. Name and address of the Officer Inviting Bid : Executive Officer, Bijepur NAC

Further, the details can be seen from the procurement portal **www.tendersodisha.gov.in**.

**Sd./- Executive Officer, Bijepur NAC**
**OIPR-13123/11/0007/2122**



**OFFICE OF THE DEAN & PRINCIPAL, SLN MEDICAL COLLEGE & HOSPITAL, KORAPUT**
E-656
**ADVERTISEMENT**
**WALK-IN INTERVIEW**
No. 4050 Dated:23.11.2021

A walk-in-interview is proposed for filling up the different posts (Scientist B, Research Assistant, Lab Technician, Data Entry Operator, Multi Tasking Staff) on contractual basis in the Viral Research & Diagnosis Laboratory (VRDL) at SLN Medical College & Hospital, Koraput under the project "Setting up of Nation-wide Network of laboratories for managing Epidemics & Natural Calamities" by Department of Health Research, MoHFW. Interested candidates possessing requisite qualification & experience may download the application form from the website **www.koraput.nic.in** / **www.slnmch.nic.in** and fill in the given format and submit the scanned copies of the filled application form along with attested documents to the email **slnmchkoraput.od@gov.in** by on or before 09.12.2021. After primary screening shortlisted candidates will be intimated by e-mail / SMS and they are required to appear with all relevant original documents on a scheduled date for verification and interview.

Sd/- Dean & Principal, SLN Medical College, Koraput
OIPR-10121/11/0011/2122



**GOVERNMENT OF ODISHA** No. A-650
**OFFICE OF THE SUPERINTENDING ENGINEER**
**NIMAPARA IRRIGATION DIVISION, NIMAPARA**
**NOTICE INVITATION OF TENDERS**
**e-Procurement Notice No. 08/2021-22 on Dated: 15.11.2021**
**E-mail ID: eenidnimapara@gmail.com**

1. Type of Works : Restoration of Embankment, Building & Canal
2. Total No. of Works : 12 (Twelve) Nos.
3. Estimated Cost : Varies from Rs.7.11 to Rs.48.99 lakhs
4. Period of Completion : 90 to 120 days

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids Online |
|---|---|---|---|
| Superintending Engineer Nimapara Irrigation Division, Nimapara | NID - 143 / 2021-22 to NID - 154 / 2021-22 | Rs.7.11 to Rs.48.99 | From 26.11.2021 10.00 A.M. to 07.12.2021 5.30 P.M. |

Date of opening of the Bid : 08.12.2021 at 11.00 A.M.
Further details can be seen from the Govt. website: **www.tendersodisha.gov.in**.

**Sd./- Superintending Engineer**
**Nimapara Irrigation Division, Nimapara**
**OIPR-32097/11/0008/2122**

**କୃଷି ଆଇନ ପ୍ରତ୍ୟାହାରକୁ ମଞ୍ଜୁରୀ ଲାଗି ଆଜି କ୍ୟାବିନେଟ ବୈଠକ**

କୃଷି ଆଇନ ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଶୁକ୍ରବାର ଘୋଷଣା କରିଥିଲେ। ବୁଧବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ କ୍ୟାବିନେଟ ବୈଠକ ବସି ଆଇନ ପ୍ରତ୍ୟାହାର ନିଷ୍ପତ୍ତିକୁ ମଞ୍ଜୁରୀ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ସହ ପରାମର୍ଶ କରି କୃଷି ମନ୍ତ୍ରଣାଳୟ ଆଇନ ପ୍ରତ୍ୟାହାର ଲାଗି ବିଲ୍ ପ୍ରସ୍ତୁତି ଚଳାଇଛି। ଆସନ୍ତା ୨୯ ତାରିଖରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉକ୍ତ ବିଲ୍‌କୁ ଲୋକ ସଭାରେ ଆଗତ କରିବେ।

## ସଂକ୍ଷେପରେ

### ଟ୍ରେନ୍ ଉପରେ ଭିଡିଓ ଶୁଟିଂ ବେଳେ ଛାତ୍ର ମୃତ

**ଅହମଦାବାଦ, ୨୩।୧୧:** ଗୁଜରାଟର ଅହମଦାବାଦରେ ଟ୍ରେନ୍ ଉପରେ ଇନ୍‌ଷ୍ଟାଗ୍ରାମ ପାଇଁ ଭିଡିଓ ଶୁଟିଂ କରିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୧୫ ବର୍ଷୀୟ ଛାତ୍ର ପ୍ରେମ ପଞ୍ଚାଲଙ୍କ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ସାବରମତି ୟାର୍ଡରେ ଏକ ମାଲବାହୀ ଟ୍ରେନ୍ ୱାଗନରେ ଚଢ଼ି ସେ ଭିଡିଓ କରୁଥିବାବେଳେ ମୁଣ୍ଡ ଉପରେ ଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ।

### ବଳାତ୍କାରୀ ବାପାଙ୍କୁ ମୃତ୍ୟୁଦଣ୍ଡାଦେଶ

**ବାହରିଚ୍, ୨୩।୧୧(ପି.ଟି.):** ଉତ୍ତରପ୍ରଦେଶର ବାହରିଚ୍ ଜିଲାରେ ନାବାଳିକା ଝିଅଙ୍କୁ ବଳାତ୍କାର ଅଭିଯୋଗରେ ଦୋଷୀସାବ୍ୟସ୍ତ ଜଣେ ୪୦ ବର୍ଷୀୟ ବାପାଙ୍କୁ ମଙ୍ଗଳବାର ମୃତ୍ୟୁଦଣ୍ଡାଦେଶ ମିଳିଛି। ଏଥିସହିତ ଅତିରିକ୍ତ ସେସନ୍ସ ଜଜ୍ ନିତୀନ କୁମାର ପାଣ୍ଡେ ତାଙ୍କୁ ୫୧,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲା ଦାଏର ହେବାର ୩ ମାସ ମଧ୍ୟରେ ଦଣ୍ଡବିଧାନ କରାଯାଇଛି। ପୀଡ଼ିତାଙ୍କ ମାଆ ଗତ ଅଗଷ୍ଟ ୨୫ରେ ତାଙ୍କ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ସ୍ଥଗିତ ହେବନି ତ୍ରିପୁରା ପୌର ନିର୍ବାଚନ

**ନୂଆଦିଲ୍ଲୀ, ୨୩।୧୧**

ତ୍ରିପୁରା ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଛି। ନିର୍ବାଚନ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତ୍ରିପୁରା ହିଂସାକାଣ୍ଡ ଘଟଣାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ନିର୍ବାଚନ ପୂର୍ବରୁ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଖରାପ ହେବାରେ ଲାଗିଛି। ତେଣୁ ପୌର ନିର୍ବାଚନକୁ ସ୍ଥଗିତ ରଖିବା ଲାଗି ଆବେଦନ କରାଯାଇଥିଲା। ସୁପ୍ରିମକୋର୍ଟ ମଙ୍ଗଳବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ସହ ପ୍ରଚାର ଶେଷ ହୋଇସାରିଲାଣି। ୨୫ ତାରିଖରେ ଭୋଟ ଏବଂ ୨୮ ତାରିଖରେ ଗଣତି କରାଯିବ। ନିର୍ବାଚନ ସ୍ଥଗିତ ରଖିବା ଚୂଡ଼ାନ୍ତ ଓ ଚରମ ପଦକ୍ଷେପ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ କହିଛନ୍ତି। ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ତ୍ରିପୁରା ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାରୁ ଟିଏମ୍‌ସି ଯେଉଁ ଆଶଙ୍କା କରୁଥିଲା ତାହା ଦୂର ହୋଇପାରିବ ବୋଲି ଅଦାଲତ କହିଛନ୍ତି।



ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ତ୍ରିପୁରା ପୋଲିସ ଡିଜି ଏବଂ ଆଇଜି (ଆଇନ ଶୃଙ୍ଖଳା) ବୁଧବାର ସକାଳେ ରାଜ୍ୟ ନିର୍ବାଚନ କମିଶନଙ୍କ ସହ ମିଳିତ ବୈଠକ କରିବେ। ଅବଶିଷ୍ଟ ପର୍ଯ୍ୟାୟ ନିର୍ବାଚନରେ ଶାନ୍ତି ରକ୍ଷା ଲାଗି ରାଜ୍ୟରେ ଉପଲବ୍ଧ ଅର୍ଦ୍ଧସାମରିକ ବଳ ସମ୍ପର୍କରେ ସମୀକ୍ଷା କରାଯିବ। ରିପୋର୍ଟ ଅନୁଯାୟୀ ତ୍ରିପୁରାରେ ଫିଲ୍ଡ ଡ୍ୟୁଟି ପାଇଁ ୩ ବାଟାଲିୟନ ସିଆର୍‌ପିଏଫ୍ ଯବାନ ରହିଥିବାବେଳେ ନିର୍ବାଚନ ଡ୍ୟୁଟିରେ ୧୭ କମ୍ପାନୀ ଯବାନ ନିୟୋଜିତ ହେବାର ଅଛି। ଏଥିସହିତ ଆଉ ୧୨ ସେକ୍ସନ ଯବାନଙ୍କ ଆବଶ୍ୟକତା ରହିଛି। ତୃଣମୂଳ ସ୍ତରରେ ସ୍ଥିତି ଅନୁଧ୍ୟାନ କରାଯିବା ପରେ ଆବଶ୍ୟକ ଯବାନ ଯୋଗାଇ ଦେବା ଲାଗି ସିଆର୍‌ପିଏଫ୍‌କୁ କୁହାଯିବ। ଏହା ଭୋଟ ଦିନ ବ୍ୟତୀତ ଶାନ୍ତିପୂର୍ଣ୍ଣ ଓ ଅବାଧ ନିର୍ବାଚନ ପରିଚାଳନା ଲାଗି ଡିଜି ଏବଂ ଆଇଜି ସମସ୍ତ ପଦକ୍ଷେପ ନେବେ। ଚତୁର୍ଥରେ ନିର୍ବାଚନ ସମ୍ପର୍କିତ ସମସ୍ତ ଅଭିଯୋଗ, ଏତଲା, କାର୍ଯ୍ୟାନୁଷ୍ଠାନ ରିପୋର୍ଟ ରାଜ୍ୟ ସରକାର କୋର୍ଟରେ ଦାଖଲ କରିବେ। ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ନିରପେକ୍ଷ କର୍ତ୍ତବ୍ୟ ସମ୍ପାଦନ କରିବା ଲାଗି ସୁପ୍ରିମକୋର୍ଟ କହିଛନ୍ତି।

### ଶାନ୍ତିରକ୍ଷା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନଭେମ୍ବର ୨୫ରେ ଅଗରତାଲା ପୌର ନିଗମ ସମେତ ୨୦ଟି ପୌର ସଂସ୍ଥାରେ ଭୋଟ ପାଇଁ ରାଜ୍ୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଥିଲେ। ନିର୍ବାଚନ ହେବାକୁ ଥିବା ମୋଟ ୩୩୪ ଆସନ ମଧ୍ୟରୁ ଭାଜପା ୧୧୨ଟିରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛି। ଅବଶିଷ୍ଟ ୨୨୨ ଆସନ ଲାଗି ନିର୍ବାଚନ ରଣାଙ୍ଗନରେ ୭୮୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି।

ସୂଚନାଯୋଗ୍ୟ, ବାଂଲାଦେଶରେ ଏକ ଦୁର୍ଗାପୂଜା ପେଣ୍ଡାଲରେ କୋରାନକୁ ଦେବୀଙ୍କ ପାଦ ନିକଟରେ ରଖାଯିବାକୁ କେନ୍ଦ୍ରକରି ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏହାର ପ୍ରଭାବ ତ୍ରିପୁରାରେ ପଡ଼ିଥିଲା। ଅକ୍ଟୋବର ୧୯ରୁ ୨୬ ମଧ୍ୟରେ ତ୍ରିପୁରାର କେତେକ ଅଞ୍ଚଳରେ ମସ୍‌ଜିଦ୍ ସମେତ ମୁସଲମାନଙ୍କ ଦୋକାନ ଉପରେ ଆକ୍ରମଣ ହୋଇଥିଲା। ସ୍ଥିତି ସୁଧୁରିଥିଲେ ମଧ୍ୟ ସୋସିଆଲ ମିଡିଆରେ ଏହାର ଫଟୋ ଓ ଭିଡିଓ ଶେୟାର କରାଯାଇ ହିଂସାକୁ ଉସୁକାଯାଇଥିଲା। ଗତ ଶନିବାର ରାତିରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଏକ ସଭାରେ ଯୋଗ ଦେଇଥିବାବେଳେ ଟିଏମ୍‌ସି ନେତ୍ରୀ ସାୟନୀ ଘୋଷ ସେଠାରେ 'ଖେଲା ହୋବେ' ସ୍ଲୋଗାନ ଦେବା ସହ ବିଶୃଙ୍ଖଳା ସୃଷ୍ଟି ଲାଗି ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ଗିରଫଦାରି ପ୍ରତିବାଦରେ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାହାରେ ଦଳର ଏମ୍‌ପିମାନେ ଧାରଣା ଦେବା ସହ ତ୍ରିପୁରା ହିଂସା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଜବାବ ଚାହିଁଥିଲେ। ପରେ ଅମିତ ଶାହା ଏମ୍‌ପିମାନଙ୍କ ପ୍ରତିନିଧି ଦଳକୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ପୌର ନିର୍ବାଚନ ପ୍ରଚାରବେଳେ ବିରୋଧୀ ଦଳଗୁଡ଼ିକ ପ୍ରତି ହିଂସା ଘଟଣା ରୋକିବାରେ ସରକାର ବିଫଳ ହୋଇଛନ୍ତି। ନଭେମ୍ବର ୧୧ରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିଗୁଡୁଥିବାରୁ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଟିଏମ୍‌ସି ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା।

### ବୋଟ୍ ବୁଡ଼ି ୬ ଛାତ୍ର ମୃତ

**କଲମ୍ବୋ, ୨୩।୧୧(ପି.ଟି.)**

ଶ୍ରୀଲଙ୍କା ଉପକୂଳରେ ମଙ୍ଗଳବାର ଏକ ବୋଟ୍ ବୁଡ଼ିଯିବାରୁ ୬ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୭ ଜଣ ଛାତ୍ର ପହଁରି କୂଳକୁ ଚାଲିଆସିଥିଲେ। ଶ୍ରୀଲଙ୍କାର ପୂର୍ବ ଉପକୂଳରେ ଥିବା କୁରିଞ୍ଜକେନିରୁ ବୋଟ୍‌ଟି ଛାତ୍ରମାନଙ୍କୁ ନେଇ କିନ୍ନିୟା ସହରକୁ ଯାଉଥିଲା। ନୌସେନା ପକ୍ଷରୁ ନିଖୋଜମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ସ୍କୁଲ ବସ୍ ଧରି ନ ପାରି ଛାତ୍ରଙ୍କ ଆତ୍ମହତ୍ୟା

**ଭୋପାଳ, ୨୩।୧୧**

ସ୍କୁଲ ବସ୍ ମିସ୍ କରିବାରୁ ମଧ୍ୟପ୍ରଦେଶ ବେତୁଲ ଜିଲାର ଜଣେ ନବମ ଶ୍ରେଣୀ ଛାତ୍ର ବେକରେ ରଶି ଲଗାଇ ସୋମବାର ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ, ସେ ଜଣେ ମେଧାବୀ ଛାତ୍ର ସହ ସମୟାନୁବର୍ତ୍ତିତାକୁ ସବୁବେଳେ ଗୁରୁତ୍ୱ ଦେଉଥିଲେ। ତେବେ ସୋମବାର ସ୍କୁଲ ବସ୍ ଧରି ନ ପାରିବାରୁ ସେ ଘରକୁ ଆସି କାନ୍ଦିଥିଲେ। କିଛି ସମୟ ପରେ ଘର ପଛ ପଟେ ଥିବା ଏକ ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା।


**ଦଶମ ଜନ୍ମଦିନର ଶୁଭେଚ୍ଛା**



(ଲିପୁ)
ଅମ୍ଳାନ୍ ପଟ୍ଟନାୟକ
ଗାନ୍ଧିନଗର (ଜଟଣୀ)
ଆଜି ତୋର ଦଶମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହିତ ଦୀର୍ଘାୟୁ କରନ୍ତୁ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏତିକି ପ୍ରାର୍ଥନା।
**ଶୁଭେଚ୍ଛା ସହ:** ବଡ଼ବାପା, ପାପା, ମାମା, ଦାଦା, ଖୁଡ଼ୀ, ବାବୁଦାଦା, ଆଈ, ମାମୁ, ମାଈ, ଲୁନାମାମୁ, ମଉସା, ମାଉସୀ, ପୁପୁଭାଇ, ସିପୁଭାଇ, ଡୁଗୁ, ନବ୍ୟା, ଗୁଡ଼ି, ଲିନା, ପରିବାରବର୍ଗ ।
ଧ-୨୨୩୫୫


# ସେଣ୍ଟ୍ରାଲ ଭିଷ୍ଟା ପ୍ଲଟ୍ ବିରୋଧରେ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୩।୧୧**

ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପରେ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଇଁ ନିର୍ମାଣ ହେବାକୁ ଥିବା ସରକାରୀ ବାସଗୃହ ଲାଗି ବ୍ୟବହୃତ ପ୍ଲଟ ଜମି ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଏହା ସରକାରୀ ନିଷ୍ପତ୍ତି ହୋଇଥିବାରୁ



ଆବେଦନକାରୀ ଏଥିରେ ଦୁର୍ଭାବନାପୂର୍ଣ୍ଣ ଉଦ୍ଦେଶ୍ୟ ରଖିପାରିବେ ନାହିଁ। ପିଟିଶନର ଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ରାଷ୍ଟ୍ରପତି ଭବନଠାରୁ ଇଣ୍ଡିଆ ଗେଟ୍ ମଧ୍ୟରେ ୩ କିଲୋମିଟର ବ୍ୟାପୀ ଅଞ୍ଚଳରେ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପକୁ ଗତ ଜାନୁୟାରୀରେ ସୁପ୍ରିମକୋର୍ଟ ମଞ୍ଜୁରୀ ପ୍ରଦାନ କରିଥିଲେ। ଏଥିରେ ନୂଆ ପାର୍ଲାମେଣ୍ଟ ଭବନ ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଲାଗି ନିର୍ମାଣ କାର୍ଯ୍ୟ ଚାଲିଛି।

# ୧୨ ଶିଶୁଙ୍କ ସମେତ ୪୬ ଦଗ୍ଧ

### ବୁଲ୍‌ଗେରିଆରେ ବସ୍ ଜଳିଗଲା

**ସୋଫିଆ, ୨୩।୧୧**



ବୁଲଗେରିଆ ରାଜଧାନୀ ସୋଫିଆରେ ମାସେଡୋନିଆର ଏକ ବସ୍‌ରେ ନିଆଁ ଲାଗିଯିବାରୁ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୨ ଶିଶୁ ଥିବା ଜଣାପଡ଼ିଛି। ଏଥିରୁ ବର୍ତ୍ତିଯାଇଥିବା ୭ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ମାସେଡୋନିଆ ରାଜଧାନୀ ସ୍କୋପ୍‌ଜେରୁ କେତେକ ବସ୍‌ରେ ପିଲାମାନେ ସପ୍ତାହାନ୍ତ ଛୁଟି କାଟିବାକୁ ତୁର୍କୀର ଇସ୍ତାନବୁଲକୁ ଯାଇଥିଲେ। ସେମାନେ ସେଠାରୁ ଫେରୁଥିବାବେଳେ ମଙ୍ଗଳବାର ଭୋର ସମୟରେ ବୁଲଗେରିଆର ସୋଫିଆରେ ଥିବା ଏକ ପେଟ୍ରୋଲ ପମ୍ପ୍ ନିକଟରେ ଗୋଟିଏ ବସ୍ ଅଟକିଥିଲା। ଏହାର ଘଣ୍ଟାଏ ପରେ ଉକ୍ତ ବସ୍‌ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଅଧିକାରୀଙ୍କ ମତରେ ପ୍ରଥମେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ନା ଏଥିରେ ନିଆଁ ଲାଗିଥିଲା ତାହା ଜାଣି ହେଉନାହିଁ। ନିକଟସ୍ଥ ପେର୍ନିକ୍ ଗ୍ରାମର ମେୟର କହିଛନ୍ତି, ଉକ୍ତ ବସ୍‌ଟି ଯାଉଥିବା ରାସ୍ତା ଖରାପ ଥିବାରୁ ଯାତାୟାତ କରୁଥିବା ଅନେକ ଯାନବାହନ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛି। ବୁଲ୍‌ଗେରିଆର କାମଚଳା ପ୍ରଧାନମନ୍ତ୍ରୀ ଷ୍ଟେଫାନ୍ ୟାନେଭ୍ ଘଟଣାସ୍ଥଳ ପରିଦର୍ଶନକରି ଏହାକୁ ଅତ୍ୟନ୍ତ ଦୁଃଖଦ ଘଟଣା କହି ଶୋକ ବ୍ୟକ୍ତ କରିଛନ୍ତି। ସେହିପରି ଆଭ୍ୟନ୍ତରୀଣ ମନ୍ତ୍ରୀ ବୋୟକୋ ରାଶ୍‌କୋଭ କହିଛନ୍ତି, ପୀଡ଼ିତମାନଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଘଟଣାସ୍ଥଳର ଦୃଶ୍ୟ ଭୟଙ୍କର ଥିଲା ବୋଲି ସେ କହିଛନ୍ତି। ମୃତକଙ୍କ ମଧ୍ୟରେ ୧୨ ଶିଶୁ ଥିବାବେଳେ ଅନ୍ୟମାନଙ୍କ ବୟସ ୨୦ରୁ ୩୦ ବର୍ଷ ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ସୁରକ୍ଷା କର୍ମୀମାନେ ସିଲ୍ କରିଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ କରାଯାଉଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**LEPRA SOCIETY** requires **M&E cum Accountant** for Target Intervention (IDU) Project, Bhubaneswar.
**Qualification:** B.Com. or above with minimum 2 yr experience with social development.
**Salary: Rs.12000.00 (PM).**
**Apply to:** hrd@leprahealthinactiobyn.in by **30.11.2021**.
For apply detail visit **www.leprasociety.in**
(apply with reference number mention in website)

**Urgent Required**
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

**REQUIREMENT**
**Direct Joining**
1. Security Guard
2. Customer Care
3. Front Office Exe.
CONTACT
7008100677, 9692911851

**APPOINTMENT**
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

**WANTED**
We urgenty required **Telecaller** & **Marketing Executive** for our office with Salary- 5000/- + Incentive 5%. **SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.**
9937605788 (M)

**CHENNAI FINANCIER WANTED**
☞ Finance Consultant
☞ Mediator
☞ DSA
with knowledge of English
salary upto 1lakh & Commission
CHENNAI 9092 692 403

BIKAJI
ASLEE BIKANERI
BHUJIA • PAPAD • NAMKEEN • SWEETS • SNACKS
**Requirement of RSM / ASM**
Experience 3 Years of
Namkeen & Snacks Products.
SEND US YOUR RESUME
E-mail : vindhyawasinisales@gmail.com

**MCL**
**MAHANADI COALFIELDS LIMITED**
(A Subsidiary of Coal India Limited)
JAGRITI VIHAR, BURLA-768020, DIST-SAMBALPUR, ODISHA
Tel Phone (EPABX) - 0663-2542461 to 469 Website : www.mahanadicoal.in

Ref No:- MCL/SA/Hiring of Services/Rev.Pers./2021/580 Dt:-12/11/2021

**NOTICE / ADVERTISEMENT FOR HIRING OF SERVICES OF REVENUE PERSONNEL FOR A PERIOD OF ONE YEAR**

Subhadra Area, Mahanadi Coalfields Limited, invites applications for **hiring of services on fixed consolidated remuneration basis for a period of One year** from eligible citizens of India for the following **Revenue related Assignments**. Applications from candidates fulfilling the eligibility criteria must reach on or before **15th December 2021** in the Office of the **General Manager, Subhadra Area, Near Biju Maidan, PO/Dist.-Angul, Odisha-759122.**

| Sl. No. | Description | Consolidated Remuneration | No of Persons Required |
|---|---|---|---|
| 1. | Revenue Inspector | ₹20,000.00 PM | 05 |
| 2. | Amin | ₹15,000.00 PM | 04 |

Detailed Advertisement/ Notice with regard to Application Form, Eligibility criteria, Age, Last Date of receipt of application and other terms & conditions will be available on MCL's website: **www.mahanadicoal.in** shortly and Applications complete in all respect can be submitted in between **01.12.2021 to 15.12.2021**. Any addendum/Corrigendum in this regard will be hosted on MCL's website and Area Notice Board only.
R- 5081
General Manager,
MCL, Subhadra Area.


# ଗଲୱାନ ହିରୋ ବି. ଏସ୍. ବାବୁଙ୍କୁ ମହାବୀର ଚକ୍ର

**ନୂଆଦିଲ୍ଲୀ, ୨୩।୧୧**

ଗତ ବର୍ଷ ଜୁନ୍‌ରେ ପୂର୍ବ ଲଦାଖ ଗଲୱାନ ଘାଟିରେ ଚାଇନା ସୈନ୍ୟଙ୍କ ଆକ୍ରମଣ ପ୍ରତିହତର ନେତୃତ୍ୱ ନେଇ ଶହୀଦ ହୋଇଥିବା ୧୬ ବିହାର ରେଜିମେଣ୍ଟର କମାଣ୍ଡିଂ ଅଫିସର କଲୋନେଲ ବିକୁମାଲା ସନ୍ତୋଷ ବାବୁଙ୍କୁ ମଙ୍ଗଳବାର ମରଣୋତ୍ତର ମହାବୀର ଚକ୍ର ପ୍ରଦାନ କରାଯାଇଛି। ଅନୁକରଣୀୟ ବୀରତା ପ୍ରଦର୍ଶନ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସମ୍ମାନିତ କରିଛନ୍ତି। ସ୍ୱର୍ଗତ ବାବୁଙ୍କ ସ୍ତ୍ରୀ ବି. ସନ୍ତୋଷୀ ଏବଂ ମା' ମଞ୍ଜୁଳା ଏହି ସମ୍ମାନ ଗ୍ରହଣ କରିଛନ୍ତି। ପରମବୀର ଚକ୍ର ପରେ ମହାବୀର ଚକ୍ର ହେଉଛି ଦ୍ୱିତୀୟ ସର୍ବୋଚ୍ଚ ଯୁଦ୍ଧକାଳୀନ ବୀରତା ପୁରସ୍କାର। ଗଲୱାନ ସଂଘର୍ଷବେଳେ ଶହୀଦ ହୋଇଥିବା



ସ୍ୱର୍ଗତ ବାବୁଙ୍କ ସ୍ତ୍ରୀ ବି. ସନ୍ତୋଷୀ ଏବଂ ମା' ମଞ୍ଜୁଳା ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

### ନାଏବ ସୁବେଦାର ସୋରେନଙ୍କୁ ବୀରଚକ୍ର

ମୟୁରଭଞ୍ଜ ଜିଲାର ନାଏବ ସୁବେଦାର ନୁଦୁରାମ ସୋରେନଙ୍କୁ ମରଣୋତ୍ତର ବୀରଚକ୍ର ପ୍ରଦାନ କରାଯାଇଛି। ସୋରେନଙ୍କ ସ୍ତ୍ରୀ ଲକ୍ଷ୍ମୀମଣି ସୋରେନ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଶହୀଦ ହାବିଲଦାର କେ. ପାଲାନି, ନାଏକ ଦୀପକ ସିଂ ଏବଂ ସିପାହୀ ଗୁର୍ତେଜ ସିଂଙ୍କୁ ମରଣୋତ୍ତର ବୀରଚକ୍ର ସମ୍ମାନ ପ୍ରଦାନ କରାଯାଇଛି। ଚାଇନା ସୈନ୍ୟଙ୍କ ସହ ମୁହାଁମୁହିଁ ହୋଇଥିବା ୨ ମିଡିୟମ ରେଜିମେଣ୍ଟର ହାବିଲଦାର ତେଜିନ୍ଦର ସିଂଙ୍କୁ ବୀରଚକ୍ରରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରୀୟ ରାଇଫଲ ୨୧ତମ ବାଟାଲିଅନ ମେଜର ଅନୁଜ ସୁଦ୍‌ଙ୍କୁ ମରଣୋତ୍ତର ଭାବେ ଶୌର୍ଯ୍ୟ ଚକ୍ର ପୁରସ୍କାର ପ୍ରଦାନ କରାଯାଇଛି।


**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601


# କୃଷି ଆଇନ ଉପରେ ରିପୋର୍ଟ ପ୍ରକାଶ କରାଯାଉ

**ନୂଆଦିଲ୍ଲୀ, ୨୩।୧୧**

- **ସିଜେଆଇଙ୍କୁ ପତ୍ର ଲେଖିଲେ ସୁପ୍ରିମକୋର୍ଟ କମିଟି ସଦସ୍ୟ**
- **ଦିଲ୍ଲୀରେ ଲକ୍ଷେ କୃଷକ ସମାବେଶ ପାଇଁ ଚେତାବନୀ**

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ଉପରେ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ କମିଟି ଦେଇଥିବା ରିପୋର୍ଟକୁ ତୁରନ୍ତ ସର୍ବସାଧାରଣରେ ପ୍ରକାଶ କରାଯାଉ କିମ୍ବା ଏହାକୁ ପ୍ରକାଶ କରିବା ଲାଗି କମିଟିକୁ କ୍ଷମତା ଦିଆଯାଉ। କମିଟି ସଦସ୍ୟ ଅନିଲ ଘନୱତ୍ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କୁ ପତ୍ର ଲେଖି ଏହା ଜଣାଇଛନ୍ତି। ୩ କୃଷି ଆଇନ ପ୍ରତ୍ୟାହାର ହେବା ପରେ ମଧ୍ୟ କୃଷି କ୍ଷେତ୍ରରେ ସଂସ୍କାର ଜରୁରୀ ବୋଲି ଶେତ୍‌କରି ସଂଗଠନର ନେତା ଘନୱତ୍ ଗଣମାଧ୍ୟମକୁ କହିଛନ୍ତି। ଏଥିପାଇଁ ସେ ଆଗାମୀ ଦୁଇମାସ ମଧ୍ୟରେ ଦିଲ୍ଲୀରେ ଲକ୍ଷେ ଚାଷୀଙ୍କୁ ନେଇ ସମାବେଶ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମସ୍ତ ଫସଲ କ୍ରୟ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ କରିବା ଏବଂ ଏହା ଉପରେ ଆଇନଗତ ଗ୍ୟାରେଣ୍ଟି ଦେବା ଲାଗି ଆନ୍ଦୋଳନରତ ଚାଷୀ ଦାବି କରୁଛନ୍ତି। ତେବେ ଏହା ସମ୍ଭବ ନୁହେଁ ଏବଂ କାର୍ଯ୍ୟକାରୀ ଯୋଗ୍ୟ ନୁହେଁ ବୋଲି ଘନୱତ୍ କହିଛନ୍ତି।



ଅନିଲ ଘନୱତ୍

ସିଜେଆଇଙ୍କୁ ଲେଖିଥିବା ପତ୍ରରେ ଘନୱତ୍ କହିଛନ୍ତି, ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନରେ ୩ କୃଷି ଆଇନ ପ୍ରତ୍ୟାହାର କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଆଇନର ଅନୁଧ୍ୟାନ କରି ରିପୋର୍ଟ ଦେବା ନିମନ୍ତେ ସୁପ୍ରିମକୋର୍ଟ ବିଶେଷଜ୍ଞମାନଙ୍କର ଏକ କମିଟି ଗଠନ କରିଥିଲେ। କମିଟିର ସୁପାରିସ ଜନସ୍ୱାର୍ଥ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଉକ୍ତ ରିପୋର୍ଟକୁ ଅଧିକ ଦିନ ଅଟକାଇ ରଖିବା ଠିକ୍ ନୁହେଁ ବୋଲି ସେ ମତ ଦେଇଛନ୍ତି। କୃଷି ଆଇନରେ ରହିଥିବା ସଂସ୍କାରର ପ୍ରଭାବ ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ। ଉକ୍ତ ରିପୋର୍ଟରେ ଶୈକ୍ଷିକ ଭୂମିକା ମଧ୍ୟ ରହିଛି ଯାହା ଅଧିକାଂଶ ଚାଷୀଙ୍କର ଭୁଲ୍ ଧାରଣାକୁ ଦୂର କରିବାରେ ସହାୟକ ହେବ ବୋଲି ଘନୱତ୍ କହିଛନ୍ତି।


**ମନେ ପଡ଼ନ୍ତି**
ତୃତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବଟକ୍ରିଷ୍ଣ ପରିଡ଼ା
ଆବିର୍ଭାବ: ୧୧।୦୯।୧୯୩୫
ତିରୋଧାନ: ୨୭।୧୧।୨୦୧୮
ଆପଣଙ୍କ ପ୍ରେରଣା, ଭଲ ପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁଅ, ବୋହୂ, ନାତି, ସମୁଦି, ସମୁଦୁଣୀ ଓ ପରିବାରବର୍ଗ ।
ଧ-୨୨୩୫୬

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ରୋଡ଼, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା. ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

# ସଂଗ୍ରହାଳୟରେ ସହରର ଐତିହ୍ୟ



ଓଡ଼ିଶା ହାଇକୋର୍ଟ ସଂଗ୍ରହାଳୟ।

**ସୁପ୍ରିୟା ପ୍ରିୟଦର୍ଶିନୀ**
**କଟକ ଅଫିସ, ୨୩।୧୧**

ହଜାର ବର୍ଷର ପୁରୁଣା ସହର କଟକ। ମଧ୍ୟପ୍ରଦେଶର ଉଜ୍ଜୟିନୀ ସହର ପରେ ଏହା ଭାରତର ଦ୍ୱିତୀୟ ସର୍ବ ପୁରାତନ ସହର ବୋଲି କୁହାଯାଏ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବ୍ୟକ୍ତିଙ୍କ ଜନ୍ମସ୍ଥାନ ସହିତ ଐତିହ୍ୟ ଏଠାର ମାଟି ସହ ସମ୍ପୃକ୍ତ। ୯୮୯ ଖ୍ରୀଷ୍ଟାବ୍ଦରେ କେଶରୀ ବଂଶର ରାଜା ନୃପକେଶରୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା କଟକ। ସେବେଠାରୁ ୯ ଶତାବ୍ଦୀ ଧରି କଟକ ସହର ହିନ୍ଦୁରାଜା, ଆଫ୍‌ଗାନ, ମୋଗଲ, ମରାଠା ଏବଂ ଇଂରେଜମାନଙ୍କ ରାଜଧାନୀ ଭାବେ ପ୍ରାଧାନ୍ୟ ବିସ୍ତାର କରିଥିଲା। ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ୧୯୪୭ମସିହା ପର୍ଯ୍ୟନ୍ତ କଟକ ଓଡ଼ିଶାର ରାଜଧାନୀ ଭାବେ ପରିଗଣିତ ହେଉଥିଲା। ୧୯୪୮ରେ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ କଟକ ରାଜ୍ୟର ସାଂସ୍କୃତିକ ଏବଂ ରାଜନୈତିକ ପ୍ରାଣକେନ୍ଦ୍ର ଭାବେ ସ୍ୱତନ୍ତ୍ର ଗରିମା ବହନ କରୁଛି। ଏଠାକାର ଐତିହ୍ୟ, କଳା, ସଂସ୍କୃତି, ପରମ୍ପରା, ପ୍ରଗତି ଏବଂ ସମୃଦ୍ଧି ବିଷୟରେ ଏଠାକାର ସଂଗ୍ରହାଳୟଗୁଡ଼ିକରୁ ଅନେକ କିଛି ଜାଣିବାକୁ ମିଳେ। କଟକରେ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ, ଆନନ୍ଦ ଭବନ ସଂଗ୍ରହାଳୟ, ପ୍ରଶିକ୍ଷଣ କେନ୍ଦ୍ର ଓ ଦକ୍ଷତା ସଂଗ୍ରହାଳୟ, ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟ, ଓଡ଼ିଶା ହାଇକୋର୍ଟ ସଂଗ୍ରହାଳୟ, ମଧୁସୂଦନ ସଂଗ୍ରହାଳୟ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ସ୍ୱରାଜ ସଂଗ୍ରହାଳୟ ରହିଛି। ପ୍ରତ୍ୟେକ ସଂଗ୍ରହାଳୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ମାଧ୍ୟମରେ ପୁରାତନ ଐତିହ୍ୟକୁ ସଂରକ୍ଷିତ ରଖାଯାଇଛି। ହେଲେ ପ୍ରଚାରପ୍ରସାର ଅଭାବରୁ ଅନେକ ଲୋକ ଏହି ସଂଗ୍ରହାଳୟ ବିଷୟରେ ଜାଣିପାରୁ ନାହାନ୍ତି।




ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ

**ଆନନ୍ଦଭବନସଂଗ୍ରହାଳୟ–** ୧୯୩୨ରେ କଟକ ତୁଳସୀପୁର ଅଞ୍ଚଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱଗତ ବିଜୁ ପଟ୍ଟନାୟକଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏହାକୁ ନିର୍ମାଣ କରିଥିଲେ। ଏଠାରେ ବିଜୁବାବୁଙ୍କ ଜୀବନୀ ପ୍ରଦର୍ଶିତ ହୋଇଛି।

**ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ–** ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ନୌବାଣିଜ୍ୟ ପରମ୍ପରା, ଇତିହାସ ସହ ଦେଶବିଦେଶର ମାଛ ଏବଂ ନୌବାଣିଜ୍ୟ ସମ୍ପର୍କିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଛି।

**ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟ–** ଖପୁରିଆଠାରେ ଏହି ସଂଗ୍ରହାଳୟ ୨୦୧୪ ରେ ସ୍ଥାପନ କରାଯାଇଥିଲା। ଏଥିରେ ପୁରାତନ ଲେଟର, ପ୍ରେସ୍ ମୁଦ୍ରଣ, ଅନ୍ୟାନ୍ୟ ଛାପାଖାନା ମୁଦ୍ରଣ ଯନ୍ତ୍ରପାତି ସ୍ଥାନିତ ହୋଇଛି।

**ଓଡ଼ିଶା ହାଇକୋର୍ଟ ସଂଗ୍ରହାଳୟ–** ୨୦୧୭ରେ ଏହାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ର ଲୋକାର୍ପଣ କରିଥିଲେ। ଏଠାରେ ୧୦୦ ବର୍ଷର ସାମଗ୍ରୀ ସ୍ଥାନ ପାଇଛି। ପୁରାତନ କାଠଘଣ୍ଟା, ମଧୁସୂଦନ ଦାସଙ୍କ ବ୍ୟବହୃତ ଆଇନପୁସ୍ତକ ଓ ପତ୍ରିକା ଆଦି ରଖାଯାଇଛି।



ମଧୁସୂଦନ ସଂଗ୍ରହାଳୟ

**ମଧୁସୂଦନ ସଂଗ୍ରହାଳୟ–** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ କର୍ମସ୍ଥଳୀ କୋଠାକୁ ସଂଗ୍ରହାଳୟରେ ପରିଣତ କରାଯାଇଛି। ଏଠାରେ ମଧୁବାବୁଙ୍କ କୋର୍ଟ, ଜୋତା, କଲମ ଭଳି ବହୁ ବିରଳ ସାମଗ୍ରୀ ସାଇତା ହୋଇ ରଖାଯାଇଛି।

**ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ–** ଓଡ଼ିଆବଜାରସ୍ଥିତ ଏହି ସଂଗ୍ରହାଳୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ। ଏଠାରେ ନେତାଜୀଙ୍କ ଆତ୍ମଜୀବନୀ, ତାଙ୍କ ଲିଖିତ ବହି, ଆସବାବପତ୍ର ଆଦି ରଖାଯାଇଛି।

**ସ୍ୱରାଜ ସଂଗ୍ରହାଳୟ–** ସାହେବଜାଦା ବଜାରଠାରେ ଥିବା ଏହି ସଂଗ୍ରହାଳୟ ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କୀର୍ତ୍ତିରାଜି। ଗାନ୍ଧିଜୀଙ୍କ କଟକ ଆଗମନ ସମୟରେ ଏଠାରେ ରହିଥିଲେ। ସେଥିପାଇଁ ଏହାକୁ ଏକ ପ୍ରତୀକ ଭାବରେ ସଂଗ୍ରହାଳୟରେ ପରିଣତ କରାଯାଇଛି।

**ପ୍ରଶିକ୍ଷଣ କେନ୍ଦ୍ର ଓ ଦକ୍ଷତା ସଂଗ୍ରହାଳୟ–** ଖପୁରିଆସ୍ଥିତ ଏହି ସଂଗ୍ରହାଳୟକୁ ୨୦୧୮ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଠାରେ ପୁରାତନରୁ ନୂତନ ଯନ୍ତ୍ରାଂଶ ସାବୁସ୍ଥାନିତ କରାଯାଇଛି।




# ସେଫାଳି ଶୀର୍ଷରେ ଶିବମନ୍ଦିର



ପାହାଡ଼ ଉପରୁ ସହରର ଦୃଶ୍ୟ।

**ଅନିଲ ସାହୁକାର**
**ଗୁଣପୁର, ୨୩।୧୧ (ଡି.ଏନ୍.ଏ.)**

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ରାୟଗଡ଼ା ଜିଲା। ଏଠାରେ ଅନେକ ପର୍ଯ୍ୟଟନସ୍ଥଳୀ, ଦର୍ଶନୀୟସ୍ଥାନ ସମେତ ପାହାଡ଼, ଜଙ୍ଗଲ ରହିଛି। ଏହା ମଧ୍ୟରୁ କେତୋଟି ସ୍ଥାନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏଭଳି ଏକ ସ୍ଥାନର ନାମ ହେଲା ଗୁଣପୁର ସେଫାଳି ପାହାଡ଼ସ୍ଥିତ ଶୈବପୀଠ। ଏଠାରେ ଠାକୁର ଦର୍ଶନ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ମିଳିଥାଏ।

୧୯୯୩ରେ ସେଫାଳି ପାହାଡ଼ ଉପରେ ଏକ ଶିବଲିଙ୍ଗ ପ୍ରତିଷ୍ଠା କରାଯାଇଥିଲା। ୨୦୦୭ରେ ମନ୍ଦିର ଓ ପାର୍ଶ୍ୱଦେବତାଙ୍କୁ ପ୍ରତିଷ୍ଠା କରାଯାଇଥିଲା। କମିଟି ଗଠନ କରାଯାଇ ଶ୍ରଦ୍ଧାଳୁଙ୍କ ନିକଟରୁ ଇଟା, ବାଲି, ଗୋଡ଼ି, ସିମେଣ୍ଟ ଓ ଟଙ୍କା ଦାନ ଆକାରରେ ସଂଗ୍ରହକରି ମନ୍ଦିର ଓ ରାସ୍ତା ନିର୍ମାଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ



ସେଫାଳି ପାହାଡ଼ ଉପରେ ଥିବା ଶିବ ମନ୍ଦିର।

## ଠାକୁର ଦର୍ଶନ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ

ନିଜେ ପାହାଡ଼ ପାଦଦେଶରୁ ପାଣି, ଇଟା, ବାଲି, ଗୋଡ଼ି ବୋହି ନେଇ ପାହାଡ଼ ଶୀର୍ଷରେ ମନ୍ଦିର ନିର୍ମାଣ ହୋଇଥିଲା। ମନ୍ଦିରକୁ ଯିବାକୁ ୪୪୩ ପାହାଚ ରହିଛି। ଏଠାରେ କାର୍ତ୍ତିକ ସୋମବାର, ଅଁଳାନବମୀ, ଶ୍ରାବଣ ସୋମବାର ଆଦି ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ମନ୍ଦିର ବ୍ୟତୀତ ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଶ୍ରଦ୍ଧାଳୁଙ୍କୁ ବିମୋହିତ କରେ। ଏହି ପାହାଡ଼ ଉପରେ ଠିଆହେଲେ ସମ୍ପୂର୍ଣ୍ଣ ଗୁଣପୁର ସହରର ଦୃଶ୍ୟ ଏବଂ ବଂଶଧାରା ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିହୁଏ। ଏଥିପାଇଁ ସ୍ଥାନୀୟ ଏବଂ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ଏଠାକୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ନିମନ୍ତେ ରାୟଗଡ଼ା ଜିଲାର ପୂର୍ବତନ ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜ ଏବଂ ଗୁଣପୁରର ପୂର୍ବତନ ଉପଜିଲାପାଳଙ୍କ ଉଦ୍ୟମରେ ୬୮ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଟେଣ୍ଡର ପାଇଁ ଗୁଣପୁର ପୌର ପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭୁବନେଶ୍ୱରସ୍ଥିତ ଏକ ବୈଷୟିକ ସଂସ୍ଥା ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ସର୍ଭେ ହୋଇଥିଲା। କିନ୍ତୁ ପରେ ଏହି କାମ ଅଟକିଯାଇଥିଲା। ୬୮ ଲକ୍ଷ ଟଙ୍କାରେ ନିର୍ମାଣ ହୋଇପାରିବ ନାହିଁ, ଏଥିରେ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସର୍ଭେ କରିଥିବା ସଂସ୍ଥା କହିଥିଲା। ସେଥିପାଇଁ କାମ ଅଟକି ରହିଥିବା ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଉମାପ୍ରସାଦ ଦାସଙ୍କଠାରୁ ଜଣାପଡ଼ିଛି। ଏବେ ପୁରୁଣା ରାସ୍ତା ଦେଇ ସର୍ଭେ କରିବା ପାଇଁ ପୁଣି ଉକ୍ତ ସଂସ୍ଥାକୁ ଡକାଯାଇଛି। ପୁରୁଣା ରାସ୍ତାକୁ ପକ୍କାରାସ୍ତା କଲେ ଖର୍ଚ୍ଚ କମ୍ ହେବ ବୋଲି ଜଣାପଡ଼ିଛି। ପାହାଡ଼ ଉପରେ ପାଣିର ସୁବିଧା ନ ଥିବାରୁ ନ ଥିବାରୁ ପୂଜକ ପ୍ରତିଦିନ ପାଦଦେଶରୁ ପାଣି ନେଲେ ଠାକୁରଙ୍କ ଅନ୍ନପ୍ରସାଦ ଲାଗିହୁଏ। ସେହିପରି ପକ୍କାରାସ୍ତା ନ ଥିବାରୁ ୪୦୦ରୁ ଊର୍ଦ୍ଧ୍ୱ ପାହାଚ ଚଢ଼ି ଅଧିକ ଲୋକ ଯାଇପାରୁ ନ ଥିବା ମନ୍ଦିର କମିଟିର ସମ୍ପାଦକ କମଳାକାନ୍ତ ଖୁଣ୍ଟିଆ କୁହନ୍ତି। ପକ୍କାରାସ୍ତା ସହ ପାହାଡ଼ ଉପରେ ପାନୀୟ ଜଳ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଗଲେ ଗଞ୍ଜାମର ମାଁ ତାରାତାରିଣୀ ପୀଠ ଭଳି ଏହି ଶୈବପୀଠରେ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ମନ୍ଦିର ସଭାପତି ନୁନୁ ପାଢ଼ୀ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



# ପାର୍ବତୀଗିରି ଉଠା ଜଳସେଚନ ଯୋଜନା ପାଇଁ ୧୦ ହଜାର କୋଟି

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ):** ରାଜ୍ୟ ସରକାର ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନା ପାଇଁ ଆସନ୍ତା ୫ ବର୍ଷ ଲାଗି ୧୦ ହଜାର ୭୫୯ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଏହି ସମୟ ମଧ୍ୟରେ ୧୭୦ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିରେ ୨,୬୩, ୮୦୧ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିପାରିବ। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ମଙ୍ଗଳବାର କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ବଲାଙ୍ଗୀର ଜିଲା ଛତାଖମନା ଗ୍ରାମ ନିକଟରେ ଲୋୟର ସୁକତେଲ ଉପରେ ଏକ ବ୍ୟାରେଜ ନିର୍ମାଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ବ୍ୟାରେଜ ପାଇଁ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଯୋଜନାରୁ ପ୍ରାୟ ୧୧୭ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ଅଢେଇ ବର୍ଷ ମଧ୍ୟରେ ଶେଷ ହେବ। ଏହାଦ୍ୱାରା ବଲାଙ୍ଗୀର ଜିଲାର ୧୩ଟି ଗ୍ରାମ ଉପକୃତ ହେବା ସହ ପ୍ରାୟ ୪୧୭.୫୨ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ।




# ପ୍ରତିଟି ଜୀବନ ମୂଲ୍ୟବାନ୍: ମୁଖ୍ୟମନ୍ତ୍ରୀ

- ରାୟଗଡ଼ା ଜିଲାରେ ଆରମ୍ଭ ହେଲା ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ
- ୮୭୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

**ରାୟଗଡ଼ା ଅଫିସ, ୨୩।୧୧**





ରାୟଗଡ଼ାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ମଙ୍ଗଳବାର ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡର ଶୁଭାରମ୍ଭ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

ରାୟଗଡ଼ାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଲୋକଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିଲାର ୨,୫୨,୧୯୧ ପରିବାରର ୮,୩୪,୫୭୦ ଜଣ ଏଥିରୁ ଉପକୃତ ହେବେ। ପ୍ରତ୍ୟେକ ଜୀବନ ମୋ ପାଇଁ ମୂଲ୍ୟବାନ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ଦୂରହୋଇଛି। ସେମାନେ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସମସ୍ୟାରୁ ମୁକ୍ତି ପାଇପାରିବେ। ଲୋକେ ଚିକିତ୍ସା ପାଇଁ ଜମିବାଡ଼ି ବିକ୍ରି କରିଥାନ୍ତି। ଏବେ ବିନା ଅସୁବିଧାରେ ଲୋକେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ଼ ଡାକ୍ତରଖାନାରେ ଭଲ ଚିକିତ୍ସା ପାଇପାରିବେ। ଚିକିତ୍ସା ସୁବିଧା ଏବେ ସମସ୍ତଙ୍କର ହାତ ପାହାନ୍ତାରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜିଲାର ମା'ମାନେ ୪ହଜାର ମିଶନ ଶକ୍ତି ଗ୍ରୁପ୍‌ରେ ସାମିଲ ହୋଇ ନିଜର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାୟଗଡ଼ା ଜିଲା ପାଇଁ ମୁଖ୍ୟମନ୍ତ୍ରୀ ୮୭୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ରାୟଗଡ଼ା ଜିଲାରେ ଜଳସେଚନର ସୁବିଧା ପାଇଁ ଦୁଇ ଗୋଟି ମେଗା ଲିଫ୍ଟ ପ୍ରକଳ୍ପ ଶେଷ ହୋଇଛି। ଏହାଦ୍ୱାରା ଗୁଣପୁର ବ୍ଲକର ୧୦ ହଜାର ହେକ୍ଟର ଜମିକୁ ପାଣି ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଉପସ୍ଥିତ ଥିଲେ। ବିକାଶ ତଥା କଲ୍ୟାଣ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଏକ ମଡେଲ ରାଜ୍ୟ ଭାବରେ ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠିତ କରିପାରିଛନ୍ତି ବୋଲି ସେମାନେ କହିଛନ୍ତି। ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ, ବିଧାୟକ ଅର୍ଜୁନ ସବ୍ୟସାଚୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲାପାଳ ସରୋଜ କୁମାର ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଣ୍ଡା ତରକାରି ପାଇଁ ମା'ଙ୍କୁ ହତ୍ୟା

**ଝାରସୁଗୁଡ଼ା ଅଫିସ,୨୩।୧୧**

ଝାରସୁଗୁଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଇବ୍ ଗ୍ରାମର ଜାମୁଆଁପାଲିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ରାଜେନ୍ଦ୍ର ଭୋଏ (୨୭) ନାମକ ଯୁବକ ମା' କୁମୁଦିନୀ ଭୋଏ(୫୫)ଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ସୋମବାର ରାତିରେ ଘଟଣା ଘଟିଥିବାବେଳେ ମଙ୍ଗଳବାର ମୃତ ମହିଳାଙ୍କ ଦିଅର ହେମସାଗର ଭୋଏ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ.୨୦୮/୨୧) ରୁଜୁ କରିଛି। ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ଏକ ଧାରୁଆ ଅସ୍ତ୍ର ଜବତ କରିଛି। ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ରାଜେନ୍ଦ୍ର ଦିନମଜୁରିଆ ଭାବେ କାମ କରନ୍ତି। ସୋମବାର ସେ କାମ କରିବାକୁ ଯାଇ ସନ୍ଧ୍ୟାରେ ଅଣ୍ଡାଧରି ଘରକୁ ଫେରିଥିଲେ। ମା'ଙ୍କୁ ଅଣ୍ଡା ତରକାରି ରାନ୍ଧିବା ପାଇଁ କହିଥିଲେ। ମା କହିଥିଲେ ଏବେ ଆଉ ରାନ୍ଧି ପାରିବି ନାହିଁ କାଲି ରାନ୍ଧିଦେବି। ଏତିକିରେ ରାଜେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ଘରେ ଥିବା ଏକ ଧାରୁଆ ଅସ୍ତ୍ରରେ ମା'ଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବିଦା ହେଲେ ଏସ୍‌ପିସିବି ବାଲେଶ୍ୱର ଶାଖା ପୂର୍ବତନ ଆର୍‌ଏମ୍

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ):** ସାଧାରଣ ଜୀବନରେ ସାଧୁତା ଓ ନୈତିକତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ସବୁ ସମୟରେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଅନୁଯାୟୀ ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଅବଲମ୍ବନ କରି କଠୋର ପଦକ୍ଷେପ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ବାଲେଶ୍ୱର ଶାଖାର ପୂର୍ବତନ ରିଜିଓନାଲ ମ୍ୟାନେଜର(ଆରଏମ୍) ନରୋତ୍ତମ ବେହେରାଙ୍କୁ ଅପାରଗତା ଓ ଦୁର୍ନୀତି ଯୋଗୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ପୂର୍ବରୁ ବ୍ୟାପକ ଦୁର୍ନୀତି ଅଭିଯୋଗରେ ବେହେରା ନିଲମ୍ବିତ ଅଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୩୨ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ବା ଚାକିରିରୁ ବହିଷ୍କାର କରାଯାଇ ସାରିଛି।

# ଧରାପଡ଼ିଲେ ୭ ମାଓବାଦୀ

**ମାଲକାନଗିରି, ୨୩।୧୧ (ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ଜିଲା ପୋଲିସ ହାତରେ ମଙ୍ଗଳବାର ୭ଜଣ ମାଓବାଦୀ ଧରାପଡ଼ିଛନ୍ତି। ସେମାନେ ଭଦ୍ରାଚଳମ ଜିଲା ଚେର୍ଲା ସମିତି ରାମଚନ୍ଦ୍ରପୁରମ ଓ ଏରାମ୍ପାଡୁ ଅଞ୍ଚଳର ସିପିଆଇ ମାଓବାଦୀ ବୋଲି ଜଣାପଡିଛି। ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ନାବାଳକ ରହିଛନ୍ତି। ଗିରଫ ମାଓବାଦୀମାନେ ହେଲେ ମାଡକାମ ଉଙ୍ଗା, ପେଟି ବିଜୟ, ମୁସିକା ଜୋଗାୟା, କୁଞ୍ଜାମ ଦେବାୟା, କାରତାମ ଶ୍ରୀନୁ, ସୋଡି ଗାଙ୍ଗାୟା। କୁର୍ନାପାଲି ଜଙ୍ଗଲରେ ଚେର୍ଲା ପୋଲିସ, ୧୪୧ ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ କୋମ୍ବିଂ ବେଳେ ପୋଲିସକୁ ଦେଖି ମାଓବାଦୀମାନେ ଫେରାର ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

# କୋଏଲ ନଦୀରେ ଗଲା ମାମୁ ଭଣଜାଙ୍କ ଜୀବନ

**ରାଉରକେଲା ଅଫିସ୍, ୨୩।୧୧:** ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲା ସ୍ଥିତ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା କଲିକତା ପାର୍କ ସର୍କସ ସହରର ଦୁଇ ଜଣ ଯୁବକ ମଙ୍ଗଳବାର କୋଏଲ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ଦ୍ୱୟ ହେଲେ ଶେଖ୍ ସିକନ୍ଦର (୩୦) ଏବଂ ଶେଖ ସାହିଲ ଅଖତର (୧୫) ଏବଂ ଏମାନେ ସମ୍ପର୍କରେ ମାମୁ ଭଣଜା ହେବେ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବିଶ୍ରା ସରକାରୀ ଡାକ୍ତରଖାନା ମର୍ଗ ହାଉସ୍‌ରେ ରଖିଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୨୨/୨୧) ରୁଜୁ ହୋଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ନଭେମ୍ବର ୨୪/୨୦୨୧ (୧୨+୮=୨୦ ପୃଷ୍ଠା) Dhenkanal, Wednesday, November 24/2021

Arundhati®
JEWELLERS
5 STAR PROMISE
Odisha's Most Preferred Jewellery Brand
CONGRATULATIONS
ଧରିତ୍ରୀ
DHARITRI
For providing



YEARS OF FLAWLESS NEWS COVERAGE
BHUBANESWAR | BERHAMPUR | SAMBALPUR | BALANGIR | BARGARH | BHAWANIPATNA
TOLL FREE :1800 345 0018 | www.arundhatijewellers.com
Follow us on:

# ଅଳିଆଗଦା ଏବେ ମନୋରମ ପରିବେଶ

ସନ୍ତୋଷ ରାଉତ
ଆନନ୍ଦପୁର,୨୩।୧୧

ଦିନେ ସେଠାରେ କୁଢ଼କୁଢ଼ ଅଳିଆ ଆବର୍ଜନା ଜମା ହେଉଥିଲା। ଏବେ ସେହି ଅଳିଆଗଦା ପାଲଟିଛି ମନୋରମ ପରିବେଶ। ସେଇଠି ପ୍ରତିଷ୍ଠା ହୋଇଛି ମହାଦେବ ମନ୍ଦିର। ମନ୍ଦିର ପରିସରରେ ଯୋଗ ଶିକ୍ଷା ଦିଆଯାଉଛି। ତେବେ ଯାହାଙ୍କ ପ୍ରଚେଷ୍ଟାରେ ଏ ସବୁ ହୋଇଛି ସମ୍ଭବ ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଟାଙ୍ଗର ଗ୍ରାମର ଶିକ୍ଷାବିତ୍ ନିରଞ୍ଜନ ସାହୁ। ଗ୍ରାମର ପ୍ରବେଶ ପଥରେ ଥିବା ମଶାଣି ପଡ଼ିଆ, ସଂଲଗ୍ନ ପୋଖରୀ ତୁଠର ଅଳିଆ ଆବର୍ଜନା ସଫା କରି ସ୍ୱଚ୍ଛ ପରିବେଶ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ସେ ପାଲଟିଛନ୍ତି ଉଦାହରଣ। ଆନନ୍ଦପୁର ବ୍ଲକ କଣ୍ଟିପାଳ ହାଇସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ସାମାଜିକ ସଚେତନତା ସୃଷ୍ଟିରେ ନିଜକୁ ସମର୍ପି ଦେଇଛନ୍ତି। କେତେଜଣ ଉତ୍ସାହୀ ବ୍ୟକ୍ତିଙ୍କୁ ସାଥୀ କରି ଗ୍ରାମ ପରିବେଶକୁ ପରିଚ୍ଛନ୍ନ ରଖିବା କାର୍ଯ୍ୟ ଜାରି ରଖିଛନ୍ତି। ଗ୍ରାମର ଅଳିଆ ଆବର୍ଜନା ଗଦା ହେଉଥିବା ସ୍ଥାନକୁ ସଫା କରି ସେଠାରେ ଏକ ମନ୍ଦିର ତୋଳିଛନ୍ତି। ମନ୍ଦିର ପରିସରରେ ଦୈନିକ ୫୦ରୁ ୬୦ଜଣ ଯୋଗ ଶିକ୍ଷା ନେଉଛନ୍ତି। ଗ୍ରାମ ସ୍କୁଲ ପରିବେଶରେ ମଧ ଉନ୍ନତି ପରିଲକ୍ଷିତ ହୋଇଛି। ପୁଣି ତାଙ୍କ ଉଦ୍ୟମରେ ଅନୁପ୍ରାଣିତ ହୋଇ ଗ୍ରାମବାସୀ ନିଜ ଘରେ ପାଇଖାନା ତିଆରି କରି ବ୍ୟବହାର କରୁଛନ୍ତି। ଭୋର ୩ଟାରେ ବିଛଣା ଛାଡ଼ନ୍ତି ନିରଞ୍ଜନ। ନିଜେ ଦେଢ ଘଣ୍ଟା ଯୋଗ କରିବା ପରେ ଛୋଟପିଲାଙ୍କଠୁ ବୟସ୍କଙ୍କୁ ମନ୍ଦିର ପରିସରରେ ଯୋଗ ଶିକ୍ଷା ଦିଅନ୍ତି। ପରେ ବିଭିନ୍ନ ଖବର କାଗଜରୁ ସଂଗୃହିତ ସ୍ଥାନୀୟ ଅଞ୍ଚଳ ସହିତ ଜାତୀୟ ଓ ଅନ୍ତର୍ଜାତୀୟ ଖବର ପାଠ କରି ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇଥାନ୍ତି। ଗ୍ରାମକୁ ନିଶାମୁକ୍ତ କରିବା,ବାହ୍ୟମଳମୁକ୍ତ ପରିବେଶ ସୃଷ୍ଟି ଓ ସ୍ୱଚ୍ଛତା ରକ୍ଷା ଦିଗରେ ମଧ ଶିକ୍ଷା ଦେଇଥାନ୍ତି। ରାସ୍ତା ପାର୍ଶ୍ୱ ହେଉ କି ସ୍କୁଲ ପରିସରରେ ଲାଗିଥିବା ବୃକ୍ଷର ଯତ୍ନ ନିଅନ୍ତି। ଅପରାହ୍ନରେ ଗ୍ରାମର ପିଲାଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରିବା ତାଙ୍କର ଅଭ୍ୟାସଗତ କାର୍ଯ୍ୟ। ସନ୍ଧ୍ୟାରେ ଭାଗବତ ପଠନ, କୀର୍ତ୍ତନ, ପାଠ୍ୟଉପକରଣ ବଣ୍ଟନ ସହିତ ପିଲାଙ୍କ ସେବାମୂଳକ କାର୍ଯ୍ୟକୁ ନେଇ ପୁରସ୍କୃତ ମଧ କରିଥାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଅନୁପ୍ରେରିତ ହୋଇ ଗ୍ରାମ୍ୟ ପରିବେଶକୁ ମନୋରମ କରବାରେ ସକ୍ଷମ ହୋଇଥିବା ଶିକ୍ଷକ ନିରଞ୍ଜନଙ୍କ ଏଭଳି ଉଦ୍ୟମକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟର ମାଧମରେ ପ୍ରଶଂସା ବି କରିଛନ୍ତି। ତେବେ ଏଭଳି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ତାଙ୍କର ଲକ୍ଷ୍ୟ ବୋଲି ନିରଞ୍ଜନ କହିଛନ୍ତି।


ନିରଞ୍ଜନ ସାହୁଙ୍କ ପ୍ରଚେଷ୍ଟାରେ ମନ୍ଦିର ପରିସର ସ୍ୱଚ୍ଛ ପରିବେଶରେ ପରିଣତ ହୋଇଛି।

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବୁଣାକାର ଜାତିର ମଙ୍ଗଳ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏଥିସହ ଗୋପାଳପୁର ବୁଣାକାରମାନଙ୍କର ହାତ ତିଆରି ବସ୍ତ୍ର ସମଗ୍ର ବିଶ୍ୱରେ ଆଦୃତ ହୋଇପାରିଛି। ଗ୍ରାହକ, ବ୍ୟବସାୟୀ, ସମିତିମାନଙ୍କର ବିଶ୍ୱାସକୁ ଅତୁଟ ରଖିବା ଦିଗରେ ସମିତି ତା'ର ପ୍ରୟାସ ଜାରି ରଖିଛି ।
ମହାବୀର ତନ୍ତୁବାୟ ସହଯୋଗ ସମିତି ଲିଃ.
ମଝିସାହି, ଗୋପାଳପୁର, ଯାଜପୁର

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମାନବଜାତିର ମଙ୍ଗଳ କାମନା କରୁଛି। ଏହି ଅବସରରେ ପ୍ରିୟ ଆତ୍ମନ ଚଳିତ ଇଂରାଜୀ ମାସ ତା୨୪-୧୧-୨୦୨୧ ରିଖ ବୁଧବାର 'ଦତ୍ତାତ୍ରେୟ ଶାନ୍ତି ତପୋବନ' ମଧୁପୁର ଛତିଆଠାରେ ନବଗ୍ରହ ଜୟନ୍ତୀ ଓ ଯଜ୍ଞରେ ଗଗନ ଗୁରୁଜୀଙ୍କ ଯୋଗଦାନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ଗଗନ ଗୁରୁଜୀ
ଦତ୍ତାତ୍ରେୟ ପ୍ରାଧନ ମଣ୍ଡଳ ମଧୁପୁର ଶାଖା, ଛତିଆ, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଜିଲାର ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଓ ଅନୁଗାମୀମାନଙ୍କୁ ଅଭିନନ୍ଦନ ଜଣାଉଛି । ଜିଲାରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଏକାଠି ହୋଇ କାମ କରିବାକୁ ସମସ୍ତଙ୍କୁ ନିବେଦନ କରୁଛି ।
ମୁକୁନ୍ଦଦେବ ମହାନ୍ତି
ସମ୍ପାଦକ, ଯାଜପୁର ଜିଲା ଭାରତୀୟ ଜନତା ପାର୍ଟି, ବ୍ଲକ-ରସୁଲପୁର, ଜି-ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବୁଣାକାର ଭଉଣୀଭାଇଙ୍କ ସୁଖ, ସମୃଦ୍ଧି, ଉନ୍ନତି, ପ୍ରଗତି କାମନା କରୁଛୁ। ମାନବଜାତିର ଲଜ୍ଜା ନିବାରଣ କ୍ଷେତ୍ରରେ ବୁଣାକାରମାନଙ୍କର ଅବଦାନ ଅବର୍ଣ୍ଣନୀୟ। ପୁରୁଷାନୁକ୍ରମେ ଏହି ଜାତି ତା'ର କୌଳିକ ବୃତ୍ତିକୁ ସର୍ବସ୍ୱ ବୋଲି ମନେ କରିଆସୁଛି । ପ୍ରାକୃତିକ ବିପର୍ଯ୍ୟୟରେ ବୃତ୍ତି ପ୍ରଭାବିତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ଦିଗରେ ବ୍ୟବସ୍ଥା କରିବାକୁ ନିବେଦନ କରୁଛୁ ।
ଗଗନ ବିହାରୀ ଗୁଇଁ, ପୂର୍ବତନ ସଭାପତି
ମକରଧ୍ୱଜ ଗୁଇଁ, ସମ୍ପାଦକ
ଜୟ ଜଗନ୍ନାଥ ତନ୍ତୁବାୟ ସହଯୋଗ ସମିତି
ଚକଗୋପାଳପୁର, ଗୋପାଳପୁର, ଯାଜପୁର

ଧରିତ୍ରୀର ୪୮ ତମ ସ୍ୱନକ୍ଷତ୍ର ଅବସରରେ ବାରବାଟୀ ପଞ୍ଚାୟତର ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ପଞ୍ଚାୟତର ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି ଭରିଯାଉ । ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ପିତାମ୍ବର ମହାନ୍ତି
ସମାଜସେବୀ, ବାରବାଟୀ, ରସୁଲପୁର, ଜିଲା- ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରର ଉନ୍ନତି ଓ ପ୍ରଗତି କାମନା କରୁଛି। ବସ୍ତ୍ର ବୁଣିବା ଦିଗରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଦିଗରେ ଏହା ଏକ ବଳିଷ୍ଠ ମାଧମ। ଆପଣମାନଙ୍କର ପ୍ରଶଂସା ଓ ପ୍ରୋତ୍ସାହନକୁ ପାଥେୟକରି ଆମ୍ଭେ ଆଗକୁ ବଢୁଛୁ ।
ପଦ୍ମାଳୟା ମହିଳା ତନ୍ତୁବାୟ ସହଯୋଗ ସମିତି ଲିଃ.
ଚକଗୋପାଳପୁର, ପ୍ରଥମାଖଣ୍ଡି, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମା' ହିଙ୍ଗୁଳାଙ୍କ କୃପାରୁ ବୁଣାକାର ଜାତି ଓ ଧରିତ୍ରୀ ପରିବାରର ମଙ୍ଗଳ ହେଉ ।
ପ୍ରହ୍ଲାଦ ବେହେରା, ପୂର୍ବତନ ସଭାପତି
ବିଶ୍ୱନାଥ ଦାସ, ସମ୍ପାଦକ
ହିଙ୍ଗୁଳା ତନ୍ତୁବାୟ ସହଯୋଗ ସମିତି ଲିଃ
ଭୋଟକା, ରସୁଲପୁର, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବୁଣାକାର ଭଉଣୀଭାଇମାନଙ୍କର ମଙ୍ଗଳ କାମନା କରୁଛୁ। ଉତ୍କୃଷ୍ଟ ଟସର ବସ୍ତ୍ର ବୁଣିବାରେ ଗୋପାଳପୁରର ଅବଦାନ ସମଗ୍ର ରାଜ୍ୟରେ ଅନନ୍ୟ। ଏହି ଗୌରବକୁ ଆଗକୁ ବଢ଼ାଇବାରେ ବ୍ରତୀ ହୋଇ କାମକରିବା ପାଇଁ ପ୍ରୟାସ ଜାରି ରଖିବୁ ।
ରେବତୀ ଗୁଇଁ, ପୂର୍ବତନ ସଭାନେତ୍ରୀ
ଦିଲ୍ଲୀପ ଗୁଇଁ, ସମ୍ପାଦକ
ମା'ତାରିଣୀ ତନ୍ତୁବାୟ ସହଯୋଗ ସମିତି ଲିଃ, ଗୋବିନ୍ଦପାଟଣା, ଗୋପାଳପୁର, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବୁଣାକାର ଜାତିର ମଙ୍ଗଳ କାମନା କରୁଛୁ। ବୁଣାକାରମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଯାଦୁକରୀ ହାତରେ ବସ୍ତ୍ର ବୁଣିବାର କଳା ଆମମାନଙ୍କର ପରିଚୟ ସୃଷ୍ଟି କରି ପାରିଛି। ସେହି ଜାତିର ଉନ୍ନତି ଓ ପ୍ରଗତି ପାଇଁ ସଂଗ୍ରାମ କରିବାକୁ ସୁଯୋଗ ମିଳିବାକୁ ଆମ୍ଭେ ଈଶ୍ୱରଙ୍କ ବରଦାନ ବୋଲି ମନେକରୁ । ଏହି ଜାତି କିଭଳି ସଶକ୍ତ ହୋଇ ଆଗକୁ ବଢ଼ିବ ସେଥିପାଇଁ ଆମ୍ଭେମାନେ ସଂକଳ୍ପବଦ୍ଧ। ଏ ଦିଗରେ ଆପଣମାନଙ୍କ ସହଯୋଗ ଏକାନ୍ତ
ଶ୍ରୀଧର ବେହେରା
ପରିଚାଳକ
କୁଲୁଗାଁ ଜୟଦୁର୍ଗା ତନ୍ତୁବାୟ ସହଯୋଗ ସମିତି ଲିଃ.
କୁଲୁଗାଁ, ଅତଲାପୁର, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାର ସହ ଜଡ଼ିତ ପ୍ରତ୍ୟେକଙ୍କ ମଙ୍ଗଳ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏଥିସହ ସଂସଦ ପକ୍ଷରୁ ଧର୍ମଶାଳା ତଥା ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ।
ସରୋଜିନୀ ସ୍ମୃତି ସଂସଦ
ଧର୍ମଶାଳା, ଯାଜପୁର
ଡ. ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ
ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ସାଙ୍ଗଠନିକ ସମ୍ପାଦକ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଗୋପାଳପୁରର ବୁଣାକାରମାନଙ୍କ ଉନ୍ନତି, ପ୍ରଗତି, ସମୃଦ୍ଧି କାମନା କରୁଛି। ବୁଣାକାରମାନଙ୍କର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାରେ ଆପଣମାନଙ୍କର ସାହାଯ୍ୟ, ସହଯୋଗ ଏକାନ୍ତ କାମ୍ୟ ।
ରମେଶ ଦାସ
ପୂର୍ବତନ ସଭାପତି
ଶ୍ରୀବିଷ୍ଣୁ ତନ୍ତୁବାୟ ସହଯୋଗ ସମିତି ଲିଃ.
ମଝିସାହି, ଗୋପାଳପୁର, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବୁଣାକାର ଜାତି ଓ ଧରିତ୍ରୀ ପରିବାରର ମଙ୍ଗଳ କାମନା କରୁଛୁ। ମହିଳାମାନଙ୍କୁ ଆଗକୁ ବଢ଼ିବାରେ ବୁଣାକାର ତନ୍ତଶାଳା ସହାୟକ ହେଉଛି। ପରିବାରର ଆର୍ଥିକସ୍ଥିତି ଓ ଭିତ୍ତିଭୂମିକୁ ସଜାଡ଼ିବାରେ ପ୍ରେରଣା ଯୋଗାଉଛି। କରୋନା ଯୋଗୁ ବୁଣାକାରମାନଙ୍କ ମୂଳଦୁଆ ଦୋହଲି ଯାଇଛି । ସେ ଦିଗରେ ଉନ୍ନତି ଆଣିବାରେ ସରକାର ସହାୟ ହେବାକୁ ନିବେଦନ କରୁଛୁ ।
ମା' ମଙ୍ଗଳା ମହିଳା ତନ୍ତୁବାୟ ସହଯୋଗ ସମିତି ଲିଃ.
ଚକଗୋପାଳପୁର, ପ୍ରଥମାଖଣ୍ଡି, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତଲାପୁର ପଞ୍ଚାୟତବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି କାମନା କରୁଛି। ସାମାଜିକ ବ୍ୟବସ୍ଥାରେ ଅବ୍ୟବସ୍ଥା, ଧର୍ମ ଆଳରେ କୁସଂସ୍କାର, ନୀତିରେ ଦୁର୍ନୀତି, ଅନ୍ଧବିଶ୍ୱାସକୁ ବିଶ୍ୱାସ ଫନ୍ଦାର ଘୋର ବିରୋଧୀ । ଏହା ସମାଜ ପାଇଁ ବ୍ୟାଧିରେ ପରିଣତ ନ ହେଉ। ସେହିଭଳି ବ୍ୟବସ୍ଥା ବିରୋଧରେ ମୋର ଲଢ଼େଇରେ ଆପଣମାନଙ୍କ ସହଯୋଗ କାମନା କରୁଛି ।
ସେଖ୍ ଅଜ୍‌ଲାଲ୍ ଉଦ୍ଦିନ (ଲାଲା)
ଯୁବ ସମାଜସେବୀ
ଅତଲାପୁର, ରସୁଲପୁର, ଯାଜପୁର

INDIA'S BEST PIPE COMPANY
ASTRAL® where INNOVATION flows
STRONG NAHIN, ASTRAL STRONG!!™
AUTHORISED DISTRIBUTOR
SAHOO TRADERS -KUAKHIA,JAJPUR
MOB- 9437168704,7008974577,7978556982
Toll Free : 1800 - 233 - 7957
ASTRAL where INNOVATION flows
hindware
BRILLOCA
Authorised Distributor
HINDWARE SANITARY AND FAUCETS
SAHOO TRADERS
Contact No : 8908991009
KUAKHIA, JAJPUR

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ପ୍ରଭୁ ସାଇଙ୍କ କୃପାରୁ ବୁଣାକାର ଜାତିର ମଙ୍ଗଳ ହେଉ। ଟସର ଓ ସିଲ୍କ ବସ୍ତ୍ର ବୁଣିବାରେ ସିଦ୍ଧହସ୍ତ ବୁଣାକାରମାନଙ୍କୁ ନେଇ ଗଠିତ ସମିତି ଦ୍ୱାରା ପ୍ରସ୍ତୁତ ଉଚ୍ଚ ମାନ ଓ ସୁଲଭ ମୂଲ୍ୟର ଲୁଗା ଗ୍ରାହକମାନଙ୍କର ମନକୁ ଛୁଇଁ ପାରିବ ବୋଲି ଆଶା ରଖୁଛି ।
ସାମନ୍ତ ଦାସ
ସମ୍ପାଦକ
ସାଇରାମ ଟସର ଓ ସିଲ୍କ ତନ୍ତୁବାୟ ସହଯୋଗ ସମିତି ଲିଃ
ମଝିସାହି, ଗୋପାଳପୁର, ଯାଜପୁର

Your classified advertisement published in Dharitri will be listed free in Dharitri online edition :
www.dharitri.com

ମେସର୍ସ ମହାନ୍ତି କନଷ୍ଟ୍ରକ୍ସନ ଆଣ୍ଡ ସପ୍ଲାୟର୍ସ
ଧରିତ୍ରୀର ୪୮ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରସୁଲପୁର ବ୍ଲକ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି, ଉନ୍ନତି, ପ୍ରଗତି କାମନା କରୁଛି । ଏଥି ସହ ଧରିତ୍ରୀ ସଫଳତାର ପାହାଚ ଚଢି ଆଗକୁ ବଢୁ ଏହାହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଅମରେଶ ମହାନ୍ତି
ଗ୍ରାମ- ଅରଡା, ରସୁଲପୁର ବ୍ଲକ, ଜି-ଯାଜପୁର

48 ଧରିତ୍ରୀ DHARITRI ୪୮
ବୁଧବାର, ନଭେମ୍ବର ୨୪/୨୦୨୧ | Wednesday, November 24/2021 | ପୃଷ୍ଠା-୧



## ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଖେଳିବେନି ରାହୁଲ

ଆଘାତପ୍ରାପ୍ତ ଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଖେଳିବେ ନାହିଁ ଭାରତୀୟ ବ୍ୟାଟ୍ସମ୍ୟାନ କେ.ଏଲ୍. ରାହୁଲ।

୦୬

୦୫

## ଦିବ୍ୟାଙ୍କ ଦେବୀ ଅବତାର

'ସତ୍ୟମେବ ଜୟତେ ୨' ଫିଲ୍ମର ଶେରାୱାଲି ଗୀତ ରିଲିଜ ହୋଇଛି। ଏଥିରେ ଅଭିନେତ୍ରୀ ଦିବ୍ୟା ଖୋସଲାଙ୍କୁ ଦେବୀ ଅବତାରରେ ଦେଖିବାକୁ ମିଳିଛି।



### ବିଧାନସଭାରେ ଆଉ ହେବନି ହୋହଲ୍ଲା




# ଶିକ୍ଷାନୁଷ୍ଠାନରେ କୋଭିଡ୍ ଭୟ

## ସୁନ୍ଦରଗଡ଼ରେ ୫୩ ଛାତ୍ରୀଙ୍କୁ କରୋନା

**ସୁନ୍ଦରଗଡ,୨୩।୧୧(ଡି.ଏନ୍.ଏ)**

ସୁନ୍ଦରଗଡ ସହର ମଧ୍ୟଭାଗରେ ଥିବା ଏକ ଆବାସିକ ବାଳିକା ହାଇସ୍କୁଲର ୫୩ଜଣ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଛାତ୍ରୀମାନଙ୍କୁ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। ଅପରପକ୍ଷେ ଏହି ଖବର ଶୁଣି ବିଦ୍ୟାଳୟର ଅନ୍ତେବାସୀଙ୍କ ଅଭିଭାବକମାନେ ମଙ୍ଗଳବାର ବିଦ୍ୟାଳୟ ଆଗରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି। ତେବେ ଅଭିଭାବକମାନେ ବ୍ୟସ୍ତ ନ ହେବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

ଉକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ, ହଷ୍ଟେଲରେ ରହୁଥିବା କିଛି ଛାତ୍ରୀଙ୍କର ପ୍ରଥମେ ଥଣ୍ଡା, କାଶ ହୋଇଥିଲା। ଗତ ୧୯ ତାରିଖରେ ପରୀକ୍ଷା କରିବାରୁ ସେମାନଙ୍କ ମଧ୍ୟରୁ ୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ଜିଲା ମୁଖ୍ୟ ଡାକ୍ତରଖାନାରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ। ବର୍ତ୍ତମାନ ସୁଦ୍ଧା ୫୩ଜଣ ଛାତ୍ରୀଙ୍କ ଠାରେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ☞ପୃଷ୍ଠା-୪

## ଭିମ୍‌ସାର: ୩୧ ଛାତ୍ରୀଛାତ୍ର ଆକ୍ରାନ୍ତ

**■ ୩ ହଷ୍ଟେଲ କଣ୍ଟେନ୍‌ମେଣ୍ଟ ଜୋନ୍**
**■ ଅନ୍‌ଲାଇନ ପରୀକ୍ଷା ନିଷ୍ପତ୍ତି**

**ସମ୍ବଲପୁର,୨୩।୧୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ୩୧ଏମ୍‌ବିବିଏସ୍ ଛାତ୍ରୀଛାତ୍ର କୋଭିଡ୍ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୩ ଛାତ୍ରୀ ଓ ୮ ଛାତ୍ର ଅଛନ୍ତି। କେତେଜଣ କୋଭିଡ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଜଣାପଡିବା ପରେ ୩ ହଷ୍ଟେଲକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହାସହ ଆଗକୁ ଥିବା ପରୀକ୍ଷାଗୁଡିକ ଅନ୍‌ଲାଇନରେ କରାଯିବାକୁ ସ୍ଥିର ହୋଇଥିବା ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଥମେ ଜଣେ ପ୍ରଥମବର୍ଷ ଛାତ୍ର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ପରେ କଣ୍ଟାକ୍ଟ ଟ୍ରେସିଂ କରି ପରୀକ୍ଷ କରାଯିବା ପରେ ଅନ୍ୟ ଛାତ୍ରୀଛାତ୍ରଙ୍କ ପଜିଟିଭ୍ ଆସିଥିଲା। ୧୮୦ ଛାତ୍ରୀଛାତ୍ରଙ୍କ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୩୧ ଜଣଙ୍କ ପଜିଟିଭ୍ ଥିବା ରିପୋର୍ଟ ଆସିଛି। ସମସ୍ତ ଛାତ୍ରୀଛାତ୍ର କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ସଂକ୍ରମଣ ପରେ ଭିମ୍‌ସାର ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଲକ୍ଷଣ ଦେଖାଯାଉଥିବା ଅନ୍ୟ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। କେଉଁ ପରିସ୍ଥିତିରେ କୋଭିଡ୍ ସଂକ୍ରମଣ ହେଲା ସେ ନେଇ ମଧ୍ୟ ତଦନ୍ତ କରାଯାଉଛି ବୋଲି କହିଥିଲେ। ଅନ୍ୟପଟେ ଏତେ ସଂଖ୍ୟାରେ ସଂକ୍ରମଣକୁ ନେଇ ଭିମ୍‌ସାର କର୍ତ୍ତୃପକ୍ଷ ଚିନ୍ତାରେ ଅଛନ୍ତି। ଅପରାହ୍ନରେ କର୍ତ୍ତୃପକ୍ଷ, ଡାକ୍ତର, ସମସ୍ତ ବିଭାଗର ମୁଖ୍ୟ, ସ୍ୱାସ୍ଥ୍ୟ ବିଭାଗ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୋଭିଡ୍ ସଂକ୍ରମଣ ରୋକିବା ଓ ସଂକ୍ରମିତଙ୍କ ଚିକିତ୍ସା ଉପରେ ଆଲୋଚନା ହୋଇଛି।



## ଲକ୍ଷଣ ଥିଲେ ସ୍କୁଲ ନ ଆସିବାକୁ ପରାମର୍ଶ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ରାଜ୍ୟରେ ଏବେ ବି କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ଯାଇ ନାହିଁ। ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ। ପିଲାଙ୍କଠାରେ ଲକ୍ଷଣ ଦେଖାଗଲେ ସ୍କୁଲ ନ ଯିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ସୁନ୍ଦରଗଡ଼ ଓ ବୁର୍ଲାରେ ସ୍କୁଲ କଲେଜ ଛାତ୍ରୀଛାତ୍ର କରୋନାରେ ଆକ୍ରାନ୍ତ ହେବା ଘଟଣାରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ସୁନ୍ଦରଗଡ଼ ସ୍କୁଲରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ କେହି ଗୁରୁତର ନାହାନ୍ତି। ଲକ୍ଷଣହୀନ ପିଲାଙ୍କୁ ସଙ୍ଗରୋଧରେ ରଖାଯାଇଛି। କେବଳ ୩ଜଣଙ୍କଠାରେ ଲକ୍ଷଣ ରହିଛି। ସ୍ଥାନୀୟ ପ୍ରଶାସନ ଏହା ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି। ଲୋକମାନେ ସଚେତନ ନ ହେଲେ ଆଗକୁ ସ୍ଥିତି ବିଗିଡ଼ିପାରେ ବୋଲି ସେ ସତର୍କ କରାଇ ଦେଇଛନ୍ତି। ତାଙ୍କ କହିବା ହେଲା, କଲେଜ ଛାତ୍ରୀଛାତ୍ର ଟିକା ନେଇଥିବାରୁ ଗୁରୁତର ହେବାର ଆଶଙ୍କା କମ୍ ରହିଛି। କିନ୍ତୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଚିନ୍ତା ରହିଛି। ତେଣୁ ☞ପୃଷ୍ଠା-୪

# ଟ୍ରେନ୍ ଧକ୍କାରେ ୩ ସାଙ୍ଗଙ୍କ ମୃତ୍ୟୁ

**ସୋନପୁର/ଡୁଙ୍ଗୁରିପାଲି, ୨୩।୧୧(ନି.ପ୍ର./ଡି.ଏନ.ଏ.)**

ଟ୍ରେନ୍‌ଧକ୍କାରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଖୁଣ୍ଟପାଲି ଗାଁର ତିନି ସାଙ୍ଗଙ୍କ ମୃତ୍ୟୁ ହୋଇଛି। ସୋମବାର ରାତିରେ ସେମାନେ ରେଳ ଧାରଣା ଉପରେ ବସି ମୋବାଇଲରେ ଗେମ୍ ଖେଳିବା ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ୩ ସାଙ୍ଗ ହେଲେ ଗଗନ ସେଟ(୧୮), ଆଦିତ୍ୟ ବିଶ୍ୱାଳ(୧୭) ଓ ହେମନ୍ତ ସେଟ୍(୧୭)। ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର-ଟିଟିଲାଗଡ ରୁଟ୍‌ରେ ବରଗଡ ପଟୁ ଏକ ମାଲବାହୀ ଟ୍ରେନ୍ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ପାସେଞ୍ଜର ଟ୍ରେନ୍ ଆସିଥିଲା। ଏହି ସମୟରେ ତିନି ସାଙ୍ଗ ଡୁଙ୍ଗୁରୁପାଲି ଅଞ୍ଚଳର ନୂଆପାଲି ରେଲୱେ କ୍ରସିଂ ନିକଟରେ କାନରେ ହେଡ୍‌ଫୋନ ଲଗାଇ ମୋବାଇଲରେ ଗେମ୍ ଖେଳୁଥିଲେ। ତେଣୁ ସେମାନେ ଟ୍ରେନ୍‌ର ଶବ୍ଦ ଜାଣି ପାରି ନ ଥିଲେ। ଫଳରେ ଟ୍ରେନ୍‌ରେ କଟି ୩ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହି କଥା କାହାରିକୁ ନ ଜଣାଇ ରାତିରେ ମୃତଦେହକୁ ସତ୍କାର କରିଛନ୍ତି। ରେଲୱେ ପୋଲିସ କିମ୍ବା ଡୁଙ୍ଗୁରିପାଲି ପୋଲିସ ନିକଟରେ କୌଣସି ସୂଚନା ନ ଥିବା ଜଣାପଡିଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୧୯,୩୮୦ କୋଟିର ଅତିରିକ୍ତ ଚିଠା ବଜେଟ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୯ ହଜାର ୩୮୦ କୋଟି ଟଙ୍କାର ଅତିରିକ୍ତ ଚିଠା ବଜେଟକୁ ମଙ୍ଗଳବାର ଅନୁମୋଦନ ମିଳିଛି। ଜଳସେଚନ, ସଡ଼କ, ପୋଲ, କୃଷି ଉଦ୍ୟୋଗ, ପାନୀୟ ଜଳ ଆଦି କ୍ଷେତ୍ର ଉପରେ ଏଥିରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଆଗକୁ ପଞ୍ଚାୟତ ଏବଂ ପୌର ନିର୍ବାଚନ ଥିବାବେଳେ ରାଜ୍ୟ ସରକାର ନିଜସ୍ୱ କେତେକ ଯୋଜନାରେ ବିପୁଳ ପରିମାଣର ଅର୍ଥ ବରାଦ କରି ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକରେ ୧୯ ହଜାର ୩୮୦ କୋଟି ଟଙ୍କାର ଚିଠା ବଜେଟକୁ ଅନୁମୋଦନ ମିଳିଛି। ଆସନ୍ତା ଡିସେମ୍ବର ୧ରେ ବିଧାନସଭାରେ ☞ପୃଷ୍ଠା-୪

# ଆଜିଠାରୁ କଳିଙ୍ଗରେ ଜୁନିୟର ହକି ବିଶ୍ୱକପ୍

**ଭୁବନେଶ୍ୱର, ୨୩।୧୧ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ବୁଧବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଏହା ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ସନ୍ଧ୍ୟାରେ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। ଚାମ୍ପିୟନ୍ସଟ୍ରଫିଠାରୁ ଆରମ୍ଭ କରି ହକି ବିଶ୍ୱକପ୍ ପର୍ଯ୍ୟନ୍ତ ଅଧଡଜନେରୁ ଊର୍ଦ୍ଧ୍ୱ ସିନିୟର ସ୍ତରର ବଡ଼ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରି ପ୍ରଶଂସା ସାଉଁଟିଥିବା ଓଡ଼ିଶା ଏବେ ବିଶ୍ୱର ରାଇଜିଂ ଷ୍ଟାରଙ୍କୁ ନେଇ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ। ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏଥର ବିନା ଦର୍ଶକରେ ପ୍ରତିଯୋଗିତା ହେବାପାଇଁ ନିଷ୍ପତ୍ତି ହୋଇଛି। ଖେଳାଳିମାନଙ୍କଠାରୁ ଆରମ୍ଭ କରି କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ କୋଭିଡ୍ ଟେଷ୍ଟକୁ ଗୁରୁତ୍ୱ ଦିଆଯାଇଛି। ମୋଟାମୋଟି ପ୍ରତିଯୋଗିତାକୁ ସୁରକ୍ଷିତ ଏବଂ ସଫଳ ଆୟୋଜନ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।




ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସକୁ ଜୋରଦାର କରିଛନ୍ତି। ପୁଲ୍ 'ଏ'ରେ ବେଲ୍‌ଜିୟମ, ମାଲେସିଆ, ଦକ୍ଷିଣ ଆଫ୍ରିକା, ଚିଲି ରହିଥିବାବେଳେ ଘରୋଇ ଭାରତ ପୁଲ୍ 'ବି'ରେ କାନାଡ଼ା, ଫ୍ରାନ୍ସ ଓ ପୋଲାଣ୍ଡ ସହିତ ସ୍ଥାନ ପାଇଛି। ପୁଲ୍ 'ସି'ରେ ନେଦରଲାଣ୍ଡ୍ସ, ସ୍ପେନ, କୋରିଆ, ଆମେରିକା ଏବଂ ପୁଲ୍ 'ଡି'ରେ ଜର୍ମାନୀ, ଆର୍ଜେଣ୍ଟିନା, ପାକିସ୍ତାନ ଓ ଇଜିପ୍ଟ ସ୍ଥାନ ପାଇଛନ୍ତି। ଗତଥରର ଚାମ୍ପିୟନ ଭାରତ ବୁଧବାର ଫ୍ରାନ୍ସ ବିପକ୍ଷରେ ମ୍ୟାଚ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ରାତି ୮ଟାରେ ଖେଳାଯିବ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ସିନିୟର ଦଳର ଅନ୍ୟତମ ସଦସ୍ୟ ବିବେକ ସାଗର ପ୍ରସାଦଙ୍କ ନେତୃତ୍ୱରେ ଜୁନିୟର ଦଳ ଏଠାରେ ଟୁର୍ନାମେଣ୍ଟ ଖେଳିବ। ☞ପୃଷ୍ଠା-୪

### ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଫ୍ରାନ୍ସ

# ୪୪ ତମ ସ୍ଥାନରେ ଭୁବନେଶ୍ୱର

**ନୂଆଦିଲ୍ଲୀ, ୨୩।୧୧**

### ନୀତି ଆୟୋଗ ସ୍ଥାୟୀ ବିକାଶ ଲକ୍ଷ୍ୟ ସୂଚକାଙ୍କ

### ଶୀର୍ଷରେ ଶିମ୍‌ଲା, କୋଏମ୍ବାଟୁର

ନୀତି ଆୟୋଗର ପ୍ରଥମ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ସହରାଞ୍ଚଳ ଭାରତ ସୂଚକାଙ୍କରେ ଶିମ୍‌ଲା, କୋଏମ୍ବାଟୁର ଏବଂ ଚଣ୍ଡିଗଡ଼ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଧାନବାଦ, ମିରଟ ଏବଂ ଇଟାନଗର ସବୁଠାରୁ ଖରାପ ପ୍ରଦର୍ଶନ କରି ସୂଚକାଙ୍କର ନିମ୍ନରେ ରହିଥିବା ମଙ୍ଗଳବାର ସରକାରୀ ଥିଙ୍କ୍ ଟ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ଏହି ତାଲିକାରେ ଓଡ଼ିଶା ରାଜଧାନୀ ଭୁବନେଶ୍ୱର ୪୪ତମ ସ୍ଥାନରେ ରହିଛି। ଇଣ୍ଡୋ-ଜର୍ମାନ ଡେଭେଲପମେଣ୍ଟ କୋଅପରେଶନ ଅଧୀନରେ ଜିଆଇଜେଡ୍ ଏବଂ ବିଏମ୍‌ଜେଡ୍ ସହ ମିଳିତ ଭାବେ ନୀତି ଆୟୋଗ ଏସ୍‌ଡିଜି ଅର୍ବାନ ଇଣ୍ଡେକ୍ସ ଏବଂ ଡ୍ୟାଶବୋର୍ଡ ବିକଶିତ କରିଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ସହରଗୁଡ଼ିକ ଅଭିବୃଦ୍ଧିର ଦ୍ରୁତତମ ଇଞ୍ଜିନ ପାଲଟିଛି। ସହରଗୁଡ଼ିକରେ ସ୍ଥାୟୀ ବିକାଶ ଲକ୍ଷ୍ୟର ତଦାରଖ ଦିଗରେ ଏସ୍‌ଡିଜି ଅର୍ବାନ ଇଣ୍ଡେକ୍ସ ସହାୟକ ହେବ।

ଏସ୍‌ଡିଜି ଅର୍ବାନ ଇଣ୍ଡେକ୍ସ ଆଣ୍ଡ୍ ଡ୍ୟାଶବୋର୍ଡ ୨୦୨୧-୨୨ରେ ଶୀର୍ଷ ୧୦ ସହର ମଧ୍ୟରେ ଶିମ୍‌ଲା, କୋଏମ୍ବାଟୁର, ଚଣ୍ଡିଗଡ଼, ଥିରୁଭାନନ୍ତପୁରମ, କୋଚି, ପାଣାଜୀ, ପୁଣେ, ତିରୁଚିରାପଲ୍ଲୀ, ଅହମ୍ମଦାବାଦ ଏବଂ ନାଗପୁର ରହିଛି। ସୂଚକାଙ୍କର ତଳେ ଥିବା ୧୦ ସହର ମଧ୍ୟରେ ଧାନବାଦ, ମିରଟ, ଇଟାନଗର, ଗୁଆହାଟୀ, ପଣଜୀ, ଯୋଧପୁର, କୋହିମା, ଆଗ୍ରା, କୋଲକାତା ଏବଂ ଫରିଦାବାଦ ରହିଛି। ସୂଚକାଙ୍କରେ ସ୍ଥାନିତ ୫୬ ସହରାଞ୍ଚଳ ମଧ୍ୟରୁ ୪୪ଟିରେ ☞ପୃଷ୍ଠା-୪

# ଲିଙ୍ଗରାଜ ମନ୍ଦିର ପାଇଁ ଅଧ୍ୟାଦେଶ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

ପୁରୀ ଶ୍ରୀମନ୍ଦିର ଶୈଳୀରେ ରାଜ୍ୟ ସରକାର ଲିଙ୍ଗରାଜ ମନ୍ଦିର ପରିଚାଳନା କରିବାକୁ ଚାହୁଁଛନ୍ତି। ଏଥିଲାଗି ଅଧ୍ୟାଦେଶ ମାଧ୍ୟମରେ ନୂତନ ଆଇନ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଅଧ୍ୟାଦେଶ ମଙ୍ଗଳବାର କ୍ୟାବିନେଟ ଅନୁମୋଦନ ଲାଭ କରିଛି। ଲିଙ୍ଗରାଜ ମନ୍ଦିର, ଏହାର ପାର୍ଶ୍ୱ ମନ୍ଦିର ଏବଂ ମଠର ସୁପରିଚାଳନାରେ ଏହା ସହାୟକ ହେବ। ଉକ୍ତ ଅଧ୍ୟାଦେଶ ମାଧ୍ୟମରେ ପରିଚାଳନା କମିଟି ଗଠନ, କମିଟିକୁ କ୍ଷମତା ପ୍ରଦାନ, ପ୍ରଶାସକ ନିଯୁକ୍ତି, ମନ୍ଦିରର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ, ସେବାୟତଙ୍କ ଦାୟିତ୍ୱ, ମନ୍ଦିର ପାଣ୍ଠି ସ୍ଥାପନ ଏବଂ ପରିଚାଳନା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ଏହି ଆଇନରେ ବ୍ୟବସ୍ଥା ରହିବ। ଏଥିସହିତ ଶ୍ରଦ୍ଧାଳୁଙ୍କ ଆଗମନ, ପୂଜାର୍ଚ୍ଚନା ପାଇଁ ସମସ୍ତ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଯିବ। ମନ୍ଦିର ନୀତିକୁ ଅଧିକ ସୁବ୍ୟବସ୍ଥିତ କରାଯିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ପରାମର୍ଶରେ ଅଣାଯାଇଥିବା ଏହି ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି। ବିସ୍ତୃତ ଆଲୋଚନା ପରେ ଏକ କ୍ଲଜକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ସାମିଲ କରାଯାଇଛି।



### କ୍ୟାପିଟାଲ ହସ୍ପିଟାଲ ଭିତ୍ତିଭୂମି ପାଇଁ ୨୩୫.୦୮ କୋଟି

ସେହିପରି ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲକୁ ପିଜି ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଠାରେ ଆବଶ୍ୟକ କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୨୩୫.୦୮କୋଟି ଟଙ୍କାର ଟେଣ୍ଡର ମେସର୍ସ ଏଲ୍‌ଆଣ୍ଡଟି କମ୍ପାନୀକୁ ପ୍ରଦାନ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। କୋଠାରେ ପିଜି ଇନଷ୍ଟିଚ୍ୟୁଟ୍ ସମେତ ଟ୍ରମା କେୟାର, ସର୍ଜରୀ କମ୍ପ୍ଲେକ୍ସ, କାଜୁଆଲିଟି ଆଦି ସୁବିଧା ରହିବ। ଏହା ଉନ୍ନତମାନର ଚିକିତ୍ସା ସୁବିଧା ସହ ଅଭିଜ୍ଞ ଡାକ୍ତରଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ।



## ସଂକ୍ଷେପରେ

### ଯୋରନ୍ଦା ମେଡିକାଲରେ ଫିଜିଓଥେରାପି ସେବା

**ଢେଙ୍କାନାଳ ଅଫିସ,୨୩।୧୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଫିଜିଓଥେରାପି ଚିକିତ୍ସା ସେବା ଆରମ୍ଭ ହୋଇଛି। ପ୍ରତି ସୋମବାର ଓ ମଙ୍ଗଳବାର ଅଭିଜ୍ଞ ଫିଜିଓଥେରାପିଷ୍ଟଙ୍କ ଦ୍ୱାରା ରୋଗୀଙ୍କୁ ସେବା ପ୍ରଦାନ କରାଯିବ। ଏଥିସହିତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଟେଲିମେଡିସିନ ସେବା ମଧ ଆରମ୍ଭ ହୋଇଛି। ଡାକ୍ତର ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଅନ୍‌ଲାଇନ ମାଧ୍ୟମରେ ବିଶେଷଜ୍ଞଙ୍କ ସହିତ ଯୋଗାଯୋଗ କରି ଚିକିତ୍ସା ସେବା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### କେନାଲରୁ ବାର୍‌ହା ଉଦ୍ଧାର



**ଢେଙ୍କାନାଳ ଅଫିସ, ୨୩।୧୧:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳ ଦେଇ ଯାଇଥିବା ରେଙ୍ଗାଳି ଦକ୍ଷିଣ କେନାଲରେ ଖସିପଡ଼ିଥିବା ଏକ ବାର୍‌ହାକୁ ମଙ୍ଗଳବାର ବନ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଛନ୍ତି। ବାର୍‌ହାକୁ ସୁରକ୍ଷିତ ଭାବେ ନିକଟ ଜଙ୍ଗଲରେ ଛାଡ଼ିଦିଆଯାଇଛି। ବାର୍‌ହା ରାସ୍ତା ପାର ହେଉଥିବା ସମୟରେ କେନାଲକୁ ଖସି ପଡ଼ିଥିବା ଅନୁମାନ କରାଯାଉଛି।

### ଜିଲାରୁ ଶୂନ୍ୟ ସଂକ୍ରମଣ

**ଢେଙ୍କାନାଳ ଅଫିସ, ୨୩।୧୧:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର କୌଣସି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ମୋଟ ପଜିଟିଭ୍ ସଂଖ୍ୟା ୧୯ ହଜାର ୯୨୦ରେ ସ୍ଥିର ଥିବାବେଳେ ଚିକିତ୍ସା ପରେ ୧୯ ହଜାର ୬୬୯ ଜଣ ସୁସ୍ଥ ହୋଇସାରିଲେଣି। କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୪ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଦୁର୍ଗମ ଅଞ୍ଚଳରେ ଯୋଜନା ପହଞ୍ଚାଅ'

## ଢେଙ୍କାନାଳରେ ମହିଳା ଓ ଶିଶୁ ବିକାଶ ହାଉସ୍ କମିଟି

**ଢେଙ୍କାନାଳ ଅଫିସ, ୨୩।୧୧**



ବୈଠକରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ହାଉସ କମିଟି ସଦସ୍ୟଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ରାଜ୍ୟ ମହିଳା ଓ ଶିଶୁ ବିକାଶ ହାଉସ୍ କମିଟି ମଙ୍ଗଳବାର ଢେଙ୍କାନାଳ ଜିଲା ଗସ୍ତରେ ଆସି ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମିଶନ ଶକ୍ତି ଅଧୀନରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଧାୟିକା ଉଷା ଦେବୀଙ୍କ ନେତୃତ୍ୱରେ ବିଧାୟିକା ଲତିକା ପ୍ରଧାନ, ବାସନ୍ତୀ ହେମ୍ବ୍ରମ, ସୁନନ୍ଦା ଦାସ, ସୂର୍ଯ୍ୟମଣି ବୈଦ୍ୟ, କୁସୁମ ଟେଟେ ପ୍ରମୁଖ ଉକ୍ତ ଟିମ୍ ଆସିଥିଲେ। ଜିଲାର ଅପହଞ୍ଚ ଦୁର୍ଗମ ଗ୍ରାମରେ ସରକାରୀ ଯୋଜନା ପହଞ୍ଚାଇବା, କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ ଲାଗି ଗ୍ରାମବାସୀଙ୍କୁ ସଚେତନ କରାଇବାକୁ କମିଟି ସଦସ୍ୟ ପରାମର୍ଶ ଦେଇଛନ୍ତି।

ଜିଲା କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ହାଉସ କମିଟି ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ସରକାରୀ ଯୋଜନା ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇବା ଲାଗି ମାସରେ ପ୍ରଥମ ସପ୍ତାହରେ ପଞ୍ଚାୟତସ୍ତରରେ ମୋ ପଞ୍ଚାୟତ, ଦ୍ୱିତୀୟ ସପ୍ତାହରେ ବ୍ଲକସ୍ତରରେ ମୋ ବ୍ଲକ, ତୃତୀୟ ସପ୍ତାହରେ ଜିଲାସ୍ତରରେ ମୋ ଜିଲା ବୈଠକ ଆୟୋଜନ କରାଯାଉଛି। ଏଥିରେ ଜନତାଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଉଦ୍ୟମ କରାଯାଉଥିବା ଜିଲାପାଳ ସରୋଜ କୁମାର ସେଠୀ ଅବଗତ କରାଇଥିଲେ। ଅବହେଳିତ ଶିଶୁଙ୍କୁ ଉଦ୍ଧାର, ସୁରକ୍ଷା, ପୋଷଣ, ବାଲ୍ୟ ବିବାହ ରୋକିବା ସହିତ ଶିଶୁଙ୍କ ସାମଗ୍ରିକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ସୂଚନା ଦେଇଥିଲେ। ଶିଶୁଙ୍କୁ ପୁଷ୍ଟିସାଧନ ନିମନ୍ତେ କାର୍ଯ୍ୟକାରୀ ଯୋଜନାର ରୂପାୟନ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ ତଥ୍ୟ ରଖିଥିଲେ। ଏହି ଅବସରରେ ଜିଲାର ସ୍ୱଂୟ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା କରାଯାଉଥିବା ଛତୁ ଚାଷ, ମାଛ ଚାଷ, କୁକୁଡ଼ା ଚାଷ, ଛେଳି ଚାଷ, ପନିପରିବା ଚାଷ, ମୋ ବଗିଚା, ସୁଲଭ ଖାଉଟି ସାମଗ୍ରୀ ପରିଚାଳନା ସମ୍ପର୍କିତ ସୂଚନା ପ୍ରଦର୍ଶିତ ହୋଇଥିଲା।

ବୈଠକରେ ଏସ୍‌ପି ଏଲ୍. ଦିବ୍ୟା ଭି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତାଲିମ ନେଲେ ଦକ୍ଷ ହେବେ ମହିଳା

**ଢେଙ୍କାନାଳ ଅଫିସ, ୨୩।୧୧**

ଢେଙ୍କାନାଳ ୟୁକୋ ବ୍ୟାଙ୍କ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ପାମ୍ପଡ, ଆଚାର, ମସଲା ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପରଜଙ୍ଗ ଏବଂ ବାରିହାପୁର ପଞ୍ଚାୟତର ୩୦ ଆଗ୍ରହୀ ମହିଳା ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଦିବସରେ ଜିଲା ଆଞ୍ଚଳିକ ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ପି. ପ୍ରଭାକର ରାଓ, ଇଣ୍ଡଷ୍ଟ୍ରିଆଲ ସୁପରଭାଇଜର ପ୍ରେମଚାନ୍ଦ ମିଶ୍ର, ଜୀବିକା ମିଶନ ପ୍ରୋଗ୍ରାମ ମ୍ୟାନେଜର ନୀରୋଦ ଜେନା, ମିଶନ ଶକ୍ତି ଡିପିସି ମନୋଲିସା ଭଞ୍ଜ, ୟୁକୋ ବ୍ୟାଙ୍କ ମ୍ୟାନେଜର ସିଲ୍ଭାଶିବାନୀ ସାହୁ, ଓର୍‌ମାସର ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯେକୌଣସି କ୍ଷେତ୍ରରେ ଦକ୍ଷ ହେବାକୁ ହେଲେ ମହିଳାମାନେ ତାଲିମ ନେବା ଆବଶ୍ୟକ। ମହିଳାମାନେ ପ୍ରଶିକ୍ଷଣ ନେଇ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା, ସୁଚିତ୍ରା ଗଡନାୟକ, କାର୍ଯ୍ୟାଳୟ ସହାୟକ କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ପାଣି ପାଇଁ ରାସ୍ତାରୋକୋ



ମହିଳାମାନେ ହାଣ୍ଡିମାଠିଆ ଧରି ରାସ୍ତାରୋକୋ କରିଛନ୍ତି।

**ପରଜଙ୍ଗ, ୨୩।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ଅନ୍ତର୍ଗତ ମହୁଲା ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହାର ପ୍ରତିବାଦରେ ମଙ୍ଗଳବାର ୫୦ରୁ ଊର୍ଦ୍ଧ୍ୱ ମହିଳା ରାସ୍ତା ଅବରୋଧ କରିଥିଲେ। ଅଭିଯୋଗ ଅନୁଯାୟୀ, ସାହିରେ ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟା ଲାଗିରହିଛି। ନିତ୍ୟ ବ୍ୟବହାର୍ଯ୍ୟ ଲାଗି ମହିଳାମାନେ ଦୀର୍ଘପଥ ଅତିକ୍ରମ କରି ମୁଣ୍ଡରେ ପାଣି ବୋହି ଆଣୁଛନ୍ତି। ସ୍ଥାନୀୟ ପ୍ରଶାସନ, ଜନପ୍ରତିନିଧିଙ୍କୁ ସମସ୍ୟା ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନେ ବାଧ ହୋଇ ହାଣ୍ଡିମାଠିଆ, ବାଲ୍‌ଟି ଧରି ଭାଲୁମୁଣ୍ଡା-ଆଲୁଅଟରଣ ପୂର୍ତ୍ତ ବିଭାଗ ରାସ୍ତାର ମହୁଲା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ସମସ୍ୟାର ସମାଧାନ ନ ହେବାଯାଏ ରାସ୍ତାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଫଳରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ସମସ୍ୟାର ତ୍ୱରିତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# ପାଠ ପଢ଼ିବା ପାଇଁ ଦୃଷ୍ଟିବାଧିତ ଛାତ୍ରୀଙ୍କୁ ସହାୟତା

**ଢେଙ୍କାନାଳ ଅଫିସ, ୨୩।୧୧:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବମ୍ପା ଗ୍ରାମରେ ଦୃଷ୍ଟିବାଧିତ ଛାତ୍ରୀ ଶିବାନୀ ସେଠୀଙ୍କୁ ଭୁବନେଶ୍ୱରଠାରେ ପାଠ ପଢ଼ିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗତ ସପ୍ତାହରେ ଶିବାନୀ ମା' ସୁଷମା ଏବଂ ବାପା ରାହାସ ସେଠୀଙ୍କ ସହ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଭୁବନେଶ୍ୱରରେ ଉଚ୍ଚ ଶିକ୍ଷା ଲାଗି ଇଚ୍ଛା ପ୍ରକାଶ କରିବା ସହିତ ଜିଲାପାଳଙ୍କଠାରୁ ସହାୟତା ଲୋଡ଼ିଥିଲେ। ପାଠପଢ଼ିବା ଲାଗି ଶିବାନୀଙ୍କ ଇଚ୍ଛାଶକ୍ତିକୁ ଜିଲାପାଳ ପ୍ରଶଂସା କରିଥିବାବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

**ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପାତ୍ରପଡ଼ା**
**ପଞ୍ଚାୟତ ସମିତି- ଛେଣ୍ଡିପଦା, ଜିଲ୍ଲା- ଅନୁଗୋଳ**

ପତ୍ର ସଂଖ୍ୟା: 53 ତାରିଖ: 16.11.21

ଆପଣଙ୍କ ଗୋଚରାର୍ଥେ ଜଣାଉ ଅଛୁ କି ଯେ, ଆମ୍ଭ ପାତ୍ରପଡ଼ା ଗ୍ରା.ପ.ର ମା' ବାୟାଣୀ ପୀଠଠାରେ ନୂତନଭାବେ ନିର୍ମିତ କୋଠରି (ମାର୍କେଟ୍ କମ୍ପ୍ଲେକ୍ସ) ରୁମ୍ ନଂ.- ୧, ୨, ୩, ୪, ୬ ପାଇଁ ଅଗ୍ରିମ ବା ଅମାନତ ବାବଦକୁ ଟ.45000/- (ପଇଁଚାଳିଶ ହଜାର ଟଙ୍କା)ର ମାତ୍ର ବ୍ୟାଙ୍କ ଡ୍ରାଫ୍ଟ ସରପଞ୍ଚ ପାତ୍ରପଡ଼ା ଗ୍ରା.ପ. ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଣଲୋଇ ପାସ୍‌ବୁକ୍ ନଂ.- 11847882283 IFSC Code No.- SBIN0009639ଙ୍କ ନାମରେ କରି ନିଲାମ ସମୟରେ ଦାଖଲ କଲେ ନିଲାମ ଡାକିପାରିବେ। ନଗଦ ଆକାରରେ ଟଙ୍କା ଅଗ୍ରିମ ବା ଅମାନତ ବାବଦକୁ ଗ୍ରହଣ କରାଯିବ ନାହିଁ।

ଏଣୁ ଆପଣଙ୍କୁ ବିନୀତ ଅନୁରୋଧ ଆସନ୍ତା ତା୩୦।୧୧।୨୧ରିଖ ମଙ୍ଗଳବାର ପୂର୍ବାହ୍ନ ଘ.୧୧.୦୦ଟିକା ସମୟରେ ଗ୍ରା.ପ. କାର୍ଯ୍ୟାଳୟ, ପାତ୍ରପଡ଼ାଠାରେ ନିଲାମ କରାଯିବ।

**ସରପଞ୍ଚ, ପାତ୍ରପଡ଼ା ଗ୍ରାମପଞ୍ଚାୟତ**

# ପଟ୍ଟା ଅପେକ୍ଷାରେ ୫୦ ବର୍ଷ

**ପରଜଙ୍ଗ, ୨୩।୧୧(ଡି.ଏନ୍.ଏ.)**

- ଉଦ୍‌ବେଗ ଜଣାଇଲେ ବଜରଙ୍ଗୀପାଟଣା ସାହିବାସୀ
- ଦାବି ପୂରଣ ନ ହେଲେ ୧ରୁ ଅହୋରାତ୍ର ଧାରଣା

ଘର ଡିହ ପଟ୍ଟା ପାଇଁ ସତୁରି ଦଶକରୁ ଅପେକ୍ଷା କରିଥିବା ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅନ୍ତର୍ଗତ ସରାଙ୍ଗ ଗ୍ରାମ ବ୍ରାହ୍ମଣୀ ନଦୀକୂଳରେ ବାସ କରୁଥିବା ବଜରଙ୍ଗୀପାଟଣା ସାହିର ଗରିବ ପରିବାର ସରକାରୀ ଅବହେଳା ବିରୋଧରେ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି। ଦାବି ପୂରଣ ନ ହେଲେ ଡିସେମ୍ବର ପହିଲାରୁ ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ଅହୋରାତ୍ର ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନର ଅଧିକାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ରାଜନେତାଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପରିବାର ୧୯୭୨-୭୪ରୁ ବ୍ରାହ୍ମଣୀ ନଦୀ କୂଳରେ ସରକାରଙ୍କ ଦ୍ୱାରା ଚିହ୍ନଟ ଜମିରେ ବସବାସ କରି ଆସୁଛନ୍ତି। ଜମିପଟ୍ଟା ପାଇଁ ତତ୍କାଳୀନ କାମାକ୍ଷାନଗର ତହସିଲ କାର୍ଯ୍ୟାଳୟ ଏବଂ ଏବେକାର ପରଜଙ୍ଗ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି। ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ତତ୍କାଳୀନ ମନ୍ତ୍ରୀ ତଥା ପରଜଙ୍ଗ ବିଧାୟକ, ଏମ୍‌ପି, ଜିଲାପାଳ, ଉପଜିଲାପାଳଙ୍କୁ ଅବଗତ କରାଇବା ପରେ ୩୪ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କୁ ୪ ଡିସିମିଲ୍ ଜମି ପଟ୍ଟା ଦିଆଯିବ ବୋଲି ରସିଦ ପ୍ରଦାନ କରାଯାଇଥିଲା। ଏହି ରସିଦ ଆବେଦନ କରାଯାଇଥିବା ଖାତା ଓ ପ୍ଲଟ୍ ନମ୍ବର ସହିତ ମେଳ ଖାଉନାହିଁ। ଚାଷଜମି ପାଇଁ ଆବେଦନ କରାଯାଇଥିବା ପଟ୍ଟାର ଖାତା ଏବଂ ପ୍ଲଟ୍ ନମ୍ବର ମଧ ମିଳିନାହିଁ। ଅଧିକାରୀମାନେ ଆର୍‌ଡିସି କାର୍ଯ୍ୟାଳୟକୁ ଯାଇ ପରାମର୍ଶ କରିବାକୁ କହୁଛନ୍ତି, ଯାହା ସମ୍ଭବ ନୁହେଁ। ଏଥିପୂର୍ବରୁ କେତେଜଣଙ୍କୁ ପଟ୍ଟା ମିଳିଥିଲେ ମଧ ପରବର୍ତ୍ତୀ ସମୟରେ ତାହା ଖାରଜ ହୋଇଯାଇ ସରକାରଙ୍କ ଖାତାକୁ ଚାଲିଯାଇଛି। ପଟ୍ଟା ନ ଥିବାରୁ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। କୌଣସି ସରକାରୀ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଏ ସଂକ୍ରାନ୍ତରେ ଗତ ୨୦ ତାରିଖରେ ଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ବଜରଙ୍ଗୀପାଟଣା ସାହିର ଭୂମିହୀନ। ଦାବି ପୂରଣ ନ ହେଲେ ଆସନ୍ତା ୧ ତାରିଖରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି।

ଏ ସଂକ୍ରାନ୍ତରେ ପରଜଙ୍ଗ ତହସିଲଦାର ଖଗେଶ୍ୱର ପାତ୍ର କୁହନ୍ତି, କୁଆଲୋ ଆର୍‌ଆଇଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ବିଜେଡିର ପ୍ରତିବାଦ, ଧାରଣା

**ଢେଙ୍କାନାଳ ଅଫିସ/ପରଜଙ୍ଗ/ ଗଁଦିଆ/ହିନ୍ଦୋଳ(ଡି.ଏନ୍.ଏ.), ୨୩।୧୧**

## ରନ୍ଧନ ଗ୍ୟାସ୍ ମୂଲ୍ୟବୃଦ୍ଧି

ରନ୍ଧନ ଗ୍ୟାସ୍‌ର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଢେଙ୍କାନାଳ ଜିଲାର ସମସ୍ତ ବ୍ଲକ, ଏନ୍‌ଏସି, ମ୍ୟୁନିସିପାଲିଟି ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଛି। ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ରଙ୍କ ନେତୃତ୍ୱରେ ସଦର ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ୨୦୧୬-୧୭ରେ ୧୪.୨ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡର ୫୪୯ଟଙ୍କା ୬୯ ପଇସା ଥିବାବେଳେ ଏବେ ଏହା ୯୨୬ ଟଙ୍କାରେ ପହଞ୍ଚିଛି। ଉଜ୍ଜ୍ୱଳା ଯୋଜନାରେ ରାଜ୍ୟବାସୀଙ୍କୁ ଭୁତାଇବା ପାଇଁ ଏହା କେନ୍ଦ୍ର ସରକାରଙ୍କ ନାଟକ। ଆଗାମୀ ଦିନରେ ରନ୍ଧନ ଗ୍ୟାସ୍ ମୂଲ୍ୟ ନ କମିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବିଜେଡି ନେତା ନରୋତ୍ତମ ସାହୁ, ଦେବାଶିଷ ମିଶ୍ର, ଇନ୍ଦ୍ରମଣି ବେହେରା, ସୁଧାଂଶୁ ଦଳେଇ, ଦେବୀପ୍ରସାଦ ଭୂତିଆ, ଲକ୍ଷ୍ମୀଧର ସାହୁ, ବିନୋଦ ମହାନ୍ତି, ଶଶିକାନ୍ତ ମିଶ୍ର, ସୁରଜ ମହାପାତ୍ର, ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ଉର୍ବଶୀ ମହାପାତ୍ର, ପ୍ରଣତୀ ପଣ୍ଡା, ସୁନିତା ସାହୁ, ଯେଶସ ସାହୁ, ଶୁଭଲକ୍ଷ୍ମୀ ସାହୁ, ରୁଦ୍ରାନ୍ତ ଦଳେଇ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସେହିପରି ପରଜଙ୍ଗ ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ, ଯୁବନେତା ଅସିତ୍ କୁମାର ରାୟଚୌଧୁରୀ, ନାରୀନେତ୍ରୀ ମମତା ପାଣି, ବିଳାସିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗଁଦିଆରେ ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ ରାଉତଙ୍କ ନେତୃତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ବ୍ଲକ ସଭାନେତ୍ରୀ ଶୁଭଦର୍ଶିନୀ ପରିଡା, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ବିଶ୍ୱାଳ, ଜ୍ଞାନରଞ୍ଜନ ସିଂ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ। ହିନ୍ଦୋଳ ବ୍ଲକ ଏବଂ ଏନ୍‌ଏସି କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଉପାଧ୍ୟକ୍ଷା ଅନସୂୟା ମାହୁନ୍ତ, ବ୍ଲକ ସଭାପତି ବରୁଣ ସର, ନଗର ସଭାପତି ଗୋବିନ୍ଦ ବେହେରା, ନାରୀନେତ୍ରୀ ଯୋଗମାୟା ଗଡ଼ନାୟକ, ସ୍ୱର୍ଣ୍ଣମଞ୍ଜରୀ ସର ପ୍ରମୁଖ ଉପସ୍ଥିତ ଥିଲେ।




ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡିର ଧାରଣା।



ଧରିତ୍ରୀ
DHARITRI
ବୁଧବାର, ୨୪ ନଭେମ୍ବର, ୨୦୨୧



## ସଂକ୍ଷେପରେ

### ୩୦ ଜଣଙ୍କ ଚକ୍ଷୁ ପରୀକ୍ଷା



**ବଇଣ୍ଡା,୨୩।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ଇଚ୍ଛାପୁର ଗ୍ରାମରେ ମଙ୍ଗଳବାର ସରକାରଙ୍କ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ୩୦ ଜଣ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୋତିଆ ବିନ୍ଦୁ ଥିବା ଚିହ୍ନଟ କରାଯାଇଥିଲା। ଡା. ସ୍ୱର୍ଣ୍ଣପ୍ରଭା ପ୍ରଧାନ ଚକ୍ଷୁ ପରୀକ୍ଷା କରିଥିବାବେଳେ ଶାଶ୍ୱତୀ ବିଶ୍ୱାଳ, ଲିନୁ ମାଝି ରୋଗୀଙ୍କ ପଞ୍ଜୀକରଣ କରିଥିଲେ। ଗ୍ରାମର ସରୋଜ ଦ୍ୱାରୀ, ଦୀନେଶ ମାଝି, ତପନ କୁମାର ସାହୁ, ଭୁବନ ନାୟକ, ବାବୁଲା ସାହୁ, ବାପୁଜୀ ଦେହୁରୀ ସହଯୋଗ କରିଥିଲେ।

### ମଦ ଭାଟି ମ୍ୟାନେଜରଙ୍କୁ ଆକ୍ରମଣ

**ବଇଣ୍ଡା,୨୩।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମଇମୁରା ଗ୍ରାମରେ ଥିବା ଦେଶୀ ମଦ ଭାଟି ମ୍ୟାନେଜର ଶୈଳେନ୍ଦ୍ର ପାସୱାନଙ୍କୁ କୁତୁଲିସିଙ୍ଗା ଗ୍ରାମର ଖଗେଶ୍ୱର ପ୍ରଧାନ ଓ ତାଙ୍କର ୨ ସହଯୋଗୀ ଠେଙ୍ଗାରେ ପିଟିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୩୦୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରବିବାର ରାତିରେ ଶୈଳେନ୍ଦ୍ର ଭାଟିରେ ଥିବାବେଳେ ଖଗେଶ୍ୱର ଓ ୨ ସହଯୋଗୀ ଭାଟିକୁ ଆସି ଦେଶୀ ମହୁଲି ମାଗଣାରେ ମାଗିଥିଲେ। ଶୈଳେନ୍ଦ୍ର ମାଗଣାରେ ମଦ ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୩।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଖଡ଼କବାହାଲ ଗ୍ରାମର ସୁବାସ ନାୟକଙ୍କୁ ଟେନ୍ତୁଳିପଥର ଗ୍ରାମର ମିଲୁ ନାୟକ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୩୦୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟ ବିଦ୍ୟୁତ ବିଭାଗର ଠିକାସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ରବିବାର ମଜୁରି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ମିଲୁ ଉତକ୍ଷିପ୍ତ ହୋଇ ସୁବାସଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ମଦ ଜବତ ଜଣେ ଗିରଫ



**ବଇଣ୍ଡା,୨୩।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମରେ ମଙ୍ଗଳବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୧୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ସେହି ଗ୍ରାମର କୁଶ ବେହେରାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ କୁଶ ଘରେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଳବୀର ଗଡନାୟକ ଚଢାଉ କରିଥିଲେ।

### ଚିହ୍ନଟ ହେଲେନି ପଜିଟିଭ୍

**ଅନୁଗୋଳ ଅଫିସ,୨୩।୧୧:** ଅନୁଗୋଳ ଜିଲାରୁ ମଙ୍ଗଳବାର କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଫଳରେ ପୂର୍ବପରି ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୬୨ରେ ସ୍ଥିର ରହିଛି। ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।

### ଝୁଲନ୍ତା ମୃତଦେହ ଜବତ

**ବଅଁରପାଳ,୨୩।୧୧(ଡି.ଏନ.ଏ.):** ନାଲ୍କୋ ଥାନା ଗିରାଙ୍ଗ ନିକଟରୁ ମଙ୍ଗଳବାର ପୋଲିସ ମାନସ ରଞ୍ଜନ ସାହୁ (୨୧)ଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ପୋଲିସ କହିଛି, ମାନସଙ୍କ ନିଜ ଘର ବନ୍ତଳା ଅଞ୍ଚଳରେ। ସେ ଦୀର୍ଘଦିନ ହେଲା ଗିରାଙ୍ଗର ଏକ ଭଡ଼ା ଘରେ ରହି ଫଟୋ ଷ୍ଟୁଡିଓରେ କାର୍ଯ୍ୟ କରୁଥିଲେ। ସକାଳେ ଘରେ କେହି ନ ଥିଲାବେଳେ ସେ ବେକରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

# ଅନ୍ତେବାସୀଙ୍କ ଦକ୍ଷତା ବୃଦ୍ଧିକୁ ପ୍ରଶଂସା

## ବିଧାନସଭା ମହିଳା ଓ ଶିଶୁ ବିକାଶ ଗୃହ କମିଟିର ଅନୁଗୋଳ ଗସ୍ତ

**ଅନୁଗୋଳ ଅଫିସ,୨୩।୧୧**

ଓଡ଼ିଶା ବିଧାନସଭା ମହିଳା ଓ ଶିଶୁ ବିକାଶ ଗୃହ କମିଟିର ଏକ ୬ ଜଣିଆ କମିଟି ବିଧାୟିକା ଉଷାଦେବୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଗୋଳ ଗସ୍ତରେ ଆସି ମହିଳା ଓ ଶିଶୁମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏହି କମିଟିରେ ବିଧାୟିକା ଲତିକା ପ୍ରଧାନ, କୁସୁମ ଟେଟେ, ସୁନନ୍ଦା ଦାସ, ସୂର୍ଯ୍ୟାମଣି ବୈଦ୍ୟ ଓ ବାସନ୍ତୀ ହେମ୍ବ୍ରମ ସଦସ୍ୟ ରହିଥିଲେ। ମହିଳା ଓ ଶିଶୁମାନଙ୍କ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ଅଧ୍ୟକ୍ଷା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମା' ଓ ଶିଶୁ ମୃତ୍ୟୁହାର କମାଇବା ନିମନ୍ତେ ଡାକ୍ତରଖାନାରେ ପ୍ରସବ, ଅପପୁଷ୍ଟିର ଶିକାର ହେଉଥିବା ପିଲାମାନଙ୍କ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। ସେହିପରି ପର୍ଯ୍ୟବେକ୍ଷଣ ଗୃହରେ ରହୁଥିବା ଅନ୍ତେବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସେମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ସଦସ୍ୟାମାନେ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲାରେ କାର୍ଯ୍ୟକାରୀ ହେଉଥିବା ମହିଳା ଓ ଶିଶୁ ବିକାଶର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା କଲେଜ ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ ତଥ୍ୟ ରଖିଥିଲେ। ନିର୍ଭୟା ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଜଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଏଲ୍.ପି.ଓ ପ୍ରଦୀପ କୁମାର ନାୟକ, ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ ମଲ୍ଲିକ ନିଜ ବିଭାଗୀୟ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ କମିଟିକୁ ଅବଗତ କରିଥିଲେ।


ଅନୁଗୋଳ ଗସ୍ତରେ ଆସିଥିବା ପ୍ରତିନିଧି ଦଳ ସମୀକ୍ଷା କରୁଛନ୍ତି।

# 'ଭଲ ପଢ଼ି କଲେଜ ନାଁ ରଖ'

**ବଇଣ୍ଡା,୨୩।୧୧(ଡି.ଏନ.ଏ.)**

କଲେଜ କ୍ୟାରିୟର ଜୀବନ ବଦଳାଇ ଦେଇଥାଏ। ତେଣୁ ସବୁବେଳେ ଭଲ ପାଠପଢ଼ି କଲେଜର ନାମ ରଖ ବୋଲି ମଙ୍ଗଳବାର ବଇଣ୍ଡା କଲେଜରେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଅଫ୍‌ଲାଇନରେ ହୋଇଥିବା ଯୁକ୍ତ ୨ ପରୀକ୍ଷାରେ ୮୪ ପ୍ରତିଶତ ନମ୍ବର ରଖିଥିବା ମହାବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ସିଂ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟାପକ କାଳନ୍ଦୀ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଖବରଦାତା ପରିକ୍ଷିତ ସାହୁ, ଅଧ୍ୟାପକ ଚନ୍ଦ୍ରଶେଖର ସିଂ, ଅଧ୍ୟାପିକା ସୁମିତ୍ରା ସ୍ୱାଇଁ, ଆଦିମାତା ପ୍ରଧାନ, ଅରୁନ୍ଧତୀ ସାହୁ, ପୂଜାରିଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ମେଧାବୀ ଛାତ୍ରୀ ଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।


ଅତିଥିମାନେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ


ସଚେତନତା ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ବଅଁରପାଳ,୨୩।୧୧(ଡି.ଏନ.ଏ.)**

ବଅଁରପାଳସ୍ଥିତ ପିଏସ୍‌ଏସ୍‌ଜେ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଡିଓ ଏଲିଜା ମିଶ୍ର ଯୋଗଦେଇ ଗଣତନ୍ତ୍ରରେ ଭୋଟର ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲ। ଅତିରିକ୍ତ ବିଡିଓ ମାଧ ପାଣିଗ୍ରାହୀ ଜାନୁୟାରୀ ୨୦୨୧ ସୁଦ୍ଧା ଯେଉଁମାନେ ୧୮ ବର୍ଷରେ ପଦାର୍ପଣ କରିଥିବେ, ସେମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକାଅଧ୍ୟପାକ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପକ ମନୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବେତନଟୀ, ବୈଶିଙ୍ଗାରେ ହାତୀ ଉପଦ୍ରବ

**ବୈଶିଙ୍ଗା,୨୩।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅନ୍ତର୍ଗତ ବୈଶିଙ୍ଗା,ବର୍ଡ୍ଡନା,ସଇତପୁର,ମେରଦା,ପାଟଳୀପୁରା ଓ ନଡ଼ପୁର ଆଦି ପଞ୍ଚାୟତ ଅଞ୍ଚଳରେ ୧୮ ଟିକିଆ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଥିବା ସୂଚନା ମିଳିଛି। ନଡ଼ପୁର ଗ୍ରାମ ଜଙ୍ଗଲ ମଧ୍ୟରେ ଦିନରେ ହାତୀପଲ ଲୁଚି ରହୁଥିବା ବେଳେ ରାତିରେ ବାହାରି ଆସି ନିକଟସ୍ଥ କ୍ଷେତରୁ ପାଚିଲା ଧାନ ଖାଇ ନଷ୍ଟ କରୁଛନ୍ତି। ସେହିପରି ବର୍ଡ୍ଡନା ବନ ସୁରକ୍ଷା ସମିତିର ସଭାପତି ଜଳଧର ସିଂ, ଆନିମେଟର୍ ପ୍ରଭାତ ସେଠୀ, ସଭ୍ୟ ରଘୁନାଥ ପ୍ରଧାନ, ଲୀଳାବତୀ ମାଝି, ବାବାଜୀ ମହାନ୍ତ, ବଳରାମ ସାହୁ, ଯଦୁନାଥ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ ପ୍ରମୁଖ ୩ ହଜାରରୁ ଅଧିକ ବୃକ୍ଷରୋପଣ କରିଥିବା ଗଛଗୁଡ଼ିକୁ ହାତୀପଲ ମାଡ଼ି ଦଳି ନଷ୍ଟ କରି ଦେଇଥିବା ଅଭିଯୋଗ କରିଛନ୍ତି।

# ଗାନ୍ଧୀବାଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

**ଅନୁଗୋଳ ଅଫିସ,୨୩।୧୧**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସରେ ଆୟୋଜିତ ଅମୃତ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୦ ତମ ଜୟନ୍ତୀ ଓ ଛାତ୍ରାବାସର ୭୫ତମ ବାର୍ଷିକୋତ୍ସବ ପାଳିତ ହୋଇଥିଲା।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖିକା, ସାମାଜିକ କର୍ମୀ ଡକ୍ଟର ସୁଜାତା ଚୌଧୁରୀ ଯୋଗଦେଇ ସାମ୍ପ୍ରତିକ ସମୟରେ ଗାନ୍ଧୀବାଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଅଧ୍ୟାପକ ପବିତ୍ରମୋହନ ଦାସ ଯୋଗ ଦେଇଥିଲେ। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଫେସର ଚୈତନ୍ୟ ସାହୁଙ୍କ ଲିଖିତ ପୁସ୍ତକ 'ବିସ୍ମୟ ନବକୃଷ୍ଣ' ଓ ଆନନ୍ଦିକା ପଟ୍ଟନାୟକଙ୍କ 'ଜୁଆଙ୍ଗ ପୀଢର ସୁରଧ୍ୱନି ସରୋଜିନୀ' ଏବଂ ଛାତ୍ରାବାସ ବାର୍ଷିକ ମୁଖପତ୍ର 'ବାଜି'ର ଉନ୍ମୋଚନ ହୋଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଫେସର ଶାନ୍ତନୁ କୁମାର ସର, ବନମାଳୀ ସାହୁ, ପ୍ରଶାନ୍ତ କୁମାର ଦାସ, ଶୈଳଜ ରବି, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଧନେଶ୍ୱର ସାହୁ, ପ୍ରଫେସର କୁମୁଦ ଚନ୍ଦ୍ର ଦାଶ, ଡକ୍ଟର ରମାମଞ୍ଜରୀ ସାହୁ, ଧନେଶ୍ୱର ନାଏକ, ଡାକ୍ତର ବିଶ୍ୱଜିତ ପ୍ରମୁଖ ଯୋଗଦେଇଥିଲେ। ପଦ୍ମଚରଣ ନାୟକ ସଭାପତିତ୍ୱ କରିଥିବାବେଳେ ଡକ୍ଟର କୁଳମଣି ନାୟକ, ମୁରଲୀଧର ମୂଳିଆ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସୁଜାତା ପ୍ରିୟମ୍ବଦାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ବାଜି ମାରିନେଲା ବାଜି' ମଞ୍ଚସ୍ଥ ହୋଇଥିଲା।

# ନଦୀଗର୍ଭରେ ଲୀନହେବ କେନ୍ଦୁଆମୁଣ୍ଡି

**କୁଆମରା,୨୩।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ମଧ୍ୟ ଭାଗ ଦେଇ ପ୍ରବାହିତ ନାଲୁହା ନଦୀ କୂଳରେ ଅବସ୍ଥିତ ଶୀଳଘାଟି ପଞ୍ଚାୟତର କେନ୍ଦୁଆ ମୁଣ୍ଡି ଗ୍ରାମ ନଦୀ ଗର୍ଭରେ ଲୀନ ହେବା ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଋତୁ ହେଲେ ଉକ୍ତ ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ୨୦୧୨ରୁ ପ୍ରତିବର୍ଷ ନଦୀର କୂଳ ଖାଇବା ଯୋଗୁ ନଦୀର ଗତିପଥ କ୍ରମଶଃ ବଦଳିବାରେ ଲାଗିଛି। ନଦୀଠାରୁ ଏହି ଗ୍ରାମଟି ମାତ୍ର ୫୦ ମିଟର ଦୂର ଉତ୍ତର ପାର୍ଶ୍ୱରେ ଅବସ୍ଥିତ। ଗ୍ରାମର ୭୦ ପରିବାର ବର୍ଷା ହେଲେ ଆତଙ୍କିତ ଅବସ୍ଥାରେ ଦିନ କାଟନ୍ତି।


କେନ୍ଦୁଆମୁଣ୍ଡି ଗାଁ ପାଖରେ କୂଳ ଖାଉଥିବା ନଦୀ।

ସାମାନ୍ୟ ବର୍ଷା ହେଲେ ଗ୍ରାମ ମଧ୍ୟରେ ୩/୪ ଫୁଟ ଉଚ୍ଚରେ ପାଣି ଜମି ରହିବା ଯୋଗୁ ଦୁର୍ବଳ ଘରଗୁଡ଼ିକ ମଧ୍ୟ ଭୁଶୁଡ଼ି ପଡ଼ିଥାଏ। ନବେ ପ୍ରତିଶତ ପରିବାର ଆବାସ ଯୋଜନାରେ ଘର ପାଇ ନାହାଁନ୍ତି। ବନ୍ୟା ସମୟରେ ଆତଙ୍କିତ ଅବସ୍ଥାରେ ଆଶ୍ରୟସ୍ଥଳକୁ ପଳାଇଥାନ୍ତି। ତେବେ ଏଠାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରୁଥିବା ବେଳେ ସମସ୍ତେ ଦିନ ମଜୁରିଆ। ପ୍ରତି ବର୍ଷ ନଦୀ ଗାଁ ଆଡ଼କୁ ମୁହାଁଇବା ଯୋଗୁ ଆଗାମୀ ବର୍ଷେ ଦୁଇ ବର୍ଷ ମଧ୍ୟରେ ଏହି ଗ୍ରାମଟି ନଦୀ ଗର୍ଭରେ ଲୀନ ହେବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ଗ୍ରାମର ଉପର ମୁଣ୍ଡରେ ପୋଲ ନିର୍ମାଣ ଚାଲୁଥିବା ଯୋଗୁ ନଦୀରେ ପାଣି ଠେଲି ହେବା ଯୋଗୁ ଏହି ଗାଁର କ୍ଷତି ଘଟୁଛି। କେତେକ ଜମି ବାଲିଚର ହୋଇ ପଡ଼ିଛି। ସୁରକ୍ଷା ପାଇଁ ନଦୀ ପାର୍ଶ୍ୱରେ ପଥର ପ୍ୟାକିଂ କରିବାକୁ ଗ୍ରାମର ସୁନାରାମ ମୁର୍ମୁ, ଗୁରୁବା ମାରାଣ୍ଡି, ହେପା ମୁର୍ମୁ, ହୀରା କିସ୍କୁ ପ୍ରମୁଖ ଦାବି କରିଛନ୍ତି।

## କ୍ଷୟକ୍ଷତି ଆକଳନ ଦାବିରେ ଧାରଣା

**ଖୁଣ୍ଟା,୨୩।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଚକଡ଼ା ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ବହୁ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ସାଇଁକୁଲା ପଞ୍ଚାୟତର ଚାଷୀମାନେ ଗୋପବନ୍ଧୁନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ଓଡ଼ିଶାର ପ୍ରଥମ ସିନ୍ଥେଟିକ ହ୍ୟାଣ୍ଡବଲ କୋର୍ଟ

**କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.)**

କେନ୍ଦୁଝର ସହର ନବନିର୍ମିତ ତଥା ଅତ୍ୟାଧୁନିକ ସୁବିଧାପୂର୍ଣ୍ଣ ହ୍ୟାଣ୍ଡବଲ ଷ୍ଟାଡିୟମ ମଙ୍ଗଳବାର ଖୋଲିଲା। ଏହି ଷ୍ଟାଡିୟମରେ ନିର୍ମାଣ ହୋଇଛି ରାଜ୍ୟର ପ୍ରଥମ ସିନ୍ଥେଟିକ ହ୍ୟାଣ୍ଡବଲ କୋର୍ଟ। ଆନ୍ତର୍ଜାତିକ ଟେନିସ ଫେଡେରେଶନ ଦ୍ୱାରା ଅନୁମୋଦିତ ଏବଂ ଆନ୍ତର୍ଜାତିକ ହ୍ୟାଣ୍ଡବଲ ଫେଡେରେଶନମାନର ସାମଗ୍ରୀରେ ଏହି ଡୁଆଲ କୋର୍ଟ ନିର୍ମାଣ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୧.୬ ଏକର ପରିମିତ ଏହି ଷ୍ଟାଡିୟମରେ ଏକାସାଙ୍ଗରେ ୨୦୦ ଦର୍ଶକ ବସି ଖେଳ ଦେଖିବା ବ୍ୟବସ୍ଥା କରାଯାଇଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୩.୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଷ୍ଟାଡିୟମ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳିଙ୍କ ପାଇଁ ପ୍ରୋତ୍ସାହନ ମିଳିବ। ଏଠାରେ ହ୍ୟାଣ୍ଡବଲ ସହିତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବହୁବିଧ କ୍ରୀଡା ବ୍ୟବସ୍ଥା ରହିଛି । ପିଲାଠୁଁ ବୃଦ୍ଧବୃଦ୍ଧା ସବୁ ବର୍ଗର ଲୋକମାନେ ସୁସ୍ଥ ରହିବା ପାଇଁ ପ୍ରାତଃ ଭ୍ରମଣ ଟ୍ରାକ, ଯୋଗ, ଓପନ ଜିମନାସିୟମ, ଜିମନାସିୟମ, ଶିଶୁ କ୍ରୀଡ଼ା ଆଦି ବ୍ୟବସ୍ଥା ରହିଛି। ରାତିରେ ମଧ୍ୟ ଖେଳିବା ପାଇଁ ଆଲୋକ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ଉତ୍ତେଜନା

**ଆଠମଲ୍ଲିକ,୨୩।୧୧(ଡି.ଏନ.ଏ.)**

ଆଠମଲ୍ଲିକ ସହର ୨ ନମ୍ବର ୱାର୍ଡ ମୋଚି ସାହିର ଭରତ ମେହେର (୩୬)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ୬ ନମ୍ବର ୱାର୍ଡର ଏକ ପୋଖରୀରୁ ମୃତଦେହ ଆଠମଲ୍ଲିକ ପୋଲିସ ଜବତ କରିବା ପରେ ଉତ୍ତ୍ୟକ୍ତ ଲୋକେ ଆଠମଲ୍ଲିକ-ମାଧପୁର ୬୨ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଭରତଙ୍କ ମୃତଦେହ ଏକ ଢାବା ପଛପଟେ ଥିବା ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଆଠମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ପୋଖରୀରୁ ମୃତଦେହ ବାହାରକୁ ଆଣିବା ପରେ ପୋଲିସ ତାହାକୁ ଜବତ କରିଥିଲା। ଭରତଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଆଠମଲ୍ଲିକ-ମାଧପୁର ରାସ୍ତା ଅବରୋଧ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ନୀରୋଦ କୁମାର ଦାସ, ତହସିଲଦାର ସୋଫି ସାଇନିକ, ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଥାନାରେ ହତ୍ୟା ଅଭିଯୋଗ ହୋଇ ନ ଥିବା ଆଇଆଇସି ଦାସ ପ୍ରକାଶ କରିଛନ୍ତି।


ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।

# ଗ୍ୟାସ୍ ଦର ବୃଦ୍ଧିର ଜୋରଦାର ପ୍ରତିବାଦ

**ଅନୁଗୋଳ ଅଫିସ,୨୩।୧୧**

କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ମୂଲ୍ୟରେ ଅହେତୁକ ବୃଦ୍ଧି କରିଥିବାରୁ ଏହାର ପ୍ରତିବାଦ କରିଛି ବିଜେଡି। ମଙ୍ଗଳବାର ଅନୁଗୋଳ ଜିଲାର ସମସ୍ତ ବ୍ଲକ୍ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହିଳା-ଯୁବ-ଛାତ୍ର ବିଜେଡି ପକ୍ଷରୁ ଅନୁଗୋଳ, ବଅଁରପାଳ ବ୍ଲକ ଓ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ ନେତା ଅରୁଣାଭ ସିଂହ ଏହାର ନେତୃତ୍ୱ ନେଇଥିଲେ। ଗ୍ୟାସ ଦର ଶୀଘ୍ର ହ୍ରାସ କରା ନ ଗଲେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, ବଅଁରପାଳ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ, ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଜିଲା ପରିଷଦ ରୁବି ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ବ୍ଲକ ମହିଳା ବିଜେଡି ସଭାପତି କଲ୍ୟାଣୀ ବିଳାସ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ନନ୍ଦ, ବ୍ଲକ ଛାତ୍ର ବିଜେଡି ସଭାପତି ଦିବ୍ୟରଞ୍ଜନ ପ୍ରଧାନ, ପୌରପାଳିକା ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ସମ୍ମୁଖରେ ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ମହିଳା ବିଜେଡି ସଭାପତି ବିଦ୍ୟୁତ୍‌ଲତା ପ୍ରଧାନ, ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ତାପସ କୁମାର ସାହୁ, ଆଲୋକ ଦେହୁରୀ, ସରୋଜ ବିଶ୍ୱାଳ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ବ୍ଲକ ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ହିମାଂଶୁ ଶେଖର ପ୍ରଧାନ, ବ୍ଲକ ମହିଳା ବିଜେଡି ସଭାପତି ରଶ୍ମିରେଖା ମାହାର, ନଗର ବିଜେଡି ସଭାପତି ପ୍ରଦୀପ ଦାଶ, ନଗର ମହିଳା ବିଜେଡି ସଭାପତି ଆଶାଲତା ସାହୁ, ନଗର ଯୁବ ବିଜେଡି ସଭାପତି ସିଦ୍ଧାର୍ଥ ଶେଖର ମହାକୁଡ଼, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳାଇ, ବିଧାୟକଙ୍କ ବ୍ଲକ ପ୍ରତିନିଧି କ୍ଷୀରୋଦ କୁମାର ବଘାର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। କଣିହାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ବିଜେଡି ସଭାପତି କୈଳାସ ସାହୁଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ଅଫିସିଆଲ ପ୍ରତିନିଧି ନିର୍ମଳ ସାହୁ, ଯୁବ ବିଜେଡି ସଭାପତି ଗଗନ ରାଉତ, ଛାତ୍ର ବିଜେଡି ସଭାପତି ଦେବାଶିଷ ମହାନ୍ତି, କର୍ମୀ ଈଶ୍ୱର ସାହୁ, ହିମାଞ୍ଚଳ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଛେଣ୍ଡିପଦା ତହସିଲ ଅଫିସ ସମ୍ମୁଖରେ ବିଜୁ ମହିଳା, ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ , ଜିଲା ଯୁବ ବିଜେଡି ସଭାପତି ଦୀନେଶ କୁମାର ପ୍ରଧାନ, ଜିଲା ଉପସଭାପତି ସତ୍ୟବ୍ରତ ଦେହୁରୀ, ପ୍ରଦୀପ କୁମାର ସାହୁ, ସସ୍ମିତା ପ୍ରଧାନ, ବ୍ଲକ ମହିଳା ସଭାନେତ୍ରୀ ତୃପ୍ତୀ ମଞ୍ଜରୀ ଗଡନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ବିଷ୍ଣୁ ଚରଣ ବେହେରା, ଆରତୀ ଗଡନାୟକ, ରାମଚନ୍ଦ୍ର ବେହେରା, ସାରଥି ସାହୁ, ବାଲିପଟା ସରପଞ୍ଚ ରାକେଶ କୁମାର ଗଡନାୟକ ପ୍ରମୁଖ ବିକ୍ଷୋରେ ସାମିଲ ଥିଲେ।


ଅନୁଗୋଳ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଆଜିଠାରୁ କଳିଙ୍ଗରେ ...

ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଷେକ ଲାକ୍ରା, ସୁଦୀପ ଚିରମାକୋ ଓ ସୁନୀଲ ଜୋଜୋ। ଅଭିଷେକ, ସୁଦୀପ ଓ ସୁନୀଲ ଘରୋଇ ପରିବେଶରେ ପ୍ରଥମଥର ପାଇଁ ଏପରି ଏକ ବଡ଼ ଓ ସମ୍ମାନଜନକ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛନ୍ତି। ତେଣୁ ଏହା ସେମାନଙ୍କ ପାଇଁ ସ୍ମରଣୀୟ ରହିବ ନିଶ୍ଚିତ।

ବିଶ୍ୱକପ୍ ଆରମ୍ଭର ୨ ମାସ ପୂର୍ବରୁ ସେପ୍ଟେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏଫ୍ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ଧ୍ରୁବ ବାତ୍ରାଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ଟ୍ରଫି ଓ ଲୋଗୋ ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଏହି ଟୁର୍ନାମେଣ୍ଟ ଗୁଆହାଟୀରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ପରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ। ୨ ମାସ ସମୟ ମିଳିଥିଲେ ହେଁ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ପ୍ରକାଶଯୋଗ୍ୟ ଯେ ୨୦୧୮ରୁ ଓଡ଼ିଶା ସରକାର ଭାରତୀୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ପୂର୍ବରୁ ୫ ବର୍ଷ ପାଇଁ ଓଡ଼ିଶା ପ୍ରାୟୋଜକ ଥିବାବେଳେ ପରେ ଏହାକୁ ଆଉ ୧୦ ବର୍ଷ ଅର୍ଥାତ୍ ୨୦୩୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୨୦୨୩ ସିନିୟର ପୁରୁଷ ହକି ବିଶ୍ୱକପ୍ ମଧ୍ୟ ଓଡ଼ିଶାରେ ଅନୁଷ୍ଠିତ ହେବ। ଏହା ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ହେବ। ଜୁନିୟର ହକି ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୬ରେ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା ଓ ଏଥିରେ ଭାରତ ଟାଇଟଲ ହାସଲ କରିଥିଲା।

### ୧୯,୩୮୦ କୋଟିର ...

୨୦୨୧-୨୨ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିପୂର୍ବରୁ ଏହାକୁ ମନ୍ତ୍ରିପରିଷଦ ବୈଠକରେ ଅନୁମୋଦନ କରାଯାଇଛି। ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ, ବିଜୁ ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ଅଧିକ ବ୍ୟୟବରାଦ କରାଯାଇଛି। ଅନୁଦାନ ଟଙ୍କା ବିନିଯୋଗରେ ୩ରୁ ୫ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସୁଧାରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ପାନୀୟ ଜଳ ପ୍ରକଳ୍ପ ପାଇଁ ମଧ୍ୟ ବ୍ୟାପକ ଅର୍ଥ ବନ୍ଦୋବସ୍ତ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟ ବିଧାନସଭାରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧.୭୦ ଲକ୍ଷ କୋଟି ଟଙ୍କାର ମୂଳ ବଜେଟ୍ ଅନୁମୋଦନ ହୋଇଛି। କରୋନା କାଳରେ ବି ରାଜ୍ୟ ସରକାର ବିଗତ ବର୍ଷ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷର ମୂଳ ବଜେଟ ଆକାରକୁ ୧୭% ବୃଦ୍ଧି କରିଥିଲେ।

### ଲକ୍ଷଣ ଥିଲେ ସ୍କୁଲ ନ ...

ଯେଉଁମାନଙ୍କଠାରେ ଲକ୍ଷଣ ଦେଖାଯାଉଛି ସେମାନେ ସ୍କୁଲ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଏପରିକି ସ୍କୁଲ ଓ କଲେଜ କର୍ତ୍ତୃପକ୍ଷ ମଧ୍ୟ ଏହା ଉପରେ ନଜର ରଖିବାକୁ କହିଛନ୍ତି। ଶିକ୍ଷାନୁଷ୍ଠାନରେ କଡ଼ାକଡ଼ି କରୋନା ନିୟମ ପାଳନ କରିବାକୁ କୁହାଯାଇଛି। ଭୟଭୀତ ନ ହୋଇ ସଚେତନ ରହିଲେ କରୋନା ସଂକ୍ରମଣକୁ ରୋକିହେବ ବୋଲି ଡା. ମିଶ୍ର କହିଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୪୮,୧୪୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୧୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ବୟସ୍କର ୭୦ଜଣ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରେ ୯୦ଜଣ ଥିବାବେଳେ ସୁନ୍ଦରଗଡ଼ରେ ୩୯ଜଣ ଓ ବାକିସବୁ ଜିଲାରେ ଏହି ସଂଖ୍ୟା ୧୫ତଳେ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୪୭,୩୮୬କୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ଭୁବନେଶ୍ୱରର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୩୯୬ରେ ପହଞ୍ଚିଛି। ଅନ୍ୟପଟେ ଆଉ ୨୫୫ଜଣ କରୋନାରୁ ସୁସ୍ଥ ହେବାପରେ ରାଜ୍ୟରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୦,୩୭,୦୦୧କୁ ଛୁଇଁଛି। ବର୍ତ୍ତମାନ ରାଜ୍ୟରେ ୧,୯୩୬ଜଣ ସକ୍ରିୟ ରୋଗୀ ରହିଛନ୍ତି।

### ୪୪ ତମ ସ୍ଥାନରେ...

୧୦ ଲକ୍ଷରୁ ଅଧିକ ଲୋକସଂଖ୍ୟା ରହିଛି। ବଳକା ୧୨ଟିରେ ୧୦ ଲକ୍ଷରୁ କମ୍ ଲୋକ ବାସ କରନ୍ତି। ପ୍ରତି ଏସ୍‌ଡିଜି ପାଇଁ ସହରାଞ୍ଚଳଗୁଡ଼ିକୁ ୦ରୁ ୧୦୦ ର୍ୟାଙ୍କ୍ ମିଳିଥାଏ। ୨୦୩୦ ସୁଦ୍ଧା ଧାର୍ଯ୍ୟ ବିକାଶ ଲକ୍ଷ୍ୟ ହାସଲ କରୁଥିବା ସହରକୁ ୧୦୦ ମାର୍କ ଦିଆଯାଏ। ୦ରୁ ୪୯ ର୍ୟାଙ୍କ୍ ପାଉଥିବା ସହର ଲକ୍ଷ୍ୟ ପୂରଣ ପାଇଁ ଆଶାୟୀ ଥିବା ବୁଝାଯାଏ। ସେହିପରି ୫୦-୬୪ ର୍ୟାଙ୍କଧାରୀ ସହର ପରଫର୍ମର, ୬୫-୯୯ ର୍ୟାଙ୍କଧାରୀକୁ ଫ୍ରଣ୍ଟରନର୍ସ କୁହାଯାଏ।

### ସୁନ୍ଦରଗଡ଼ରେ ୫୩ ...

ଜଣାପଡିଛି। କରୋନା ପଜିଟିଭ ଚିହ୍ନଟ ପରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ଏହି ବିଦ୍ୟାଳୟକୁ ୭ ଦିନ ପାଇଁ ବନ୍ଦ ରଖାଯାଇଛି। ବିଦ୍ୟାଳୟ ଓ ହଷ୍ଟେଲକୁ ଆବଶ୍ୟକ ବିଶୋଧନ ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଯେପରି ପଜିଟିଭ ସଂଖ୍ୟା ନ ବଢିବ ସେଥିପାଇଁ କଣ୍ଟାକ୍ଟ ଟ୍ରେସିଂକୁ ଗୁରୁତ୍ୱ ଦିଆଯାଉଛି। କରୋନା ପଜିଟିଭ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜିଲାପାଳ କଲ୍ୟାଣ ପ୍ରକାଶ କରିଛନ୍ତି।

# ବିଜୁ ସେତୁ ଯୋଜନାରେ ୫୫୦ ନୂଆ ପ୍ରକଳ୍ପ

**■ ଗଜପତି, କନ୍ଧମାଳ ଜିଲାକୁ ପାନୀୟ ଜଳ ଯୋଗାଣ**

**■ ୬୨୨.୧୩ କୋଟି ଟଙ୍କା ଟେଣ୍ଡରକୁ କ୍ୟାବିନେଟ ମୋହର**

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ ରାଜ୍ୟର ପ୍ରତି କୋଣଅନୁକୋଣରେ ସେତୁ ନିର୍ମାଣ କରିବା ପାଇଁ ୩୯୬ ସେତୁ ନିର୍ମାଣ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏବେ ଏହି ଯୋଜନାରେ ଆହୁରି ୫୫୦ ନୂତନ ପ୍ରକଳ୍ପକୁ ସାମିଲ କରାଯାଇଛି। ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏହି ଯୋଜନାରେ ୫୧୮୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି। ରାଜ୍ୟ ସରକାର ଜଳ ଜୀବନ ମିଶନ ଯୋଜନାରେ ଗଜପତି ଓ କନ୍ଧମାଳ ଜିଲାରେ ୩ଟି ବୃହତ୍ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସକାଶେ ଡକାଯାଇଥିବା ୬୨୨.୧୩ କୋଟିର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଉପରୋକ୍ତ ଜିଲାର ୫ ବ୍ଲକ ଅଧୀନରେ ୮୨ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୯୨୦ ଗ୍ରାମରେ ବାସ କରୁଥିବା ପ୍ରାୟ ୨,୮୨,୫୦୫ ଜଣଙ୍କୁ ନିରାପଦ ପାନୀୟ ଜଳ ମିଳିପାରିବ।

# ନାଇଜେରିଆନ ଗ୍ୟାଙ୍ଗ୍ ସଦସ୍ୟ ଗିରଫ

**ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତି ସନ୍ଦେହ**

**■ ବେଙ୍ଗାଲୁରୁରୁ ଧରିଲା ଦିଲ୍ଲୀ ପୋଲିସ**

**■ ପଚରାଉରା ପାଇଁ ଦିଲ୍ଲୀରେ ପହଞ୍ଚିଲା ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ୍**

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ସାଇବର ଠକେଇରେ ସମ୍ପୃକ୍ତ ନାଇଜେରିଆନ ଗ୍ୟାଙ୍ଗ୍‌ର ଆଉଜଣେ ସଦସ୍ୟଙ୍କୁ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ଉକୁଉଦିରି ପାଣ୍ଟାଲ (୪୦)। ଦିଲ୍ଲୀ ପୋଲିସ ତାଙ୍କୁ ୮ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ସିଇଓ ତଥା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରି ୫ଜଣ ସମ୍ପର୍କୀୟଙ୍କଠାରୁ ୭ଲକ୍ଷ ଟଙ୍କା ଠକେଇ ଘଟଣାରେ ପାଣ୍ଟାଲଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତାଙ୍କୁ ପଚରାଉଚରା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚର ୨ଜଣ ଟିମ୍ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଥିବା ସୂଚନା ମିଳିଛି। ପୂର୍ବରୁ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ଚିମେଲିନ୍ ଇମାନୁଏଲ୍ ଆନିଏତାଲଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଉକୁଦିରି ତାଙ୍କ ସହଯୋଗୀ ବୋଲି କୁହାଯାଉଛି। ଏନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ସେଥିପାଇଁ ଏକ ୨ଜଣିଆ ଟିମ୍‌କୁ ଦିଲ୍ଲୀ ପଠାଯାଇଛି। ଉକ୍ତ ଟିମ୍ ଏନେଇ ସୂଚନା ଦେଲେ ଗଣାମାଧ୍ୟମକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ତାରିଖରେ ଏକ ଅଜଣା ନମ୍ବରରୁ ମନୋଜଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ହେଲେ ୩୦ ସେକେଣ୍ଡ ଧରି କେହି କିଛି ନ କହିବାରୁ ସେ ଉକ୍ତ କଲ୍‌କୁ କାଟି ଦେଇଥିଲେ। ପରେ ମନୋଜଙ୍କ ୫ଜଣ ସମ୍ପର୍କୀୟଙ୍କୁ ଫୋନ୍ କରି ଟଙ୍କା ମାଗି ନେଇଥିଲେ। ତଦନ୍ତ ସମୟରେ ହ୍ୱାଟ୍ସଆପ୍ ହ୍ୟାକ୍ କରାଯାଇଥିବା ଜାଣିବାକୁ ମିଳିଥିଲା। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ନିଜ ଆଡୁ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# କୋରାପୁଟ, ମାଲକାନଗିରି ଜିଲା ପାଇଁ ପାନୀୟ ଜଳ ପ୍ରକଳ୍ପ

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)- ରାଜ୍ୟ ସରକାର ଜଳଜୀବନ ମିଶନ ଯୋଜନାରେ କୋରାପୁଟ ଓ ମାଲକାନଗିରି ଜିଲାର ୮ ବ୍ଲକକୁ ପାନୀୟ ଜଳ ଯୋଗାଇ ଦେବେ। କୋରାପୁଟ ଜିଲାର ୬ ବ୍ଲକ ଅଧୀନରେ ଥିବା ୫୪ ପଞ୍ଚାୟତର ୫୬୮ ଗ୍ରାମର ୨,୪୫,୭୪୮ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଡକାଯାଇଥିବା ୪୬୨.୪୮ କୋଟି ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ। ସେହିପରି ମାଲକାନଗିରି ଜିଲାର ୨ ବ୍ଲକ ଅଧୀନରେ ଥିବା ୧୯ ପଞ୍ଚାୟତର ୧୩୬ ଗ୍ରାମର ୧,୦୮,୯୬୯ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୯୨.୮୮ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଆସନ୍ତା ୨୪ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବ।

**ଓଏସ୍‌ଜେଏସ୍ ଏବଂ ଓଜେଏସ୍ ନିୟମାବଳୀରେ ସଂଶୋଧନ**

ଜିଲା ଜଜ୍ କ୍ୟାଡର ନିଯୁକ୍ତି ପ୍ରକ୍ରିୟାକୁ ସହଜ କରିବା ପାଇଁ ଓଏସଜେଏସ ଏବଂ ଓଜେଏସ ନିୟମାବଳୀରେ ସଂଶୋଧନ କରାଯାଇଛି। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

# ନଭେମ୍ବର ପାଇଁ ଆଇସିଡିଏସ୍ ପ୍ରକଳ୍ପରେ ଛତୁଆ ମିଶ୍ରଣ

**■ ୫୪୧ ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ**

**■ ୨୪,୯୯,୫୩୧ ହିତାଧିକାରୀ ଉପକୃତ**

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ରାଜ୍ୟର ଗର୍ଭବତୀ ଓ ପ୍ରସୂତି ଏବଂ ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କ ପରିପୂରକ ପୁଷ୍ଟିସାଧନ ନିମନ୍ତେ ପ୍ରତି ମାସରେ ନିର୍ଦ୍ଧାରିତ ପରିମାଣର ଟେକ୍ ହୋମ୍ ରାଶନ (ଟିଏଚ୍ଆର୍) ଯୋଗାଇ ଦିଆଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ୫-'ଟି' ଉପକ୍ରମ ଆଧାରରେ ଟିଏଚ୍ଆର୍‌ରେ ମୁଖ୍ୟତଃ ପ୍ରଦାନ କରାଯାଉଥିବା ଛତୁଆର ମିଶ୍ରଣ ଓ ବଣ୍ଟନରେ ସ୍ୱଚ୍ଛତା ଏବଂ ଗୁଣାତ୍ମକ ଉତ୍କର୍ଷ ଆଣିବା ଲକ୍ଷ୍ୟରେ ପ୍ରତି ମାସର ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ କରାଯାଉଛି। ଏହିକ୍ରମରେ ନଭେମ୍ବର ମାସ ପାଇଁ ଆଜି ୨୩ ତାରିଖରେ ରାଜ୍ୟର ସମସ୍ତ ଆଇସିଡିଏସ୍ ପ୍ରକଳ୍ପରେ ଛତୁଆ ମିଶ୍ରଣ କରାଯାଇଛି। ଏହି ମିଶ୍ରଣ ବ୍ୟବସ୍ଥାକୁ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନର ବରିଷ୍ଠ ପଦାଧିକାରୀ ଏବଂ ଆଇସିଡିଏସ୍ କର୍ମକର୍ତ୍ତାମାନେ ତଦାରଖ କରିଛନ୍ତି। ଛତୁଆ ପ୍ରସ୍ତୁତି ପାଇଁ ରାଜ୍ୟର ୫୪୧ ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହୋଇଛନ୍ତି। ସମୁଦାୟ ୨୪,୯୯,୫୩୧ଜଣ ହିତାଧିକାରୀ ଉପକୃତ ହେଉଥିବାବେଳେ ୭,୩୨,୧୦୨ଜଣ ଗର୍ଭବତୀ ଓ ପ୍ରସୂତି ଏବଂ ୬ ମାସରୁ ୩ ବର୍ଷ ବୟସର ୧୭,୬୭,୪୨୯ଜଣ ଶିଶୁ ରହିଛନ୍ତି। ସୂଚନାଯୋଗ୍ୟ, ଛତୁଆ ପ୍ରସ୍ତୁତି, ବଣ୍ଟନ ତଥା ପରିଚାଳନାକୁ ବ୍ୟବସ୍ଥିତ କରିବା ପାଇଁ 'ମୋ ଛତୁଆ' ଆପ୍‌ର ବିକାଶ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଛତୁଆ ପ୍ରସ୍ତୁତି ପାଇଁ ସାମଗ୍ରୀ ସଂଗ୍ରହ ଓ ତା'ର ଗୁଣବତ୍ତାକୁ ପରୀକ୍ଷଣ କରିବା ସହ ଯଥେଷ୍ଟ ସ୍ୱଚ୍ଛତା ଅବଲମ୍ବନ କରି ଯାନ୍ତ୍ରିକ ପ୍ରଣାଳୀରେ ମିଶ୍ରଣ କରାଯାଉଛି।

**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 14420
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Twitter: Hinjilicutmunicipality
Letter No.3918/2021 Date: 20.11.2021
**Corrigendum of e-Tender Call Notice No. HIN-MUN-04/2021-22**
**Published vide Letter No. 3867, Dt.12.11.2021**
No. C-1356: The DTCN published vide E-Tender Call Notice No. **HIN-MUN-04/2021-22, published vide Letter No. 3867/12.11.2021** has been changed, please ignore the previous cost of Bid document amount of DTCN, refer the revised DTCN & the cost of Bid document has been changed for online bidding. The all other terms & condition remain unchanged.
OIPR-13105/11/0024/2122 Sd./- Executive Officer, Hinjilicut Municipality

**OFFICE OF THE NOTIFIED AREA COUNCIL SURADA, GANJAM**
Main Road, Surada, Ganjam, Odisha, PIN: 761108
Phone: 06819-270129, Fax: 06819-270129; Email: officerexecutive14@yahoo.com
Letter No. 1786/NAC Date: 20.11.2021
**e-Procurement Notice**
**Tender Call Notice No.- SURADA/NAC/2021-22/03**
**Tender Id- 2021_ORULB_72851**
No. C-1352:- **1. Name of the work:** Individual civil construction works as published in the website. **2. No. of works put to tender:** 16 nos. of work. **3. Estimated cost:** Rs.96,000/- to Rs.17,72,000/-. **4. Period of Completion:** 30 to 45 days. **5. Date & time of availability of bid documents in the portal:** From 10.00 Hours of Dt. 22.11.2021 to 17.00 Hours of Dt.02.12.2021. **6. Last Date/time for receipt of bids in the portal:** 17.00 Hours of 02.12.2021. **7. Date to required documents to be submitted:** On 03.12.2021 (during the Office Hours). **8. Date and time of opening of bid:** 11.00 Hours of 04.12.2021. **9. Name and address of the officer Inviting Bid:** Executive Officer, Surada NAC, Surada.
Further details can be seen from the e-procurement portal https://tendersodisha.gov.in
Sd./- Executive Officer, NAC, Surada, Ganjam
OIPR-13101/11/0007/2122

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK), LEWIS ROAD, BHUBANESWAR - 14
**INVITATIONS FOR BIDS (IFB)**
Letter No. 4719 Date: 20.11.2021
No. CAD-1943 **NOTICE INVITATION FOR BIDS (NIFB)**
**E-Procurement Notice No. BP-I/19/2021-22 Dt.20.11.2021**

| | | |
|---|---|---|
| 1. | Nature of Work | Civil & Miscellaneous Work |
| 2. | Total No. of Works | 10 Nos. |
| 3. | Value of Works | Upto 307.95 lakhs |
| 4. | Bid Security & Class of Contractor | As per NIT |
| 5. | Period of Completion | Upto 9 (Nine) Months |
| 6. | Availability of Bid Online | From 22.11.2021 to 06.12.2021 |
| 7. | Date, time & place of Opening of Tender | 11.30 hours of Dt.07.12.2021 in the Office of the S.E., OTDC Ltd., Bhubaneswar |

Further details can be seen from the Govt. website: www.etenderodisha.gov.in.
Sd./- Supt. Engineer, O.T.D.C. Ltd., BBSR
OIPR-37002/11/0014/2122

**BLOCK DEVELOPMENT OFFICE, LAKHANPUR**
**TENDER CALL NOTICE**
No. 4252 Date: 20.11.2021
No. i-219: The Block Development Officer, Lakhanpur invites percentage rate basis tender for construction of 11 Nos. of Mission Shakti Gruha. The sale of bid documents starts from **Dt.22.11.2021 to Dt.29.11.2021** during the office hour and receipt of the bid documents starts from **Dt.22.11.2021 to Dt.30.11.2021 upto 5.00 P.M.** on all working days in the office of the Block Development Office, Lakhanpur. The bid will be opened on **Dt.01.12.2021 at 11.00 A.M.** Intending Class-C or Class-D contractors may visit district website of Jharsuguda **www.jharsuguda.nic.in** for details information.
Sd./- Block Development Officer, Lakhanpur
OIPR-19143/11/0004/2122

No. C-1360
**OFFICE OF THE EXECUTIVE ENGINEER, P.H. DIVISION, KORAPUT**
Tel./Fax: 06852-250740, e-mail: eephkrp@nic.in, eephkrp@gmail.com
**GOVERNMENT OF ODISHA "e" Procurement Notice**
**e-Procurement Notice for 2021-22**
**Bid Identification No. EE, PH. KPT-06 of 2021-22 Dt.16.11.2021**

| | | |
|---|---|---|
| 1. | No. of the Works | 1 No. |
| 2. | Estimated Cost | Rs.17.70 lakh (Approx.) |
| 3. | Period of Completion | 4 Months |
| 4. | Date & time of availability of bid document in the portal | From 11.00 A.M. of 23.11.2021 to 05.00 P.M. of 03.12.2021 |
| 5. | Last date/time of receipt of bids in the portal | 05.00 P.M. of 03.12.2021 |
| 6. | Date & time of opening of bids | 11.00 A.M. of 04.12.2021 |
| 7. | Name and address of the Officer Inviting Bid | Executive Engineer, P.H. Division Koraput |

Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Sarbeswar Jena)
Executive Engineer
P.H. Division Koraput
OIPR-13008/11/0007/2122

**OFFICE OF THE NOTIFIED AREA COUNCIL, PIPILI**
No.C-1357 **"e" - Procurement Notice**
**BID REFERENCE NO. (PIPILI-NAC-6/2021-22)**
**TENDER CALL NOTICE NO.2361/Dt.22.11.2021**
1. Name of the work:- **Civil construction works.**
2. No. of works:- **10 (Ten)**
3. Bid Value and Period of completion:- **As per DTCN**
4. Date & time of availability:- **from 11 A.M. on 26.11.2021 to 5 P.M. on 07.12.2021.**
5. Opening of Online Received Bid:- **Dt.09.12.2021 at 2.00 PM onwards.**
6. Bid Inviting Authority:- **Executive Officer, Pipili NAC.**
Further details seen from the e-procurement portal:- **https://www.tendersodisha.gov.in**
Sd./- Executive Officer, Pipili NAC
OIPR-13107/11/0010/2122

**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY, KARANJIA, DIST.- MAYURBHANJ**
**E-PROCUREMENT NOTICE**
**BID IDENTIFICATION No. - 03/2021-22**
**Ph. No. 06796-220212, e-mail: itdakja@nic.in**
No. 2158 Dtd.: 22.11.2021
No. CAD-1949: Bid documents consisting of Work, Estimated Costs, Cost of Tender Papers, Time of Completion, Class of Contractors and the set of terms and conditions of contract and other necessary documents can be seen/downloaded from Govt. website i.e. **https://tendersodisha.gov.in**.

| | | |
|---|---|---|
| 1. | No. of works | 05 Nos. |
| 2. | Estimated Cost | Varies from Rs.87.40 lakh to 88.14 lakh |
| 3. | Period of Completion | 9 Calendar Months |
| 4. | Date & Time of availability of the Bid documents | From 10.00 A.M. of 25.11.2021 to 5.00 P.M. of 07.12.2021 |
| 5. | Last date & time of receipt of Bids in the portal | Dt.07.12.2021 upto 5.00 P.M. |
| 6. | Bids received online shall be opened on | Dt.09.12.2021 - 11.00 A.M. onwards |
| 7. | Name and address of the Officer Inviting Bids | Project Administrator, ITDA, Karanjia |

Further details can be seen/downloaded from the procurement portal i.e. **https://tendersodisha.gov.in**.
Sd./- Project Administrator, ITDA, Karanjia
OIPR-26010/11/0002/2122

**ODISHA PUBLIC SERVICE COMMISSION**
**NOTICE**
No. 8473 /P.S.C., Dt.22.11.21
(1E-1-2021-22) (DR-II)
**No.D-205:-** This Corrigendum is issued for information of all concerned that due to technical issues, Advt. No. 19 of 2021-22, for the post of Assistant Professor (Broad Speciality) could not be configured. Accordingly, the online registration date as well as final submission date has been revised as follows:-
Online Registration & payment date **"from 22.11.2021 to 20.12.2021"** has been now changed to **"from 03.12.2021 to 03.01.2022"**.
Online submission of application **"from 22.11.2021 to 27.12.2021"** has been now changed to **"from 03.12.2021 to 10.01.2022"**.
The other conditions of the advertisement remain unchanged.
The concerned candidates are advised to visit the website of the Commission at www.opsc.gov.in
OIPR-12002/11/0140/2122 Sd./- Secretary

**GOVERNMENT OF ODISHA** No. A-644
**"e" PROCUREMENT NOTICE**
**Bid Identification No. CCE,KIP (KRC&BD) - 11/2021-22**
**(Pertaining to Kanupur Rehabilitation Campus & Building Division, Basudevpur)**

| | | |
|---|---|---|
| 1 | Name of the work | "Construction of High Level Bridge over Suna River at Lahanda of Kanupur Irrigation Project". |
| 2 | Estimated Cost | Rs.455.44 lakh |
| 3 | Period of Completion | 18 (Eighteen) Calendar months including rainy season |
| 4 | Date & Time of availability of bid document in the portal | Dt.23.11.2021 from 10.00 hours to Dt.07.12.2021 upto 17.00 hours |
| 5 | Last date/time of receipt of bid in the portal | Dt.07.12.2021 upto 17.00 hours |
| 6 | Name & Address of the Officer Inviting Bid | Er. Prasanna Kumar Pani Chief Construction Engineer, Kanupur Irrigation Project, At/P.O.- Basudevpur, Dist.- Keonjhar, Odisha - 758047 |

Further details can be seen from e-Procurement portal www.tendersodisha.gov.in.
Sd./- (Er. Prasanna Kumar Pani)
Chief Construction Engineer
Kanupur Irrigation Project
Basudevpur, Keonjhar
OIPR-32236/11/0006/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER, MAHANADI BASIN, BURLA-768017**
E-mail Id- cebmumbburla@gmail.com
**'e' Procurement Notice No.- UMB-14/2021-22 (Online)**
**BID IDENTIFICATION NO. UMB-14/2021-22 (Online) DATED 16.11.2021**
No.A-643:-

| | | | |
|---|---|---|---|
| 1 | Type of the work | : | "Rehabilitation and Renovation of Bargarh Main Canal from RD 00 KM to RD 84.277 Km of Hirakud Distribution System (Cement Concrete Lining of Bargarh Main Canal from RD 00 KM to 25.00 KM)" |
| 2 | No. of works | : | 01 (one) No. |
| 3 | Class of contractor | : | "Super" Class |
| 4 | Bid Identification No. | : | UMB-14/2021-22 (Online) |
| 5 | Estimated cost | : | Rs.178.57 Crore (Approx.) |
| 6 | Period of completion | : | 24 (twenty-four) Calendar Months |
| 7 | Date and time of availability of bid documents in the portal | : | Dt.26.11.2021 at 11.00 AM to Dt.27.12.2021 upto 5.00 PM. |
| 8 | Last date/time for receipt of bids in the portal | : | Dt.27.12.2021 upto 5.00 PM. |
| 9 | Date of opening of Technical Bid (Cover-I) | : | Dt.28.12.2021 at 11.30 AM, O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha, 768017, Email Id: cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website: http://tenderodisha.gov.in
Sd./- Chief Engineer & Basin Manager, Mahanadi Basin, Burla
OIPR-32048/11/0017/2122

**OFFICE OF THE GENERAL MANAGER, WATCO DIVISION, CUTTACK**
No. C-1359 Telephone/e-mail/FAX: 0671-2547115/gmwatcoctc@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Bid Identification No. WATCO(P)-11/2021-22 Dtd. 20.11.2021**
1. **Name of the work:** Supply of ISI Marked Centrifugally Cast (Spun) Ductile Iron (K-7 & K-9) Socket & Spigot Pressure Pipes conforming to IS:8329 and its subsequent amendments and ISI Marked Rubber Gaskets (IS:5382) for Push-on type Flexible Joints of DI Pipes of different diameters required for the work "Shifting of utility services due to widening of Taladanda Canal Road from Ranihat to Chhatrabazar culvert, Cuttack & near Matrubhawan"
2. Period of Completion : 2 (Two) Calendar months.
3. Date & Time of availability of bid document in portal : From 11.00 A.M. of Dt.24.11.2021 to 5.00 P.M. of Dt.09.12.2021
4. Last date/time of receipt of bids in the portal : 09.12.2021 upto 05.00 P.M.
5. Date & time of opening of bids : 10.12.2021 at 11.00 A.M.
6. Name and Address of the Officer Inviting Bid : The General Manager, WATCO Division, Cuttack- 753003, Odisha, Ph. (0671) 2547115, email: gmwatcoctc@gmail.com
7. The bidders have to participate in ONLINE bidding only.
**Further details can be seen from the website www.tendersodisha.gov.in**
Sd./- GENERAL MANAGER, WATCO DIVISION, Cuttack
OIPR-13170/11/0014/2122

**GOVT. OF ODISHA**
**OFFICE OF THE CHIEF ENGINEER & BASIN MANAGER**
**MAHANADI, BRAHMANI & BAITARANI SYSTEM, CHANDIKHOLE**
**Cancellation of "e" Procurement Notice No. CE & BM, MBBS 01 of 2021-22 and Bid Identification No. CE & BM, MBBS 01 of 2021-22**
No. A-645: The tender invited vide this office e-Procurement Notice No. **CE & BM MBBS 01 of 2021-22** and Bid Identification No. **CE&BM MBBS 01 of 2021-22** for the work "Construction of Integrated Barrage across river Kochila near Village: Kuturia of Bhadrak district and across river Baitarani near Village - Dhobabil of Jajpur District in the State of Odisha including hydro-mechanical works, power connectivity works, road connectivity, staff quarters including survey, investigation, planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project" is hereby cancelled due to unavoidable circumstances.
Sd./- (Er. Chandeswar Behera)
Chief Engineer & Basin Manager
Mahanadi, Brahmani & Baitarani System, Chandikhole
OIPR-32415/11/0004/2122

# ୧୧ ବର୍ଷରେ ୧୧ ସନ୍ତାନ



**ୱାଶିଂଟନ:** ଜଣେ ଆମେରିକୀୟ ମହିଳା ତାଙ୍କ ବିବାହ ପରଠାରୁ ପ୍ରାୟ ପ୍ରତିବର୍ଷ ଗର୍ଭବତୀ ହୋଇ ଆସୁଛନ୍ତି। ଖୁବଶୀଘ୍ର ତାଙ୍କର ଦ୍ୱାଦଶ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ତେବେ ମହିଳା ଏଥିପାଇଁ ଅନେକ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ସୋସିଆଲ ମିଡିଆରେ ମଧ୍ୟ ଟ୍ରୋଲ କରାଯାଉଛି। କିନ୍ତୁ ଏହା ତାଙ୍କ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ। କୋର୍ଟନି ରୋଜର୍ସ ନାମକ ଏହି ମହିଳା ତାଙ୍କ ବିବାହ ପରଠାରୁ ଗର୍ଭନିରୋଧକ ବ୍ୟବହାର କରିନାହାଁନ୍ତି। ଆମେରିକାର ନ୍ୟୁ ମେକ୍ସିକୋ ଅଞ୍ଚଳରେ ରହୁଥିବା କୋର୍ଟନି ରୋଜର୍ସଙ୍କ ଇନଷ୍ଟାଗ୍ରାମରେ ୨୯ ହଜାର ଫଲୋଅର୍ସ ଅଛନ୍ତି। ଏତେ ସଂଖ୍ୟକ ସନ୍ତାନ ଜନ୍ମ ଦେଇଥିବାରୁ ତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡୁଛି। ୩୭ ବର୍ଷୀୟ କୋର୍ଟନି, ପାଦ୍ରି କ୍ରିସଙ୍କୁ ବିବାହ କରିଥିଲେ ଏବଂ ସେବେଠାରୁ ପ୍ରତିବର୍ଷ ଗର୍ଭବତୀ ହେଉଛନ୍ତି। ଦ୍ୱାଦଶ ଥର ପାଇଁ କୋର୍ଟନି ମା' ହେବାକୁ ଯାଉଛନ୍ତି ଏବଂ ଆସନ୍ତା ମାର୍ଚ୍ଚରେ ତାଙ୍କର ପ୍ରସବ ତାରିଖ ରହିଛି। ଏହି ଦମ୍ପତି ଏ ପର୍ଯ୍ୟନ୍ତ ୧୧ଟି ସନ୍ତାନ ଜନ୍ମ ଦେଇଛନ୍ତି। କ୍ଲିଣ୍ଟ, କ୍ଲେ, କେଡ, କ୍ୟାଲି, କ୍ୟାଶ, କଲ୍ଟ, କେସ, କୈଲିନା, କୌରାଲି ଏବଂ କ୍ୟାରିସି। ଏଥିମଧ୍ୟରୁ ଜ୍ୟେଷ୍ଠ ସନ୍ତାନର ବୟସ ଏଗାର ବର୍ଷ ଏବଂ ସାନପୁଅର ବୟସ ପ୍ରାୟ ଏକ ବର୍ଷ। କୋର୍ଟନ କହିଛନ୍ତି ଯେ, ସେ ନିଜେ ତାଙ୍କର ସମସ୍ତ ପିଲାମାନଙ୍କର ଯତ୍ନ ନିଅନ୍ତି। ପିଲାମାନଙ୍କୁ ନିଜର ଚାଷଜମିରୁ ଅମଳ ପନିପରିବା ଖାଇବାକୁ ଦିଅନ୍ତି। ରୋଜର୍ସଙ୍କ ସ୍ୱାମୀ ଘର ଚଳାଇବା ସହିତ ଏକ ଚର୍ଚ୍ଚରେ କାମ କରନ୍ତି। ସେ କହିଥିଲେ ଯେ ସେ ସର୍ବଦା ଜଣେ ମା ହେବାକୁ ଚାହାଁନ୍ତି ଏବଂ ତାଙ୍କ ସ୍ୱାମୀ ତାଙ୍କ ମା' (କୋର୍ଟନିଙ୍କ ଶାଶୁ) ଙ୍କ ପରି ଅତି କମ୍‌ରେ ୧୦ଟି ସନ୍ତାନ ପ୍ରସବ କରିବାକୁ କହିଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇଛି। କୋର୍ଟନି କହିଛନ୍ତି, ମୋର ଦଶମ ସନ୍ତାନ ଜନ୍ମ କରିବା ପରେ ମଧ୍ୟ ମୁଁ ପୂର୍ବ ପରି ଛୋଟ ଦେଖାଯାଉଥିଲି, ତେଣୁ ମୁଁ ୧୦ ବଦଳରେ ଏକ ଡଜନ ପିଲାଙ୍କ ମା' ବୋଲି କହିବାକୁ ସ୍ଥିର କଲି।



# ଦିବ୍ୟାଙ୍କ ଦେବୀ ଅବତାର

**ମୁମ୍ବାଇ:** ବଲିଉଡ ଅଭିନେତା ଜନ୍ ଆବ୍ରାହମଙ୍କ ମୁଭି 'ସତ୍ୟମେବ ଜୟତେ ୨' ଏବେ ରିଲିଜ୍ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ସାରିଛି। ନଭେମ୍ବର ୨୫ରେ ଥିଏଟରରେ ଏହି ମୁଭି ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଦେବାକୁ ଅପେକ୍ଷା ରଖିଛି। ଏହି ଫିଲ୍ମର ଆଉ ଏକ ନୂଆ ଗୀତ ଏବେ ନିର୍ମାତା ରିଲିଜ୍ କରି ଦେଇଛନ୍ତି। ଏହା ହେଉଛି 'ମା' ଶେରାୱାଲି'। ଅଭିନେତ୍ରୀ ଦିବ୍ୟା ଖୋସଲା ଏଥିରେ ଅଭିନୟ କରିଛନ୍ତି। ଶେରାୱାଲି ଗୀତ ଲଞ୍ଚ ହେଉ ହେଉ ୟୁଟ୍ୟୁବରେ ଅପଲୋଡ ହେବାର ମାତ୍ର ୩ ଘଣ୍ଟା ମଧ୍ୟରେ ଗୀତଟିକୁ ୩ ଲକ୍ଷ ୟୁଜର୍ସ ଦେଖି ସାରିଛନ୍ତି। ଏହା 'ମା ମେରି ମା ସେ ମିଲାଦେ ମୁଝେ'ର ରିମେକ ଭର୍ସନ ବୋଲି କୁହାଯାଉଛି। ଏହି ଗୀତରେ ଦିବ୍ୟା ଖୋସଲାଙ୍କୁ ବିଲକୁଲ ଅଲଗା ଅନ୍ଦାଜରେ ଦେଖିବାକୁ ମିଳିଛି। ଏହାକୁ ପାୟଲ ଦେବ ଓ ସଚତ ଟଣ୍ଡନ ଗାଇଥିବା ବେଳେ ପ୍ରଶଂସକ ଗୀତଟିକୁ ଦେଖି ଭଲ ପ୍ରତିକ୍ରିୟା ଦେଉଛନ୍ତି। ମିଲନ ମେଲାପ ଜାବେରୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ସତ୍ୟମେବ ଜୟତେ ୨' ୨୦୧୮ର ଆକ୍ସନ ଫିଲ୍ମ ସତ୍ୟମେବ ଜୟତେର ସିକ୍ୱେଲ । ଏଥିରେ ଜନ୍ ଆବ୍ରାହମଙ୍କ ସହ ଦିବ୍ୟା ଖୋସଲା ଜବରଦସ୍ତ ରୋମାନ୍ସ କରୁଥିବା ଦେଖାଯିବ। ଫିଲ୍ମରେ ଆଉ ଏକ ପଞ୍ଜାବୀ ଗୀତର ରିମେକ ମଧ୍ୟ ଦେଖିବାକୁ ମିଳିବ। 'ଅବ୍ ତୁମ୍‌ହାରେ ହବାଲେ ବତନ୍ ସାଥିଓ'ରେ ଦିବ୍ୟା ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏବେ ପ୍ରାୟ ୧୭ ବର୍ଷ ପରେ ପୁଣି କମ୍‌ବ୍ୟାକ୍ କରିଛନ୍ତି। ଅଭିନେତ୍ରୀ ସହ ସେ ଜଣେ ନିର୍ଦ୍ଦେଶିକା ମଧ୍ୟ। ୟାରିୟାଁ, ସନମ୍ ରେ ଭଳି ଚଳଚ୍ଚିତ୍ରରେ ସେ ନିର୍ଦ୍ଦେଶନା ଦେଇଛନ୍ତି। ୟାଦ ପିୟା କି ଆନେ ଲାଗି, ତେରି ଆଖୋଁ ମେ ଭିଡିଓ ଆଲବମ୍‌ରୁ ସେ ଲୋକପ୍ରିୟତା ହାସଲ କରିଥିଲେ। ଏବେ ସେ ଅଭିନୟ ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ମନସ୍ଥ କରିଛନ୍ତି।




# ଶିଖ୍‌ଙ୍କୁ ଖଲିସ୍ତାନୀ ଆତଙ୍କବାଦୀ କହିଲେ କଙ୍ଗନା ରାନାୱତ୍



**ମୁମ୍ବାଇ:** ବିବାଦ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରନାୱତ୍‌ଙ୍କ ପିଛା ଛାଡୁନାହିଁ। ଶିଖ୍‌ମାନେ ଖଲିସ୍ତାନୀ ଆତଙ୍କବାଦୀ ବୋଲି ମନ୍ତବ୍ୟ ଦେଇ ସେ ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ସୋସିଆଲ ମିଡିଆରେ ସେ ବ୍ୟବହାର କରିଥିବା ଅପମାନଜନକ ଭାଷା ପାଇଁ ଶିଖ୍ ସମ୍ପ୍ରଦାୟ ସଦସ୍ୟଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। କଙ୍ଗନା ଉଦ୍ଦେଶ୍ୟମୂଳକ ଭାବେ ଚାଷୀ ଆନ୍ଦୋଳନକୁ ଖଲିସ୍ତାନୀ ଆନ୍ଦୋଳନ ସହ ତୁଳନା କରିଛନ୍ତି ଏବଂ ଶିଖ୍ ସମ୍ପ୍ରଦାୟକୁ ଖଲିସ୍ତାନୀ ଆତଙ୍କବାଦୀ କହିଛନ୍ତି। ଖଲିସ୍ତାନୀ ଆତଙ୍କବାଦୀ ଆଜି ସରକାରଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇପାରିଥାନ୍ତି। କିନ୍ତୁ ସେମାନେ ଭୁଲିଯିବା ଉଚିତ ନୁହେଁ ଯେ, କେବଳ ଜଣେ ମହିଳା ପ୍ରଧାନମନ୍ତ୍ରୀ ସେମାନଙ୍କୁ ନିଜ ଜୋତା ତଳେ ଚାପିଦେଇଥିଲେ ଓ ଦେଶକୁ ବିଭାଜିତ ହେବାକୁ ଦେଇ ନ ଥିଲେ ବୋଲି କଙ୍ଗନା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ମୁମ୍ବାଇର ବ୍ୟବସାୟୀ ଅମରଜିତ ସିଂ ସାନ୍ଧୁ, ଦିଲ୍ଲୀ ଶିଖ୍ ଗୁରୁଦ୍ୱାର ପରିଚାଳନା କମିଟି ଏବଂ ଶିରୋମଣି ଅକାଳୀ ଦଳ ପକ୍ଷରୁ ତାଙ୍କ ବିରୋଧରେ ଖାର୍ ଥାନାରେ ଏତଲା ଦାଏର ହୋଇଛି।












ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ନଭେମ୍ବର ୨୪/୨୦୨୧ Dhenkanal, Wednesday, November 24/ 2021




## ପ୍ରଥମ ଟେଷ୍ଟ: ଫଲୋଅନ ଏଡ଼ାଇଲା ୱେଷ୍ଟଇଣ୍ଡିଜ

**ଗାଲେ, ୨୩।୧୧:** ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଫଲୋଅନ ଏଡାଇବାରେ ସଫଳ ହୋଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମ ଇନିଂସରେ ୩୮୬ ରନ କରି ଅଲଆଉଟ ହେବା ପରେ ୱେଷ୍ଟଇଣ୍ଡିଜ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ୧୦୦ ରନରେ ୬ ଉଇକେଟ ହରାଇ ବିପଦରେ ପଡିଥିଲା। ତେବେ କାଏଲ ମେୟର୍ସ, ଜାସନ ହୋଲ୍ଡର ଓ ରାହକିମ କର୍ନୱାଲ ଲଢୁଆ ବ୍ୟାଟିଂ କରି ଦଳକୁ ଫଲୋଅନରୁ ବଞ୍ଚାଇଥିଲେ। ତୃତୀୟ ଦିବସ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ୮୦ ଓଭରରେ ୯ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଛି। ଫଳରେ ୱେଷ୍ଟଇଣ୍ଡିଜ ଗୋଟିଏ ଉଇକେଟ ହାତରେ ରଖି ଏବେ ୧୬୨ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟର ଜୋଶୁଆ ଡା ସିଲ୍‌ଭା ୧୧ ରନ କରି ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୧୩/୬ରୁ ୱେଷ୍ଟଇଣ୍ଡିଜ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ କାଏଲ ମେୟର୍ସ ୨୨ ଓ ଜାସନ ହୋଲ୍ଡର ୧ରୁ ଖେଳ ଆରମ୍ଭକରି ଯଥାକ୍ରମେ ୪୫ ଓ ୩୬ ରନକରି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୮୬/ ଅଲଆଉଟ। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୨୨୪/୯ (କାଏଲ ମେୟର୍ସ- ୪୫, କ୍ରେଗ ବ୍ରାଥୱେଟ- ୪୧, ଜାସନ ହୋଲ୍ଡର- ୩୬, ରାହକିମ କର୍ନୱାଲ- ୩୯, ପ୍ରବୀଣ ଜୟବିକ୍ରମା- ୩/୩୮, ରମେଶ ମେଣ୍ଡିସ- ୩/୭୫)।

# ଓଡ଼ିଶା ଫୁଟ୍‌ବଲ ଦଳର ନୂଆ ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୨୩।୧୧ (ସ୍ପୋର୍ଟ୍ସବ୍ୟୁରୋ)**

ଓଡ଼ିଶା ରାଜ୍ୟ ସିନିୟର ପୁରୁଷ ଓ ସିନିୟର ମହିଳା ଫୁଟବଲ ଦଳର ନୂଆ ଜର୍ସି ଉନ୍ମୋଚିତ ହୋଇଛି। ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜର୍ସି ଉନ୍ମୋଚନ କରାଯାଇଛି। ଏହି ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା, ଫୁଟବଲ ଆସୋସିଏଶନ ଅଫ୍ ଓଡିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପଲ, କ୍ରୀଡା ଓ ଯୁବସେବା ବିଭାଗ ଅଫିସର ଇନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଶୁଭେନ୍ଦୁ ପଣ୍ଡା, ମହିଳା ଦଳ କୋଚ୍ କ୍ରିସ୍‌ପିନ ଛେତ୍ରୀ ଓ ପୁରୁଷ ଦଳ କୋଚ୍ ସିଲମ ପଠାନ ପ୍ରମୁଖ ଉପସ୍ଥିତ ଥିଲେ। ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ପାଇଁ ଏକ ୨୦ ଜଣିଆ



ଓଡ଼ିଶା ମହିଳା ଓ ପୁରୁଷ ଫୁଟ୍‌ବଲ ଦଳର ଜର୍ସି ଉନ୍ମୋଚନ ଅବସରରେ ଅତିଥିଙ୍କ ସହ ଦୁଇ ଦଳର ଅଧିନାୟକ।

ଓଡ଼ିଶା ଦଳ ଚୟନ କରାଯାଇଛି ଓ ଏହି ଦଳ ୨୫ ତାରିଖ କେରଳ ଯାତ୍ରା କରିବ। ସେହିପରି ସନ୍ତୋଷ ଟ୍ରଫି ପାଇଁ ଏକ ୨୫ ଜଣିଆ ଓଡ଼ିଶା ପୁରୁଷ ଦଳ ଘୋଷଣା କରାଯାଇଛି। ଓଡ଼ିଶା ସନ୍ତୋଷ ଟ୍ରଫି ଦଳ ତା'ର ପ୍ରଥମ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଡିସେମ୍ବର ୧ ତାରିଖରେ ଖେଳିବ। ପୁରୁଷ ଓ ମହିଳା ଦଳକୁ ଆଶୀର୍ବାଦ, ଭିନିଲ କ୍ରିଷ୍ଣା ଆଗାମୀ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ ଓ ଶୁଭେଚ୍ଛା ଜଣାଇଥିଲେ। ସିନିୟର ମହିଳା ଦଳ: ସସ୍ମିତା ପରିଡା, ସ୍ୱନ୍ଦିତା ଦାସ, ରାଜେଶ୍ୱରୀ ଦାସ, ଜୁଲିକିଶାନ, ଜବାମଣୀ ଟୁଡୁ, କରିସ୍ମା ଓରାମ, ସୁମିତା ତନ୍ତୀ, ମମତା ପାତ୍ର, ରୁନୀ ନାୟକ, ମୁନିକା ମିଞ୍ଜ, ସୋନୀ ବେହେରା, ଯଶୋଦା ମୁଣ୍ଡା, ସତ୍ୟବତୀ ଖାଡିଆ, ସୁମିତ୍ରା ଖାଲେକୋ, ଦୀପା ନାୟକ, ସୁଭଦ୍ରା ସାହୁ, ବନ୍ୟା କବିରାଜ, ସରୋଜିନୀ ତିର୍କି, ଇଭା ପାନ୍ନା, ସୁମନ ପ୍ରଜ୍ଞା ମହାପାତ୍ର। **ସିନିୟର ମହିଳା ଦଳ:** ସସ୍ମିତା ପରିଡା, ସ୍ୱନ୍ଦିତା ଦାସ, ରାଜେଶ୍ୱରୀ ଦାସ, ଜୁଲିକିଶାନ, ଜବାମଣୀ ଟୁଡୁ, କରିସ୍ମା ଓରାମ, ସୁମିତା ତନ୍ତୀ, ମମତା ପାତ୍ର, ରୁନୀ ନାୟକ, ମୁନିକା ମିଞ୍ଜ, ସୋନୀ ବେହେରା, ଜଶୋଦା ମୁଣ୍ଡା, ସତ୍ୟବତୀ ଖାଡିଆ, ସୁମିତ୍ରା ଖାଲେକୋ, ଦୀପା ନାୟକ, ସୁଭଦ୍ର ସାହୁ, ବନ୍ୟା କବିରାଜ, ସାରୋଜିନୀ ତିର୍କି, ଇଭା ପାନ୍ନା, ସୁମନ ପ୍ରଜ୍ଞା ମହାପାତ୍ର। **ସପୋର୍ଟ ଷ୍ଟାଫ୍-** କ୍ରିସ୍‌ପିନ ଛେତ୍ରୀ (ମୁଖ୍ୟ କୋଚ୍), ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ (ସହକାରୀ କୋଚ୍), ଆଲୋଚନା ସେନାପତୀ (ଟିମ ମ୍ୟାନେଜର)। **ସନ୍ତୋଷ ଟ୍ରଫି ଓଡ଼ିଶା ପୁରୁଷ ଦଳ:** ଫଗୁ ବାସକେ, ସିଦ୍ଧାନ୍ତ ପ୍ରଧାନ, ଅମିତ କେରକିଟା, ପିଣ୍ଟୁ ସାମଲ, ରାକେଶ ଓରାମ, ଡି. ଶ୍ରୀନାଥ, ରୁଦ୍ର ପ୍ରସାଦ ପ୍ରଧାନ, ତେଜସ ନାୟକ, ବିଶାଲ ଟିକା, ପ୍ରବୀନ ଟିଗା, ପ୍ରଶାନ୍ତ ଶ୍ରୀହରୀ, ସଞ୍ଜୀବ ଓରାମ, ଅର୍ପନ ଲାକ୍ରା, ଜମୀର ଓରାମ, ସେକ ଫରିଦ, ଭିକି ସେଠୀ, ଫଗୁ ହେମ୍ବ୍ରମ୍, ରାଇସାନ ଟୁଡୁ, କାର୍ତ୍ତିକ ହଂସ୍ଦାଲ, ଅରବିନ ଲାକ୍ରା, ଚନ୍ଦ୍ର ମୁଦୁଲି, ସଚିନ କୁମାର ମଲିକ, ରଘୁ ମାରାଣ୍ଡି, ବିକାଶ କୁମାର ସାହୁ, ସେକ କମଲୁଦ୍ଦିନ।

# ହକି ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମ।

**ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ):** ଭୁବନେଶ୍ୱରଠାରେ ବୁଧବାରଠାରୁ ଆରମ୍ଭ ହେଉଥିବା ପୁରୁଷ ଜୁନିୟର ହକି ବିଶ୍ୱକପ୍-୨୦୨୧ରେ ସାମିଲ ହୋଇଥିବା ଭାରତୀୟ ଦଳରେ ଓଡ଼ିଶାର ୩ଜଣ ସଦସ୍ୟ ଅଭିଷେକ ଲାକ୍ରା, ସୁଦିପ୍ ଚିରମାକୋ ଏବଂ ସୁନିଲ୍ ଜୋଜୋ ରହିଛନ୍ତି। ଭାରତୀୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ମଙ୍ଗଳବାର ଏହି ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ 'ଜୟ ହୋ' ଗୀତର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହାସହ ଭାରତୀୟ ଦଳ ବିଶ୍ୱବିଜେତା ହେବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନେ ହକି ଷ୍ଟିକ୍ ସହ ୧୬ଟି ଦେଶର ପତାକା ଧରି ଚିଅର ଅପ୍ କରିଥିଲେ।

ଭାରତୀୟ ହକି ଦଳର ପୂର୍ବତନ କ୍ୟାପଟେନ୍ ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ହକି ଖେଳ ପ୍ରତି ଥିବା ଭଲପାଇବାକୁ ଦେଖି ବେଶ୍ ଆନନ୍ଦିତ ହେବା ସହ ସ୍କୁଲର କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ହକି ଖେଳରେ ନିଜକୁ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସ୍କୁଲର ଉଚ୍ଚମାନର ଖେଳ ଭିତ୍ତିଭୂମି ଆଗାମୀ ଦିନରେ ଅନେକ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠିତ ଖେଳାଳି ରୂପେ ଗଢ଼ି ତୋଳିବ ବୋଲି ସେ ପ୍ରକାଶ କରିଥିଲେ। ସ୍କୁଲ ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ହକି ପାଇଁ ଓଡ଼ିଶା ବିଶ୍ୱରେ ପରିଚିତ। ଏହି କାର୍ଯ୍ୟକ୍ରମ

**ଉଚ୍ଚମାନର ଖେଳ ଭିତ୍ତିଭୂମି ପ୍ରତିଷ୍ଠିତ ଖେଳାଳି ତିଆରି କରିବ : ଦିଲୀପ ତିର୍କୀ**

ଛାତ୍ରୀଛାତ୍ରଙ୍କୁ ହକି ଖେଳ ପ୍ରତି ଆକୃଷ୍ଟ କରିବ। କ୍ରୀଡ଼ା ଓ ଶିକ୍ଷାର ମିଶ୍ରଣ ଦ୍ୱାରା ଶରୀର, ମନ ଏବଂ ଆତ୍ମାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଡ. ସାହୁ କହିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଦିଲୀପ ତିର୍କୀଙ୍କ ସହ କିଛି ସମୟ ହକି ଖେଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଅନେକ କୌଶଳ ଶିଖିଥିଲେ। ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ୍ ପ୍ରକାଶ ସାହୁ ଉପସ୍ଥିତ ଥିଲେ।

# ପ୍ରତିଦ୍ୱନ୍ଦ୍ୱିତା କରିବେ ସିନ୍ଧୁ

**ନୂଆଦିଲ୍ଲୀ, ୨୩।୧୧ (ପି.ଟି.):** ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ଆଥ୍‌ଲେଟ୍ସ କମିଶନ (୨୦୨୧-୨୫) ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଭାରତର ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ। ଡିସେମ୍ବର ୧୭ରେ ସ୍ପେନରେ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଏହା ଅନୁଷ୍ଠିତ ହେବ। ଉପଲବ୍ଧ ୯ଟି ପଦବୀ ପାଇଁ ଯେଉଁ ୯ଜଣ ପ୍ରାର୍ଥୀଙ୍କ ନାମ ସୁପାରିସ ହୋଇଛି ସେମାନଙ୍କ ମଧ୍ୟରେ ସିନ୍ଧୁ ଅନ୍ୟତମ। ବର୍ତ୍ତମାନ ସେ ବାଲିଠାରେ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଇଭେଣ୍ଟରେ ଭାଗ ନେଉଛନ୍ତି। ବର୍ତ୍ତମାନର ଆଥଲେଟ୍ସ କମିଶନର ଏକମାତ୍ର ସଦସ୍ୟ ଭାବେ ସିନ୍ଧୁ ପୁନର୍ନିର୍ବାଚିତ ହେବାକୁ ଆଗ୍ରହୀ ଅଛନ୍ତି। ପ୍ରଥମେ ସେ ୨୦୧୭ରେ ନିର୍ବାଚିତ ହୋଇଥିଲେ। ସିନ୍ଧୁଙ୍କ ବ୍ୟତୀତ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଇଣ୍ଡୋନେସିଆର ଡବଲ୍ସ ଖେଳାଳି ଗ୍ରେସିଆ ପୋଲି ମଧ୍ୟ ନିର୍ବାଚନରେ ଅବତୀର୍ଣ୍ଣ ହେବେ।

# ଟେଷ୍ଟ ସିରିଜରୁ ବାଦ୍ ପଡ଼ିଲେ ରାହୁଲ

**କାନପୁର, ୨୩।୧୧ (ପି.ଟି.):** ଭାରତର ସିନିୟର ଓପନର କେ.ଏଲ୍. ରାହୁଲ ମଙ୍ଗଳବାର ଇଂଲଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ବାଦ୍‌ପଡ଼ିଛନ୍ତି। ସେ ତାଙ୍କ ବାମ ଜଙ୍ଘରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଇଂଲଣ୍ଡ ଟୁର୍ ବେଳେ ଭାରତୀୟ ଟେଷ୍ଟ ଦଳର ଅଂଶବିଶେଷ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଛି। ପ୍ରଥମ ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ଆରମ୍ଭ ହେବ। ରାହୁଲ ବର୍ତ୍ତମାନ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ରେ ରିହାବିଲିଟେଶନରେ ରହିବେ। ଆସନ୍ତା ମାସରେ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ସେ ନିଜକୁ ପ୍ରସ୍ତୁତ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ମଙ୍ଗଳବାର ଗ୍ରୀନ୍‌ପାର୍କ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରାକ୍ଟିସ ସେସନରେ ରାହୁଲଙ୍କୁ ଛାଡ଼ି ଅନ୍ୟ ସମସ୍ତ ଖେଳାଳି ଯୋଗ ଦେଇଥିଲେ। ୨୯ ବର୍ଷୀୟ ରାହୁଲ ଇତିମଧ୍ୟରେ ୪୦ ଟେଷ୍ଟ ଖେଳିସାରିଛନ୍ତି। ସେ ୩୫.୧୬ ଆଭରେଜରେ ୨୩୨୧ ରନ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ୧୯୯ ରହିଛି। ନେଟ ସେସନରେ ମୟଙ୍କ ଅଗ୍ରୱାଲଙ୍କ ସହ ଶୁଭମନ ଗିଲ୍ ବ୍ୟାଟିଂ ଓପନିଂ କରିଥିଲେ। ସିରିଜ ଓପନର ପାଇଁ ଉପ ଅଧିନାୟକ ମନୋନୀତ ହୋଇଥିବା ଚେତେଶ୍ୱର ପୂଜାରା ମଧ୍ୟ ବ୍ୟାଟିଂ କରିଥିଲେ। ଶ୍ରେୟାସ ଆୟାର କିମ୍ବା ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରୁ ଜଣେ କେହି ଟେଷ୍ଟ ପଦାର୍ପଣ କରିବା ଯଥେଷ୍ଟ ସମ୍ଭାବନା ରହିଛି। ତାଙ୍କୁ ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ହେବ। ଯୁବ ବ୍ୟାଟର ଶୁଭମନ ମିଡଲ ଅର୍ଡରରେ ବ୍ୟାଟିଂ କରିଥାନ୍ତେ। କିନ୍ତୁ ରାହୁଲଙ୍କ ଅନୁପସ୍ଥିତି ଯୋଗୁ ତାଙ୍କୁ ଓପନିଂରେ ବ୍ୟାଟିଂ ପାଇଁ କୁହାଯାଇପାରେ।




# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ହକିରେ ଭାଗନେବ କିଟ୍

**ଭୁବନେଶ୍ୱର, ୨୩।୧୧:** ଛତିଶଗଡ଼ର ବିଳାଶପୁରରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳ ପୁରୁଷ ହକି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ କିଟ୍ ଦଳ ବିଳାଶପୁର ଯାତ୍ରା କରିଛି। ଏହି ଟୁର୍ନାମେଣ୍ଟ ବିଳାଶପୁରର ଅଟଳ ବିହାରୀ ବାଜପାୟୀ ବିଶ୍ୱବିଦ୍ୟାଳୟ ଆୟୋଜନ ହେବ ଓ ଏହା ୨୭ ତାରିଖରେ ଶେଷ ହେବ। ଏଥର ସ୍ପୋର୍ଟ୍ସ କ୍ୟାଲେଣ୍ଡରରେ କିଟ୍ ବିଶ୍ୱବିଦ୍ୟାଳୟ ବିଭିନ୍ନ କ୍ରୀଡ଼ାରେ ଏକାଧିକ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୨୫ରୁ ୨୮ ତାରିଖ ମଧ୍ୟରେ କିଟ୍ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୋଗ (ପୁରୁଷ ଓ ମହିଳା) ପ୍ରତିଯୋଗିତା ଆୟୋଜନ କରିବ। ସେହିପରି ଡିସେମ୍ବର ୨୫ରୁ ୨୮ ତାରିଖ ମଧ୍ୟରେ ଅଲ ଇଣ୍ଡିଆ ଇଣ୍ଟର ଜୋନ ଟେନିସ ମଧ୍ୟ କିଟ୍ ଆୟୋଜନ କରିବ। ସେହିପରି ଆସନ୍ତାବର୍ଷ ଜାନୁୟାରୀ ୪ରୁ ୭ ତାରିଖ ମଧ୍ୟରେ ଅଲ ଇଣ୍ଡିଆ ଇଣ୍ଟର ଜୋନାଲ ଭଲିବଲ (ପୁରୁଷ ଓ ମହିଳା) ଟୁର୍ନାମେଣ୍ଟ ମଧ୍ୟ ଆୟୋଜନ କରାଯିବ। ସେହିପରି କିଟ୍‌ରେ ଅଲ ଇଣ୍ଡିଆ ଓମ୍ୟାନ ଇଣ୍ଟର ୟୁନିଭର୍ସିଟି ଆଥଲେଟିକ୍ସ ଜାନୁୟାରୀ ୧୨ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ।

ସେହିପରି କିସ୍ ଆୟୋଜନ କରିବ ଇଷ୍ଟ ଜୋନ ଇଣ୍ଟର ୟୁନିଭର୍ସିଟି ମହିଳା ଫୁଟବଲ ଟୁର୍ନାମେଣ୍ଟ। ଏହା ଡିସେମ୍ବର ୧୩ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ।

**କିଟରେ ଆୟୋଜନ ହେବ ଡବ୍ଲ୍ୟୁୟୁଜି ସିଲେକ୍ସନ ଟ୍ରାଏଲ**

୨୦୨୨ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ (ଡବ୍ଲ୍ୟୁୟୁଜି) ପାଇଁ କିଟ ବିଶ୍ୱବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। କିଟ୍‌ରେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଇଣ୍ଡିଆନ ୟୁନିଭର୍ସିଟି ଟିମ୍‌ର ସିଲେକସନ କମ୍ ଟ୍ରାଏଲ କିଟ୍‌ରେ କରାଯିବ। ସର୍ବାଧିକ ସଂଖ୍ୟାର କ୍ରୀଡ଼ାରେ ଚୟନ ପ୍ରକ୍ରିୟା ଆୟୋଜନ ହେବ। ଚାଇନାର ଚେଙ୍ଗଡୁରେ ଆସନ୍ତାବର୍ଷ ଜୁନ ୨୬ରୁ ଜୁଲାଇ ୭ ତାରିଖ ମଧ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କିଟ୍‌ରେ ଡବ୍ଲ୍ୟୁୟୁଜି ପାଇଁ ସୁମିଂ, ଟେନିସ, ଭଲିବଲ ଆଥଲେଟିକ୍ସରେ ପୁରୁଷ ଓ ମହିଳାଙ୍କ ପାଇଁ ଚୟନ ପ୍ରକ୍ରିୟା ଆୟୋଜନ ହେବ। ଆସନ୍ତା ଡିସେମ୍ବର ୨୫ରୁ ୨୬ରେ ସୁଇମିଂ, ୨୯ରୁ ୩୦ ମଧ୍ୟରେ ଟେନିସ, ଜାନୁୟାରୀ ୮ରୁ ୯ ମଧ୍ୟରେ ଭଲିବଲ ଓ ଜାନୁୟାରୀ ୧୬ରୁ୧୭ ମଧ୍ୟରେ ଆଲେଟିକ୍ସ ପାଇଁ ସିଲେକ୍ସନ ଟ୍ରାଏଲ ଆୟୋଜନ ହେବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ